RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR

VOLUME- 43 ISSUE-98 WEDNESDAY 1 OCTOBER 2025 PAGE-12 ₹ 6.00

ବର୍ଷ-୪୩ ସଂଖ୍ୟା-୯୮ ବୁଧବାର ୧ ଅକ୍ଟୋବର ୨୦୨୫ ପୃଷ୍ଠା-୧୨ ଟ.୬.୦୦



**ମଣ୍ଡପରେ ମା'** ଆଜି ମହାନବମୀ...

# ଟଙ୍କା ଦିଅ, ଚାକିରି ନିଅ

## ପୁଲିସ ଏସ୍‌ଆଇ ପଦ ନିଲାମ, ପ୍ରାରମ୍ଭିକ ମୂଲ୍ୟ ୨୫ ଲକ୍ଷ ଟଙ୍କା

■ **ବ୍ରହ୍ମପୁର/ଭୁବନେଶ୍ୱର, ୩୦।୯ (ସମିସ):** ନିଲାମ ହୋଇଛି ପୁଲିସ ଏସ୍‌ଆଇ ପଦ। ୨୫ ଲକ୍ଷରୁ ୩୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ଛିଡ଼ିଛି। ଶତାଧିକ ଆଶାୟୀଙ୍କଠାରୁ ଅଗ୍ରୀମ ୫ରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ ହୋଇଛି। ବକେୟା ଅର୍ଥ ପାଇଁ ସେମାନଙ୍କର ଶିକ୍ଷାଗତ ପ୍ରମାଣପତ୍ର ବନ୍ଧକ ରଖାଯାଇଛି। ଚାକିରି ପାଇଁ ମନୋନୀତ ହେବା ପରେ ସେମାନଙ୍କଠାରୁ ବକେୟା ଅର୍ଥ ଆଦାୟ କରାଯିବ ଓ ନିଯୁକ୍ତି ଭେରିଫିକେସନ ସମୟରେ ସାର୍ଟିଫିକେଟ ପ୍ରଦାନ କରାଯିବାକୁ ସର୍ତ୍ତ ରଖାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯେଉଁ ସଂସ୍ଥାକୁ ପରୀକ୍ଷା ପରିଚାଳନା ପାଇଁ ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ ଦାୟିତ୍ୱ ଦେଇଛି; ସେହି ସଂସ୍ଥା ହିଁ ଏହି ପିଲାମାନଙ୍କୁ ପରୀକ୍ଷା ପାଇଁ ଅଭ୍ୟାସ କରାଇବାକୁ ହାଇଦ୍ରାବାଦ ନେଇଛି। ସିଧାସିଧା କହିଲେ ଚୋର ହାତରେ ଚାବିକାଠି ଧରାଇଛି ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ। ଅନ୍ୟପକ୍ଷରେ କେଉଁମାନେ ପରୀକ୍ଷା ପାଇଁ ଆବେଦନ କରିଛନ୍ତି ସେ ତଥ୍ୟ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ନିକଟରେ କିପରି ପହଞ୍ଚିଲା ବୋଲି ପ୍ରଶ୍ନ ଉଠିଛି ଏବଂ ଏଥିରେ ପ୍ରତ୍ୟକ୍ଷ ଭାବରେ ଓପିଆର୍‌ବିର ଭୂମିକାକୁ ▶ପୃଷ୍ଠା-୭

**ହାଇଦ୍ରାବାଦ ଯିବା ବେଳେ ଧରାପଡ଼ିଲେ ୧୧୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ**

**ବିଳମ୍ବିତ ରାତିରେ ଶ୍ରୀକାକୁଲମରୁ ୩ଟି ବସ୍ ଅଟକାଇଲା ବ୍ରହ୍ମପୁର ପୁଲିସ**


**ବ୍ରହ୍ମପୁରରେ ଏଜେଣ୍ଟ ଓ ଆଶାୟୀଙ୍କୁ କ୍ରାଇମବ୍ରାଞ୍ଚ ଡିଜିଙ୍କ ମାରାଥନ ଜେରା**

### ପରୀକ୍ଷା ପୁଣି ସ୍ଥଗିତ

■ **ଭୁବନେଶ୍ୱର, ୩୦।୯ (ସମିସ):** ଓଡ଼ିଶା ପୁଲିସ ସବ୍ ଇନ୍ସପେକ୍ଟର (ଏସ୍‌ଆଇ) ନିଯୁକ୍ତି ପରୀକ୍ଷା ପୂର୍ବରୁ ଅଭ୍ୟାସ ପାଇଁ ହାଇଦ୍ରାବାଦ ଯାଉଥିବା ୧୧୦ ପିଲା ଧରା ପଡ଼ିବା ପରେ ଆସନ୍ତା ୫ ଓ ୬ ତାରିଖରେ ହେବାକୁଥିବା ପରୀକ୍ଷାକୁ ବାତିଲ କରାଯାଇଛି। ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋଡର୍‌ର ଅଧ୍ୟକ୍ଷ ତଥା ଜେଲ୍ ଡ଼ିଜି ସୁଶାନ୍ତ କୁମାର ନାଥ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରିଛନ୍ତି। ପୂର୍ବରୁ ଏହି ପରୀକ୍ଷା ମାର୍ଚ୍ଚ ୮ ଓ ୯ ତାରିଖରେ କରିବାକୁ ଧାର୍ଯ୍ୟ ହୋଇଥିଲା। ସେତେବେଳେ ମଧ୍ୟ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଆଶାୟୀମାନେ ଅଭିଯୋଗ କରିଥିଲେ ହେଁ ପରୀକ୍ଷା ପରିଚାଳନା ▶ପୃଷ୍ଠା-୭

### ବ୍ୟବସ୍ଥିତ ବିଫଳତା: ନବୀନ

■ **ଭୁବନେଶ୍ୱର,୩୦।୯ (ସମିସ):** ରାଜ୍ୟରେ ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ପୂର୍ବରୁ ଏଥିରେ ବଡ଼ ଦୁର୍ନୀତିର ଗନ୍ଧ ସୃଷ୍ଟି ହୋଇଛି। ଏଭଳି ଘଟଣା ପରେ ରାଜ୍ୟ ସରକାର ଏହି ପରୀକ୍ଷାକୁ ବାତିଲ କରିଛନ୍ତି। ରାଜ୍ୟରେ ଗୋଟିଏ ପରେ ଗୋଟିଏ ପରୀକ୍ଷାର ବିଭ୍ରାଟକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ଏହି ଘଟଣାକୁ ଉତ୍ଥାପନ କରି ନବୀନ ରାଜ୍ୟରେ ବିଭିନ୍ନ ପରୀକ୍ଷାରେ ହେଉଥିବା ତ୍ରୁଟି ଓ ଦୁର୍ନୀତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ▶ପୃଷ୍ଠା-୭



**ଏସ୍‌ଆଇ ନିଯୁକ୍ତି ପରୀକ୍ଷା ବାତିଲକୁ ନେଇ କ୍ଷୋଭ ପ୍ରକାଶ**

### ଶାରୀରିକ ପରୀକ୍ଷାରେ ପାସ୍ କଲେ ନିଯୁକ୍ତି ପକ୍କା

■ **ଭୁବନେଶ୍ୱର, ୩୦।୯ (ସମିସ):** ଶାରୀରିକ ପରୀକ୍ଷାରେ ପାସ୍ କରିବା ପରେ ଚାକିରି ଗ୍ୟାରେଣ୍ଟି। ତେବେ ଏଥିପାଇଁ ଦେବାକୁ ହେବ ମୋଟା ଅଙ୍କର ଅର୍ଥରାଶି। ଯେଉଁ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଇଛି, ସେହି ସଂସ୍ଥା ପରୀକ୍ଷାର୍ଥୀଙ୍କୁ ପାସ୍ କରିବାକୁ ବି ଦାୟିତ୍ୱ ନେଇଥିବା ବି ଅଭିଯୋଗ ହୋଇଛି। ହାଇଦ୍ରାବାଦରେ ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା ନିମନ୍ତେ ପ୍ରସ୍ତୁତ କରାଯିବାକୁ ଯୋଜନା ଫସରଫାଟିବା ପରେ ଗୋଟିଗୋଟି ରହସ୍ୟ ପଦାକୁ ଆସୁଛି।

ଅଭିଯୋଗ ଅନୁସାରେ ଲେଖିପଢ଼ି ଜାଣୁଥିବା ପିଲାଙ୍କୁ ଦଲାଲ୍‌ଙ୍କ ଜରିଆରେ ଯୋଗାଯୋଗ କରାଯାଇଛି। ସେମାନଙ୍କୁ ପ୍ରଶ୍ନପତ୍ର ଅଭ୍ୟାସ କରାଇ ଅଧିକ ନମ୍ବର ରଖିବା ପାଇଁ ବ୍ୟବସ୍ଥା ବି ହୋଇଛି। କେବଳ ଶାରିରୀକ ପରୀକ୍ଷା ପରୀକ୍ଷା (୮ ମିନିଟ୍‌ରେ ୧୬୦୦ ମିଟର୍) ଅତିକ୍ରମ କରିପାରିଲେ ଚାକିରି ସୁନିଶ୍ଚିତ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦିଆଯାଇ ଅଗ୍ରୀମ ନିଆଯାଇଛି। ଶାରିରୀକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଲିଖିତ ପରୀକ୍ଷା ସହ ▶ପୃଷ୍ଠା-୭

### ଦଶହରା ଶୁଭେଚ୍ଛା

ପବିତ୍ର ଦଶହରା ପର୍ବ ଅବସରରେ ଓଡ଼ିଶାର ସମସ୍ତ ଜନସାଧାରଣ, ପାଠକପାଠିକା, ବିଜ୍ଞାପନଦାତା, ଶୁଭେଚ୍ଛୁ ଓ ବିତରକ ବନ୍ଧୁଙ୍କୁ 'ସକାଳ' ପରିବାର ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା।

### ବିହାର ଏସ୍‌ଆଇଆର୍

## ୬୯ ଲକ୍ଷ ଭୋଟର୍ ବାଦ୍

■ **ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି):** ବିହାରରେ ବିବାଦୀୟ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟା ଶେଷ ହେବା ପରେ ଆଜି ନିର୍ବାଚନ କମିସନଙ୍କ ପକ୍ଷରୁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି। ଏଥିରେ ପ୍ରାୟ ୬୯ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଥିବା ବେଳେ ୨୧ ଲକ୍ଷ ନୂଆ ଭୋଟର ଯୋଡ଼ି ହୋଇଛନ୍ତି। ଏହାସହିତ ରାଜ୍ୟରେ ଭୋଟର ସଂଖ୍ୟା ୭ କୋଟି ୯୦ ଲକ୍ଷରୁ ୭ କୋଟି ୪୨ ଲକ୍ଷକୁ ହ୍ରାସ ପାଇଛି। ଏସ୍‌ଆଇଆର ମାମଲା ଏବେ ସୁପ୍ରିମ କୋର୍ଟଙ୍କ ବିଚାରାଧୀନ ଥିବା ବେଳେ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ ସଂଶୋଧନ ପ୍ରକ୍ରିୟାରେ କୌଣସି ପ୍ରକାର ତ୍ରୁଟି ଦେଖାଦେଲେ ସମଗ୍ର ସଂଶୋଧନ ପ୍ରକ୍ରିୟାକୁ ବାତିଲ କରିଦିଆଯିବ। ଏସ୍‌ଆଇଆର ପ୍ରକ୍ରିୟାକୁ ବିରୋଧ କରି ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ସର୍ବୋଚ୍ଚ ଅଦାଲତଙ୍କ ▶ପୃଷ୍ଠା-୭

**ଯୋଡ଼ିହେଲେ ୨୧.୫ ଲକ୍ଷ ଭୋଟର**

**ଭୋଟର ସଂଖ୍ୟା ୭.୪୨ କୋଟିକୁ ଖସିଲା**

### 'ସକାଳ'ର ଛୁଟି

ପବିତ୍ର ଦଶହରା ପର୍ବ ଉପଲକ୍ଷେ ଅକ୍ଟୋବର ୧, ୨ ଓ ୩ ତାରିଖ 'ସକାଳ' କାର୍ଯ୍ୟାଳୟ ଛୁଟି ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୫ ତାରିଖ (ରବିବାର) ପ୍ରକାଶ ପାଇବ।

*ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ*



## ଚେନ୍ନାଇରେ କୋଠା ଭୁଶୁଡ଼ି ୧୦ ମୃତ


ଚେନ୍ନାଇ, ୩୦।୯: ତାମିଲନାଡୁ ରାଜଧାନୀ ଚେନ୍ନଇରେ ଆଜି ଏକ ନିର୍ମାଣାଧୀନ କୋଠା ଭୁଶୁଡ଼ି ପଡ଼ିବାରୁ ୧୦ ଜଣ ଲୋକ ପ୍ରାଣ ହରାଇଛନ୍ତି ଏବଂ ଅନ୍ୟ ୧୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଏ ପର୍ଯ୍ୟନ୍ତ ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ତେବେ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିବା ସହିତ ଆହତମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ଆଜି ସନ୍ଧ୍ୟା ବେଳେ ଏନ୍ନୋର ଥର୍ମାଲ ପାୱାର ଷ୍ଟେସନ ପରିସରରେ ଏହି ଦୁର୍ଘଟଣା ଘଟିଛି। ଭୁଶୁଡ଼ି ପଡ଼ିଥିବା କୋଠା ଭିତରେ ଏବେ ବି ଅନେକ ଲୋକ ଚାପି ହୋଇ ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ଉଦ୍ୟମ ଚାଲିଛି। ଉଦ୍ଧାର କାର୍ଯ୍ୟରେ ପୁଲିସ ଓ ଦମକଳ ବାହିନୀକୁ ନିୟୋଜିତ କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ଶନିବାର ଦିନ ତାମିଲନାଡୁ କରୁରରେ ଆୟୋଜିତ ଏକ ଦଳୀୟ ରାଲିରେ ଦଳାଚକଟା ଯୋଗୁଁ ୪୧ ଜଣ ପ୍ରାଣ ହରାଇଥିଲେ।

## ପିଓକେରେ ପାକିସ୍ତାନ ବିରୋଧୀ ବିକ୍ଷୋଭ ଜୋରଦାର

ଇସଲାମାବାଦ, ୩୦।୯ (ଏଜେନ୍ସି): ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)ରେ ପାକିସ୍ତାନ ବିରୋଧୀ ବିକ୍ଷୋଭ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ହିଂସାତ୍ମକ ସଂଘର୍ଷରେ ୨ ଜଣଙ୍କ ମୃତ୍ୟୁ ହେବା ପରେ ପାକିସ୍ତାନ ସରକାର ଏବଂ ସେନାର ଅତ୍ୟାଚାର ବିରୋଧରେ ଲୋକେ ଆଜି ବିକ୍ଷୋଭକୁ ଜୋରଦାର କରିଛନ୍ତି। ଉତ୍ତ୍ୟକ୍ତ ଲୋକେ ପୋଲ ଉପରେ ରଖାଯାଇଥିବା କଣ୍ଟେନରଗୁଡିକୁ ନଦୀକୁ ଖସାଇ ଦେଇଛନ୍ତି। ପ୍ରଦର୍ଶନକାରୀଙ୍କୁ ରୋକିବା ପାଇଁ ସେନା ଏହି କଣ୍ଟେନରଗୁଡ଼ିକୁ ରଖିଥିଲା। ମୌଳିକ ଅଧିକାରକୁ ପ୍ରତ୍ୟାଖ୍ୟାନ କରିବା ନେଇ ଆୱାମୀ ଆକ୍ସନ୍ କମିଟି (ଏସିସି) ଚାଲିଥିବା ଏହି ବିକ୍ଷୋଭ ସମୟରେ ସୁରକ୍ଷାବାହିନୀ ସହ ଲୋକେ ମୁହାଁମୁହିଁ ହୋଇଥିଲେ। ଆଜି ଦୋକାନ, ବଜାର ଏବଂ ସ୍ଥାନୀୟ ବ୍ୟବସାୟ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା। ପରିବହନ ସେବା ମଧ୍ୟ ପ୍ରଭାବିତ ହୋଇଥିଲା।ଆଜି ପ୍ରଦର୍ଶନକାରୀମାନେ ପୁଲିସ ଉପରେ ପଥର ଫିଙ୍ଗିବା ସହିତ ପୁଣି ମୁହାଁମୁହିଁ ହୋଇଥିଲେ। ଏଥିରେ ଭୟଭୀତ ହୋଇ ସୁରକ୍ଷାକର୍ମୀ ପଛଘୁଞ୍ଚା ଦେଇଥିଲେ। ବିକ୍ଷୋଭକାରୀ ଠେଙ୍ଗାବାଡି ଏବଂ ଅସ୍ତ୍ରଶସ୍ତ୍ର ଧରି ପାକିସ୍ତାନ ବିରୋଧରେ ସ୍ଲୋଗାନ ଦେଇଥିଲେ। ୩୮ ଦାବି ପୂରଣ ପାଇଁ କହିଥିଲେ।

## ରିଆ ଚକ୍ରବର୍ତ୍ତୀଙ୍କୁ ଆଶ୍ୱସ୍ତି

ମୁମ୍ବାଇ, ୩୦।୯ (ଏଜେନ୍ସି): ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ମାମଲାରେ ଫସିଥିବା ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କୁ ବମ୍ବେ ହାଇକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି। ରିଆଙ୍କୁ



ପାସପୋର୍ଟ ଫେରାଇବା ପାଇଁ କୋର୍ଟ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)କୁ ନିର୍ଦ୍ଦେଶ ଦେଇଛନ୍ତି। ସୁଶାନ୍ତଙ୍କ ମୃତ୍ୟୁ ପରେ ଏକ ଡ୍ରଗ୍ସ ମାମଲାରେ ୨୦୨୦ରେ ରିଆଙ୍କୁ ଗିରଫ କରାଯାଇଥିଲା। ପାସପୋର୍ଟ ସମର୍ପଣ କରିବା ସର୍ତ୍ତରେ ଏହି ମାମଲାରେ ତାଙ୍କୁ ଜାମିନ ମିଳିଥିଲା। ପାସ୍‌ପୋର୍ଟ ପାଇଁ ରିଆ କରିଥିବା ଆବେଦନରେ କୁହାଯାଇଥିଲା ଯେ ଏହି ସର୍ତ୍ତ ଯୋଗୁଁ ତାଙ୍କର ବହୁ କ୍ଷତି ହେଉଛି। ତାଙ୍କ କାମରେ ସମସ୍ୟା ସୃଷ୍ଟି ହେଉଛି। ଏଥିପାଇଁ ତାଙ୍କୁ ଅନେକ ପ୍ରୋଜେକ୍ଟ ହରାଇବାକୁ ପଡୁଛି। ଓକିଲ କହିଥିଲେ ଯେ ରିଆ ସମସ୍ତ ଜାମିନ ସର୍ତ୍ତାବଳୀ ପାଳନ କରିଛନ୍ତି। କେବେବି କୋର୍ଟଙ୍କ ନିର୍ଦ୍ଦେଶ ଉଲ୍ଲଂଘନ କରିନାହାନ୍ତି। ବୃତ୍ତି ପାଇଁ ତାଙ୍କୁ ସୁଟିଂ, ଅଡିସନ୍ ଏବଂ ବୈଠକ ପାଇଁ ବାରମ୍ବାର ବିଦେଶ ଯାତ୍ରା କରିବାକୁ ପଡିଥାଏ। ତେଣୁ ପାସପୋର୍ଟ ଫେରାଇବାକୁ ସେ ନିବେଦନ କରିଥିଲେ।

## ବିଜେପି ନେତା ବିଜୟ କୁମାରଙ୍କ ପରଲୋକ

ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି): ବରିଷ୍ଠ ବିଜେପି ନେତା ବିଜୟ କୁମାର ମାଲହୋତ୍ରାଙ୍କ ପରଲୋକ ହୋଇଛି। ସେ ଗତ କିଛି ଦିନ ହେଲା ଦିଲ୍ଲୀ ଏମ୍ସରେ ଚିକିତ୍ସାଧିନ ଥିଲେ। ସେ ମଙ୍ଗଳବାର ସକାଳେ ୯୩ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଦିବଂଗତ ମାଲହୋତ୍ରା ଦିଲ୍ଲୀରୁ ପାଞ୍ଚଥର ସାଂସଦ ଏବଂ ଦୁଇଥର ବିଧାୟକ ହୋଇଥିଲେ। ସେ ୧୯୮୦ରେ ଦିଲ୍ଲୀର ପ୍ରଥମ ବିଜେପି ସଭାପତି ହୋଇଥିଲେ। ୧୯୯୯ ଲୋକସଭା ନିର୍ବାଚନରେ ସେ ଦକ୍ଷିଣ ଦିଲ୍ଲୀରୁ କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ପରାସ୍ତ କରିଥିଲେ। ଜଣେ ସଚ୍ଚୋଟ ନେତା ଭାବେ ସେ ଖ୍ୟାତି ଅର୍ଜନ କରିଥିଲେ। ରାଜନୈତିକ କ୍ୟାରିୟରରେ ତାଙ୍କ ଉପରେ କୌଣସି ଦାଗ ଲାଗି ନ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ ଅନେକ ବରିଷ୍ଠ ବିଜେପି ନେତା ତାଙ୍କୁ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

# ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ, ୧୩ ନିହତ

ଇସଲାମାବାଦ, ୩୦।୯ (ଏଜେନ୍ସି): ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନରେ ମଙ୍ଗଳବାର ଅପରାହ୍ଣରେ ଆତଙ୍କବାଦୀ ଆକ୍ରମଣ ହୋଇଛି। ବେଲୁଚିସ୍ତାନ ପ୍ରଦେଶ କ୍ୱେଟାର ଜରଘୁନ ରୋଡ ସ୍ଥିତ ଫ୍ରଣ୍ଟିୟର କନଷ୍ଟାବୁଲାରି (ଏଫ୍‌ସି) ମୁଖ୍ୟାଳୟ ବାହାରେ ଆତ୍ମଘାତୀ ବିସ୍ଫୋରଣ ହୋଇଛି। ଏଥିରେ ୧୩ ଜଣଙ୍କ ମୃତ୍ୟୁ ହୋଇଛି।୩୨ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ପୁଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ ମଡେଲ ଟାଉନରୁ ହାଲି ରୋଡ ଅଭିମୁଖେ ଯାଉଥିବା ଏକ ଗାଡ଼ିରେ ବିସ୍ଫୋରଣ ହୋଇଥିଲା। ଏହା ଏତେ ଭୟଙ୍କର ଥିଲା ଯେ ସାରା ଅଞ୍ଚଳକୁ ଦୋହଲାଇ ଦେଇଥିଲା। ଆଖପାଖରେ ଥିବା ଅନେକ ଘର ବିସ୍ଫୋରଣରେ କ୍ଷତିଗ୍ରସ୍ତ ହୋଇଥିଲା। ଝରକା, କବାଟ ଭାଙ୍ଗି ଯାଇଥିଲା। ଏହା ପରେ ଅଞ୍ଚଳରେ ଗୁଳିମାଡ଼ ଶବ୍ଦ ଶୁଣାଯାଇଥିଲା। ଏହାକୁ ନେଇ ଆଖପାଖ ଅଞ୍ଚଳରେ ଆତଙ୍କ ଖେଳି ଯାଇଥିଲା। ଏହାର ସୂଚନା ପାଇ ସୁରକ୍ଷାବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲା। ଅଞ୍ଚଳକୁ ଘେରାଉ କରି ତଲାସୀ ଅଭିଯାନ ଆରମ୍ଭ କରିଥିଲା।

ଏହି ବିସ୍ଫୋରଣର ସିସିଟିଭି ଫୁଟେଜ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ରାଜ୍ୟରେ ଏମର୍ଜେନ୍ସି ଘୋଷଣା କରାଯାଇଛି। ହସ୍ପିଟାଲଗୁଡିକୁ ସତର୍କ କରି ରଖାଯାଇଛି। କର୍ମଚାରୀ, ଡାକ୍ତରଙ୍କ ଛୁଟି ବାତିଲ କରିଦିଆଯାଇଛି। ଏ ପର୍ଯ୍ୟନ୍ତ କୌଣସି ଆତଙ୍କବାଦୀ ସଂଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି। କିନ୍ତୁ ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲି ଜରଦାରୀ ଏଥିପାଇଁ ତେହରିକ-ଇ-ତାଲିବାନକୁ ଦାୟୀ କରିଛନ୍ତି। ସେ କହିଛନ୍ତି ଯେ ଭାରତ ପାଇଁ କାମ କରୁଥିବା ଲୋକେ ଶାନ୍ତି ଭଙ୍ଗ କରିପାରିବେ ନାହିଁ। ସୁରକ୍ଷା ବାହିନୀ ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ନେଇ ଆତଙ୍କବାଦୀଙ୍କ ମନ୍ଦ ଉଦ୍ଦେଶ୍ୟକୁ ବିଫଳ କରିଦେଇଛି। ସେହିପରି ବେଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ଏହି ଘଟଣାକୁ ଆତଙ୍କବାଦୀ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣ ପରେ ସୁରକ୍ଷାବାହିନୀ ଚାରି ଆତଙ୍କବାଦୀଙ୍କୁ ନିପାତ କରିଛି ବୋଲି ସେ କହିଛନ୍ତି।



### ଦଳାଚକଟାକୁ ନେଇ ବିଜୟଙ୍କ ଅଭିଯୋଗ

## ପ୍ରତିଶୋଧ ନେଉଛନ୍ତି ଷ୍ଟାଲିନ୍



ଚେନ୍ନଇ, ୩୦।୯ (ଏଜେନ୍ସି): କରୁର ଦଳାଚକଟାର ଦୁଇ ଦିନ ପରେ ଅଭିନେତାରୁ ରାଜନେତା ପାଲଟି ଥିବା ତାମିଲଗା ଭେଟ୍ରି କଝଗମ (ଟିଭିକେ) ଦଳର ମୁଖ୍ୟ ବିଜୟ ମଙ୍ଗଳବାର ସାମ୍ନାକୁ ଆସିଛନ୍ତି। ସେ ଏକ ଭିଡିଓ ଜାରି କରି ଏହି ଅଘଟଣ ତାଙ୍କୁ ଗଭୀର ଆଘାତ ଦେଇଥିବା କହିଛନ୍ତି। ଏଭଳି ହେବାର ନ ଥିଲା। ସେ ଖୁବଶୀଘ୍ର କରୁର ଗସ୍ତରେ ଯିବେ ବୋଲି ସୂଚନା ଦେଇଛନ୍ତି। ଏହା ସହିତ ସେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଲଗାଇଛନ୍ତି। ଷ୍ଟାଲିନ ପ୍ରତିଶୋଧ ନେବାକୁ ପ୍ରୟାସ କରୁଥିବା ବିଜୟ କହିଛନ୍ତି। ଆମେ କିଛି ଭୁଲ୍ କରିନାହୁଁ। ଯଦି ପ୍ରତିଶୋଧ ନେବାକୁ ଚାହୁଁଛନ୍ତି ତେବେ ଷ୍ଟାଲିନ ମୋ ପାଖକୁ ପଳାଇ ଆସନ୍ତୁ। ଘରେ କିମ୍ବା ଅଫିସରେ ମୁଁ ସାକ୍ଷାତ କରିବି। ଦଳର ପଦାଧିକାରୀଙ୍କୁ ପୁଲିସ ଗିରଫ କରୁଛି। ପଦାଧିକାରୀଙ୍କ କୌଣସି କ୍ଷତି ନ କରିବା ପାଇଁ ଷ୍ଟାଲିନଙ୍କୁ ବିଜୟ ଅନୁରୋଧ କରିଛନ୍ତି। ଖୁବଶୀଘ୍ର ସତ୍ୟ ସାମ୍ନାକୁ ଆସିଯିବ ବୋଲି କହିଛନ୍ତି। ଏହି ଅଘଟଣକୁ ନେଇ ମୁଁ ଦୁଃଖିତ। ଆମେ ରାଜନୈତିକ ଯାତ୍ରାରେ ଅଛୁ। ଏହାକୁ ନେଇ ମଝବୁତ ଏବଂ ସାହସର ସହ ଆଗକୁ ବଢିବୁ।

ସୂଚନା ଅନୁଯାୟୀ ଗତ ୨୭ ତାରିଖରେ କରୁରର ନିର୍ବାଚନୀ ରାଲିରେ ଦଳାଚକଟା ହୋଇଥିଲା। ଏଥିରେ ୪୧ ଜଣ ପ୍ରାଣ ହରାଇଛନ୍ତି। ୫୧ ଜଣ ଆହତ ହୋଇ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ତାମିଲନାଡୁ ପୁଲିସ ଏହି ମାମଲାରେ ତିନି ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ଟିଭିକେ ଜିଲ୍ଲା ସଚିବ ଭିବି ମାଥିୟାଲଗନ, ପଦାଧିକାରୀ ପୌନରାଜ ଏବଂ ଜଣେ ସାମ୍ବାଦିକ ସାମିଲ ଅଛନ୍ତି। କୋର୍ଟ ମଙ୍ଗଳବାର ଦୁଇ ପଦାଧିକାରୀଙ୍କୁ ୧୪ ଦିନ ପାଇଁ ନ୍ୟାୟିକ ହେପାଜତକୁ ପଠାଇ ଦେଇଛନ୍ତି। ସେହିପରି ଆଜି ସକାଳେ ସାମ୍ବାଦିକ ତଥା ୟୁଟ୍ୟୁବର ଫେଲିକ୍ସ ଗେରାଲ୍ଡଙ୍କୁ ଗିରଫ କରାଯାଇଛି। ସେ ମିଥ୍ୟା ପ୍ରଚାରପ୍ରସାର କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏନ୍‌ଡିଏ ସାଂସଦ ଆଜି କୋଏମ୍ବାଟୁରରେ ପହଞ୍ଚିଛନ୍ତି। ଏହି କମିଟିରେ ହେମା ମାଳିନୀ, ଅନୁରାଗ ଠାକୁରଙ୍କ ସମେତ ୮ ସଦସ୍ୟ ସାମିଲ ଅଛନ୍ତି। ଦଳାଚକଟାକୁ ନେଇ ଏକ ଏତଲା ରୁଜୁ କରାଯାଇଛି। କିନ୍ତୁ ବିଜୟଙ୍କ ବିରୋଧରେ ମାମଲା ରୁଜୁ ହୋଇନି। ମାତ୍ର ଅଭିନେତା ଜାଣିଶୁଣି ରାଲିରେ ବିଳମ୍ବରେ ପହଞ୍ଚିବାରୁ ଦଳାଚକଟା ହେଲା ବୋଲି କୁହାଯାଇଛି।

## ଆମେରିକା ଚାପରେ ପାକ୍ ବିରୋଧରେ ହୋଇନଥିଲା କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି): ଦିବଂଗତ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ସରକାରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଥିବା ପି. ଚିଦମ୍ବରମ ବଡ଼ ଖୁଲାସା କରିଛନ୍ତି। ସେ ୧୭ ବର୍ଷ ପରେ ୨୬।୧୧ ମୁମ୍ବାଇ ଆକ୍ରମଣକୁ ନେଇ ବଡ଼ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଆକ୍ରମଣ ପରେ ତାଙ୍କ ମନରେ ପାକିସ୍ତାନଠାରୁ ପ୍ରତିଶୋଧ ନେବାର ଭାବନା ଆସିଥିଲା। କିନ୍ତୁ ସେତେବେଳର କଂଗ୍ରେସ ସରକାର ସାମରିକ କାର୍ଯ୍ୟାନୁଷ୍ଠାନ ନ ନେବାକୁ ନିଷ୍ପତ୍ତି ନେଇଥିଲା। ଏହା ପଛରେ ଅନ୍ତର୍ଜାତୀୟ ଚାପ ରହିଥିଲା। ଆମେରିକା ସମେତ ସାରା ବିଶ୍ୱ ସାମରିକ କାର୍ଯ୍ୟାନୁଷ୍ଠାନ ନ ନେବାକୁ ଚାପ ପକାଉ ଥିଲା। କାର୍ଯ୍ୟଭାର ସମ୍ଭାଳିବାର ଦୁଇ ଦିନ ପରେ ଆମେରିକା ବୈଦେଶିକ ମନ୍ତ୍ରୀ କୋଣ୍ଡାଲିଜା ରାଇସ ଦିଲ୍ଲୀ ଆସି ତାଙ୍କୁ ଏବଂ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ଭେଟି ଥିଲେ। କୌଣସି ପଦକ୍ଷେପ ନ ନେବାକୁ ଅନୁରୋଧ କରିଥିଲେ। କିନ୍ତୁ ଏ ବିଷୟରେ ସରକାର ନିଷ୍ପତ୍ତି ନେବେ ବୋଲି ଚିଦମ୍ବରମ ରାଇସଙ୍କୁ ଜଣାଇ ଥିଲେ। ଏକ ଟିଭି ଚ୍ୟାନେଲକୁ ସାକ୍ଷାତକାର ଦେଇ ଚିଦମ୍ବରମ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି।

### ୨୬।୧୧ ଆକ୍ରମଣକୁ ନେଇ ଚିଦମ୍ବରମଙ୍କ ଖୁଲାସା



୨୦୦୮ରେ ମୁମ୍ବଇ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏଥିରେ ୧୭୫ ଜଣଙ୍କ ଜୀବନ ଯାଇଥିଲା। ୧୦ ଆତଙ୍କବାଦୀ ୬୦ ଘଣ୍ଟା ପର୍ଯ୍ୟନ୍ତ ମୁମ୍ବଇ ରାସ୍ତା, ତାଜ ହୋଟେଲ, ସିଏସଟି ରେଲୱେ ଷ୍ଟେସନ, ନରିମନ ହାଉସ ଏବଂ କାମା ହସ୍ପିଟାଲକୁ ନିଶାଣ କରି ପ୍ରବଳ ଗୁଳିଗୋଳା ମାଡ଼ କରିଥିଲେ। ଚିଦମ୍ବରମ କହିଛନ୍ତି ଯେ ସେତେବେଳେ ଆମ ଉପରେ ସାରା ବିଶ୍ୱର ଚାପ ଥିଲା। ଯୁଦ୍ଧ ନ କରିବା ପାଇଁ ଆମକୁ ବୁଝା ଯାଉଥିଲା। କିନ୍ତୁ ସେ ଏ ନେଇ ପ୍ରଧାନମନ୍ତ୍ରୀ ଏବଂ ଅନ୍ୟମାନଙ୍କ ସହ ଚର୍ଚ୍ଚା କରିଥିଲେ। ଆକ୍ରମଣ ସମୟରେ ମନମୋହନ ସିଂହ ଏ ବିଷୟରେ ଆଲୋଚନା କରି ନେଇଥିଲେ। ବିଦେଶ ମନ୍ତ୍ରାଳୟ ପ୍ରତ୍ୟକ୍ଷ ଆକ୍ରମଣ କରିବାକୁ ଚାହୁଁ ନ ଥିଲା। ତେଣୁ ମନ୍ତ୍ରାଳୟର ଆଭିମୁଖ୍ୟ ଏବଂ ଚାପ ଲାଗି ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାକୁ ନିଷ୍ପତ୍ତି ନେଇଥିଲେ।

ଅନ୍ୟପକ୍ଷରେ ଚିଦମ୍ବରମଙ୍କ ଏହି ଟିପ୍ପଣୀକୁ ନେଇ ବିଜେପି ତୀବ୍ର ସମାଲୋଚନା କରିଛି। କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏହି ସାକ୍ଷାତକାରର ଏକ ଭିଡିଓ ସେୟାର କରି କହିଛନ୍ତି ଯେ ବିଦେଶୀ ଚାପରେ ପଡି ସଠିକ ଜବାବ ଦିଆଯାଇ ନ ଥିବା ସେ ନିଜେ ସ୍ୱୀକାର କରିଛନ୍ତି। ବିଜେପି ପ୍ରବକ୍ତା ଶେହଜାଦ ପୁନାୱାଲା କହିଛନ୍ତି ଯେ ମୁମ୍ବାଇ ଆକ୍ରମଣ ପରେ ଚିଦମ୍ବରମ ପଦଭାର ସମ୍ଭାଳିବାକୁ ଚାହୁଁ ନ ଥିଲେ। ସେ ପାକିସ୍ତାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଚାହୁଁଥିଲେ। କିନ୍ତୁ ଅନ୍ୟମାନେ ତାଙ୍କ ଉପରେ ଭାରି ପଡ଼ି ଯାଇଥିଲେ।

## ମହାରାଷ୍ଟ୍ର ସରକାରୀ ମେଣ୍ଟରେ ଫାଟ

### ପୌର ନିର୍ବାଚନ ପୂର୍ବରୁ

ମୁମ୍ବଇ, ୩୦।୯ (ଏଜେନ୍ସି): ଆସନ୍ତା ବର୍ଷ ଜାନୁଆରୀ ୩୧ରେ ମହାରାଷ୍ଟ୍ର ପୌର ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ଶାସକ ଏବଂ ବିରୋଧୀ ଦଳଗୁଡିକ ଜୋରସୋରରେ ଲାଗି ପଡ଼ିଛନ୍ତି। ଏପରି ସମୟରେ ସରକାରୀ ମେଣ୍ଟ ମହାଯୁତିରେ ଫାଟ ଦେଖାଯାଇଛି। ଶିବସେନା ମୁଖ୍ୟ ଏକନାଥ ସିନ୍ଦେଙ୍କ ପରେ ଏନ୍‌ସିପି ମୁଖ୍ୟ ତଥା ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର ଆଭିମୁଖ୍ୟ ସରକାରଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। କିଏ ସର୍ବାଧିକ ଆସନରେ ଲଢିବ ତାହାକୁ ନେଇ ମେଣ୍ଟରେ ଫାଟ ଦେଖାଯାଇଛି।

ନିର୍ବାଚନକୁ ନେଇ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ରବିବାର ଦଳର ପ୍ରମୁଖ ନେତା ଏବଂ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସେ ଆସନ ବଣ୍ଟନରେ ସମ୍ମାନଜନକ ରଣନୀତି ଆପଣାଇବାକୁ ପରାମର୍ଶ ଦେଇଛନ୍ତି। ସେ ମୁମ୍ବଇ ଏବଂ ଥାନେରେ ସ୍ୱାଧୀନ ଭାବରେ ନିର୍ବାଚନ ଲଢ଼ିବା ବିଷୟରେ ଆଲୋଚନା କରିଛନ୍ତି। ଅଜିତ ପାୱାରଙ୍କ ଏନସିପି ମଧ୍ୟ ଏଥିପାଇଁ ବୈଠକ ଜାରି ରଖିଛି। ପୁନେ ଏବଂ ଦଳ ପ୍ରଭାବରେ ଥିବା ଅନ୍ୟ କିଛି ନଗର ନିଗମରେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବା ପାଇଁ ତାଙ୍କ ଦଳ ବିଚାର କରୁଛି। ଏନ୍‌ସିପିର କାର୍ଯ୍ୟନିର୍ବାହୀ ସଭାପତି ପ୍ରଫୁଲ ପଟେଲ କହିଛନ୍ତି ଯେ ପୌର ନିର୍ବାଚନରେ କର୍ମୀମାନେ ଲଢ଼ିବାକୁ ଚାହୁଁଛନ୍ତି। ପ୍ରମୁଖ ନିର୍ବାଚନରେ ମେଣ୍ଟ ସମ୍ଭବ। ଏହା ସତ୍ତ୍ୱେ କର୍ମୀଙ୍କ ଭାବନାକୁ ସମ୍ମାନ ଜଣାଇ ସ୍ୱାଧୀନ ଭାବେ ଲଢ଼ିବା ଭଲ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ପିମ୍ପରି ଚିଞ୍ଚୱାର୍ଡରେ ଏକ ରାଲିକୁ ସମ୍ବୋଧନ କରି ଅଜିତ ମଧ୍ୟ ଏଭଳି ଟିପ୍ପଣୀ ଦେଇଥିଲେ। ପୂର୍ବତନ ସରକାର ଏମ୍‌ଭିଏରେ ଥିବାବେଳେ ବି ସ୍ୱାଧୀନ ଭାବେ ପୌର ନିର୍ବାଚନ ଲଢିଥିଲୁ ବୋଲି କହିଥିଲେ। ତେଣୁ ଯେଉଁଠି ସମ୍ଭବ ସେଇଠି ସ୍ୱାଧୀନ ଭାବେ ଲଢ଼ିବାକୁ ପ୍ରସ୍ତୁତ ରହିବା ପାଇଁ ସେ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଶିବସେନା ଏବଂ ଏନ୍‌ସିପିର ଏଭଳି ଆଭିମୁଖ୍ୟକୁ ନେଇ ବିଜେପି କି ପଦକ୍ଷେପ ନେଉଛି ତାହା ଦେଖିବା ବାକି ରହିଲା।

## ନାବାଳକଙ୍କଠୁ ଭରଣପୋଷଣ ଦାବି ଆଇନଗତ: ହାଇକୋର୍ଟ

ଲକ୍ଷ୍ନୌ, ୩୦।୯ (ଏଜେନ୍ସି): ଆହ୍ଲାବାଦ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସିଆରପିସିର ଧାରା ୧୨୫ ଏବଂ ୧୨୮ ଅନୁଯାୟୀ ଜଣେ ନାବାଳକଙ୍କ ବିରୋଧରେ ଭରଣପୋଷଣ ଦାବି କରାଯାଇପାରିବ। ବିବାହକୁ ବେଆଇନ କହି ନାବାଳକ ଏହା ଦେବାକୁ ମଧ୍ୟ ମନା କରିପାରିବେ ନାହିଁ। ବାଲ୍ୟବିବାହ ଏବଂ ନାବାଳକ ସ୍ୱାମୀଙ୍କଠାରୁ ଭରଣପୋଷଣ ଦାବି ସମ୍ବନ୍ଧୀୟ ଏକ ମାମଲାର ଶୁଣାଣି କରି ବିଚାରପତି ମଦନ ପାଲ ସିଂହ ଏହି ରାୟ ଦେଇଛନ୍ତି। ସେ କହିଛନ୍ତି ଯେ ସିଆରପିସିର ଧାରା ୧୨୫ ଅନୁଯାୟୀ ଜଣେ ନାବାଳକଙ୍କ ବିରୋଧରେ ଦାଏର ଆବେଦନର ଶୁଣାଣି କରିବାରେ କୌଣସି କଟକଣା ନାହିଁ। ଏହି ମାମଲାରେ ସ୍ୱାମୀ କହିଥିଲେ ଯେ ୧୩ ବର୍ଷ ବୟସରେ ସେ ବିବାହ କରିଥିଲେ। ଦୁଇ ବର୍ଷ ପରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ସ୍ୱାମୀଙ୍କୁ ୧୬ ବର୍ଷ ହୋଇଥିବାବେଳେ ନିର୍ଯାତନା ଏବଂ ଯୌତୁକ ମାଗିବାରୁ ସ୍ତ୍ରୀ ଅଲଗା ହୋଇ ଯାଇଥିଲେ। ସେ ଧାରା ୧୨୫ ଅଧିନରେ ଭରଣପୋଷଣ ପାଇଁ ଦାବି ଦାଖଲ କରିଥିଲେ। ଏହି ମାମଲାରେ ପରିବାର କୋର୍ଟ ସ୍ତ୍ରୀଙ୍କ ପାଇଁ ୫,୦୦୦ ଏବଂ ଝିଅ ପାଇଁ ୪,୦୦୦ ଟଙ୍କା ମୋଟ ୯,୦୦୦ ଟଙ୍କାର ମାସିକ ଭରଣପୋଷଣ ଆଦେଶ ଦେଇଥିଲେ। ସ୍ୱାମୀ ଏହାକୁ ବିରୋଧ କରି ହାଇକୋର୍ଟ ଯାଇଥିଲେ।

ଏହାର ଶୁଣାଣି କରି କୋର୍ଟ କହିଛନ୍ତି ଯେ ସିଆରପିସିର ଧାରା ୯ ଅନୁଯାୟୀ ଅଭିଭାବକଙ୍କ ମାଧ୍ୟମରେ ନାବାଳକମାନଙ୍କ ବିରୋଧରେ ଦାବି ଆଣିବା ଆବଶ୍ୟକ ନୁହେଁ। ଧାରା ୧୨୫ ସିଆରପିସି ଅନୁଯାୟୀ ଯଦି ଜଣେ ସମ୍ବଳ ଥିବା ବ୍ୟକ୍ତି ତାଙ୍କ ସ୍ତ୍ରୀ କିମ୍ବା ପିଲାଙ୍କୁ ଭରଣପୋଷଣ ଦେବାକୁ ମନା କରନ୍ତି, ତେବେ ଜଣେ ମାଜିଷ୍ଟ୍ରେଟ୍ ତଥ୍ୟ ବିଚାର କରିବା ପରେ ଭରଣପୋଷଣ ପରିମାଣ ନିର୍ଣ୍ଣୟ କରିପାରିବେ। ଏବେ ଯଦି ନାବାଳକ ରୋଜଗାର କରୁନାହାନ୍ତି ତେବେ ୧୮ ବର୍ଷ ପରେ ତାଙ୍କୁ ସ୍ତ୍ରୀ ଏବଂ ଝିଅର ପ୍ରତିପାଳନ କରିବାକୁ ପଡିବ। ଆଉ ଏକ ମାମଲାରେ ଶୁଣାଣି କରି ଆହ୍ଲାବାଦ ହାଇକୋର୍ଟର ଜଷ୍ଟିସ ରାଜୀବ ଲୋଚନ ଶୁକ୍ଲା କହିଛନ୍ତି ଯେ କେବଳ ବିବାହ ରଦ୍ଦ ହେବା କାରଣରୁ ସ୍ତ୍ରୀଙ୍କ ଭରଣପୋଷଣ ଅଧିକାର ଛଡ଼ାଇ ନିଆଯାଇପାରିବ ନାହିଁ। କୋର୍ଟରେ ବିବାହ ରଦ୍ଦ ପାଇଁ ଏକ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଏହା ଜାରି ରହିବ।

## ତେଲୁଗୁ ଚଳଚ୍ଚିତ୍ର ଜଗତର ୩,୭୦୦ କୋଟି କ୍ଷତି

ହାଇଦରାବାଦ, ୩୦।୯ (ଏଜେନ୍ସି): ହାଇଦରାବାଦର ସାଇବର କ୍ରାଇମ ପୁଲିସ ଏକ ହାଇ-ପ୍ରୋଫାଇଲ୍ ଫିଲ୍ମ ପାଇରାସି ର୍ୟାକେଟର ପର୍ଦ୍ଦାଫାସ କରିଛି। ସୁସଂଗଠିତ ଭାବେ ଅନେକ ରାଜ୍ୟରେ ଚାଲିଥିବା ଏହି ନେଟୱର୍କ ମାମଲାର ତଦନ୍ତ କରି ୫ ଜଣଙ୍କୁ ଗିରଫ କରିଛି। ଏହି ର୍ୟାକେଟ ଯୋଗୁଁ ତେଲୁଗୁ ଚଳଚ୍ଚିତ୍ର ଜଗତକୁ ପ୍ରାୟ ୩,୭୦୦ କୋଟି ଟଙ୍କା କ୍ଷତି ହୋଇଛି। ଏମାନେ ଚଳଚ୍ଚିତ୍ର ମୁକ୍ତିଲାଭ କରୁ କରୁ ତାହାର ନକଲ କରି ତଥା ଚୋରି କପିକୁ ବିକ୍ରି କରୁଥିଲେ। ତଦନ୍ତରୁ ଏକ ଜଟିଳ ନେଟୱାର୍କର ପର୍ଦ୍ଦାଫାସ ହୋଇଥିଲା। ଏଥିପାଇଁ ଉନ୍ନତ ସର୍ଭର ହ୍ୟାକିଂ ଏବଂ ଇନ-ଥିଏଟର କ୍ୟାମେରା-କୋର୍ଡିଂ ବ୍ୟବହାର କରୁଥିଲେ। କେବଳ କ୍ରିପ୍ଟୋକରେନ୍ସି ମାଧ୍ୟମରେ ସମସ୍ତ କାରବାର କରାଯାଉଥିଲା। ହିଟ୍ ୩, ସିଙ୍ଗଲ, କୁବେରା, ହରି ହର ଭିରା ମଲ୍ଲୁ, ଗେମ୍ ଚେଞ୍ଜର ଆଦି ଫିଲ୍ମର ପାଇରାସି କରି ୧ତାମିଲବ୍ଲାଷ୍ଟର୍ସ, ମୁଭିରୁଲ୍‌ଜ ଏବଂ ୧ତାମିଲ ଭଳି ୱେବସାଇଟକୁ ବିକ୍ରି କରୁଥିଲେ। ଏହି କାରବାର ବିଭିନ୍ନ ରାଜ୍ୟକୁ ବ୍ୟାପିଥିଲା। ତାମିଲନାଡୁର ସିରିଲ୍ ରାଜ୍ ଏହି ର୍ୟାକେଟର ମୁଖ୍ୟ ଥିଲା। ସେ ପାଇରେସି ସାଇଟ୍ ୧ତାମିଲବ୍ଲାଷ୍ଟର୍ସର ମୁଖ୍ୟ ମାଷ୍ଟରମାଇଣ୍ଡ ଥିଲା। ସେ ବିଦେଶରୁ ସର୍ଭର ଚଳାଉଥିଲେ। ସାଇଟରେ ୨୦୨୦ରୁ ୫୦୦ରୁ ଅଧିକ ଚଳଚ୍ଚିତ୍ର ଅପଲୋଡ କରିଥିଲା। ଏହି ସମୟ ମଧ୍ୟରେ ସେ କ୍ରିପ୍ଟୋକରେନ୍ସି ମାଧ୍ୟମରେ ୨ କୋଟିରୁ ଅଧିକ ଟଙ୍କା ରୋଜଗାର କରିଥିଲା। କେବଳ ବେଟିଂ ଆପ୍‌ରୁ ମାସକୁ ୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିଲା। ସେହିପରି ଫିଲ୍ମର ନକଲକୁ ବିହାରର ଅଶ୍ୱିନୀ କୁମାର ୮୦୦ ଡଲାରରେ ବିକ୍ରି କରୁଥିଲା। ସେ ସିନେମା ହଲ୍‌ର କ୍ୟାମେରା ହ୍ୟାକ୍ କରୁଥିଲା।

### ଗାଜା ଯୁଦ୍ଧ ବନ୍ଦ ପାଇଁ ଆମେରିକାର ୨୦ ସୂତ୍ରୀ ପ୍ରସ୍ତାବ

## ଇସଲାମିକ ରାଷ୍ଟ୍ର ସମେତ ବିଶ୍ୱ ନେତାଙ୍କ ସମର୍ଥନ

ୱାଶିଂଟନ, ୩୦।୯ (ଏଜେନ୍ସି): ଗାଜା ଯୁଦ୍ଧକୁ ନେଇ ଇସ୍ରାଏଲର ସମସ୍ୟା ବଢ଼ିବାରେ ଲାଗିଛି। ଏହି ସଂଘର୍ଷ ଯୋଗୁଁ ଗାଜା ଷ୍ଟ୍ରିପ ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଛି। ଭୟଙ୍କର ମାନବିକ ସଙ୍କଟ ସୃଷ୍ଟି ହୋଇଛି। ଲକ୍ଷାଧିକ ଲୋକେ ବିସ୍ଥାପିତ ହୋଇଛନ୍ତି। ଅନେକ ଖାଇବାକୁ ନ ପାଇ ମୃତ୍ୟୁକୁ ଅପେକ୍ଷା କରି ରହିଛନ୍ତି। ଏ ପର୍ଯ୍ୟନ୍ତ ଯୁଦ୍ଧରେ ୬୬ ହଜାର ଲୋକଙ୍କ ମୃତ୍ୟୁ ହେଲାଣି। ଏଥିଯୋଗୁଁ ସହଯୋଗୀ ରାଷ୍ଟ୍ର ମଧ୍ୟ ଇସ୍ରାଏଲର ବିରୋଧୀ ହୋଇଯାଇଛନ୍ତି। ଏହି ଯୁଦ୍ଧ ବନ୍ଦ କରିବା ପାଇଁ ବ୍ରିଟେନ, ଫ୍ରାନ୍ସ, କାନାଡ଼ା, ଅଷ୍ଟ୍ରେଲିଆ ଭଳି ଦେଶ ପାଲେଷ୍ଟାଇନକୁ ରାଷ୍ଟ୍ର ମାନ୍ୟତା ଦେଇଛନ୍ତି। ଅସ୍ତ୍ରବିରତି ପାଇଁ ଇସ୍ରାଏଲ ଉପରେ ଚାପ ପକାଉଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୁଦ୍ଧ ବନ୍ଦ ପାଇଁ ସୋମବାର ଦେଇଥିବା ୨୦ ସୂତ୍ରୀ ଯୋଜନାକୁ



ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ସ୍ୱୀକାର କରିଛନ୍ତି। ସେ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ଏହି ପ୍ରସ୍ତାବ ମାନିବା ପାଇଁ ହମାସକି ଚାରି ଦିନିଆ କଣ୍ଟ ଦିଆଯାଇଛି। ଏହାକୁ ନ ମାନିଲେ ହମାସକୁ ସମ୍ପୂର୍ଣ୍ଣ ନିପାତ ପାଇଁ ଆମେରିକା ଇସ୍ରାଏଲକୁ ସହଯୋଗ କରିବ ବୋଲି ଟ୍ରମ୍ପ କହିଛନ୍ତି।

ଅନ୍ୟପକ୍ଷରେ ଏହି ପ୍ରସ୍ତାବକୁ ନେଇ ହମାସ ଚିନ୍ତାରେ ପଡିଛି। ଏହି ନିଷ୍ପତ୍ତି ନେବା ପାଇଁ ହୋଇଥିବା ଆଲୋଚନାରେ ହମାସ ସାମିଲ ହୋଇ ନ ଥିଲା। ପୂର୍ବରୁ ଅସ୍ତ୍ରବିରତିକୁ ଏହି ଇସ୍‌ଲାମିକ ବିଦ୍ରୋହୀ ଗୋଷ୍ଠୀ ଖାରଜ କରିଦେଇଥିଲା। ଏବେ ନୂଆ ପ୍ରସ୍ତାବ ଉପରେ ହମାସ ସମୀକ୍ଷା କରୁଛି। ଆମେରିକାର ଅସ୍ତ୍ରବିରତି ପ୍ରସ୍ତାବକୁ ସାଉଦି ଆରବ, ଜୋର୍ଡାନ, ୟୁଏଇ, ଇଣ୍ଡୋନେସିଆ, ପାକିସ୍ତାନ, ତୁର୍କୀ, କାତାର, ଇଜିପ୍ଟ ସମର୍ଥନ ଦେଇଛନ୍ତି। ଏହି ଦେଶଗୁଡିକର ବୈଦେଶିକ ମନ୍ତ୍ରୀଙ୍କ ପକ୍ଷରୁ ଜାରି ମିଳିତ ବିବୃତ୍ତିରେ ଟ୍ରମ୍ପଙ୍କ ନେତୃତ୍ୱ ଏବଂ ପ୍ରୟାସକୁ ପ୍ରଶଂସା କରାଯାଇଛି। ଟ୍ରମ୍ପଙ୍କ ଘୋଷଣାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଗତ କରି ଏହା ଇସ୍ରାଏଲ, ପାଲେଷ୍ଟାଇନ ଏବଂ ସମ୍ପୂର୍ଣ୍ଣ ପଶ୍ଚିମ ଏସିଆରେ ଶାନ୍ତି ପାଇଁ ଉପାଦେୟ ହେବ ବୋଲି କହିଛନ୍ତି। ଯୁଦ୍ଧ ବନ୍ଦ ଏବଂ ପଣବନ୍ଦୀଙ୍କ ମୁକ୍ତି ପାଇଁ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଏହାକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କରିଛନ୍ତି। ହମାସ ପାଖରେ ଆଉ କୌଣସି ବିକଳ୍ପ ନାହିଁ। ତେଣୁ ଏହି ପ୍ରସ୍ତାବକୁ ମାନିବା ପାଇଁ ସେ ଅନୁରୋଧ କରିଛନ୍ତି। ସେହିପରି ଏହା ଗାଜା ଯୁଦ୍ଧ ପାଇଁ ଟର୍ଣ୍ଣିଂ ପଏଣ୍ଟ ସାବ୍ୟସ୍ତ ହେବ ବୋଲି ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ କହିଛନ୍ତି। ବ୍ରିଟିଶ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଉଭୟ ପକ୍ଷଙ୍କୁ ସହଯୋଗ ପାଇଁ ଅନୁରୋଧ କରିଛନ୍ତି।

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-98 •WEDNESDAY •1 OCTOBER 2025 •PAGE-12 •₹ 6.00

•ବର୍ଷ-୪୩ •ସଂଖ୍ୟା-୯୮ •ବୁଧବାର •୧ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


### ମହାଷ୍ଟମୀରେ ଅଘଟଣ

## ନଦୀରେ ବୁଡ଼ି ମା', ଝିଅ ଓ ନାତି ମୃତ

■ **ଚିକିଟି/ଦିଗପହଣ୍ଡି, ୩୦।୯ (ସମିସ):** ଗଞ୍ଜାମ ଜିଲ୍ଲା କେ. ନୂଆଗାଁ ନିକଟସ୍ଥ ମା' ରତ୍ନେଶ୍ୱରୀଙ୍କ ନବରାତ୍ରି ପୂଜା ଦେଖିବାକୁ ଆସି ବାହୁଦା ନଦୀ ପାର୍ ହେଉଥିବା ବେଳେ ଘଟିଛି ଅଘଟଣ। ନଦୀରେ ବୁଡ଼ି ମା', ଝିଅ ଓ ନାତିଙ୍କ ମୃତ୍ୟୁ ଘଟିଥିବା ବେଳେ ନାତୁଣୀ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ, କଳିଙ୍ଗଦଳା ଗାଁର ଉଷା ବେହେରା (୫୦), ଝିଅ ଅନସୂୟା ବେହେରା (୩୫) ଏବଂ ୫ ବର୍ଷର ନାତି ଆଦିତ୍ୟ। ନାତୁଣୀଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନା ମୁତାବକ, ମହାଷ୍ଟମୀ ପୂଜା ଦେଖିବାକୁ ଦିଗପହଣ୍ଡି ବ୍ଲକ୍ ଗଡ଼ଗୋବିନ୍ଦପୁର ପଞ୍ଚାୟତର କଳିଙ୍ଗଦଳା ଗାଁରୁ ମଙ୍ଗଳବାର ସକାଳୁ ଉଷା ବେହେରା, ଝିଅ ଅନସୂୟା ବେହେରା, ନାତି ଆଦିତ୍ୟ ଓ ନାତୁଣିଙ୍କୁ ଧରି ଆସିଥିଲେ। ନବରାତ୍ରି ପୂଜା ଅବସରରେ ମା'ଙ୍କ ଦର୍ଶନ ସାରି ପ୍ରସାଦ ସେବନ କରିଥିଲେ। ଅପରାହ୍ଣରେ ପୁଣି ଗାଁକୁ ଫେରିବାକୁ ବାହୁଦା ନଦୀ ପାର୍ ହେଉଥିବା ବେଳେ ଅଘଟଣ ଘଟିଥିଲା। ନଦୀ ସ୍ରୋତରେ ୪ଜଣ ଯାକ ଭାସି ନିଖୋଜ ହୋଇଯାଇଥିଲେ। ଚିତ୍କାର ଶୁଣି ନଦୀତଟରେ ରହିଥିବା କଳିଙ୍ଗଦଳା ଗ୍ରାମବାସୀ ନଦୀରୁ ସେମାନଙ୍କୁ ଉଦ୍ଧାର କରି ବାଇକ୍ ଏବଂ ୧୦୮ ଆମ୍ବୁଲାନ୍ସରେ ଚିକିଟି ମେଡିକାଲକୁ ଆଣିଥିଲେ। ଡାକ୍ତର ସେଠାରେ ମା', ଝିଅ ଓ ନାତିଙ୍କୁ ମୃତ ଘୋଷଣା କରିଥିଲେ। ନାତୁଣୀର ଚିକିତ୍ସା ଚାଲିଛି।

### ୨ ବାଇକ୍ ମୁହାଁମୁହିଁ ଧକ୍କା

## ଦୁର୍ଘଟଣାରେ ୩ ଯୁବକ ମୃତ

■ ଓଡ଼ଗାଁ, ୩୦।୯(ସମିସ): ୨୧ ନମ୍ବର ନୟାଗଡ଼-ଭଞ୍ଜନଗର ରାଜ୍ୟ ରାଜପଥର ଗୋଡ଼ିପଲ୍ଲୀ ଛକ ପେଟ୍ରୋଲ ପମ୍ପ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ଥାନା କରସିଙ୍ଗ ଗ୍ରାମର ସିଲୁ ନାୟକ(୨୫), ସିଲୁର ପିଉସୀ ପୁଅ କେନ୍ଦ୍ରାପଡ଼ା ଅଞ୍ଚଳର ସନ୍ତୋଷ ରାଉତରାୟ (୩୫) ଏବଂ ଓଡ଼ଗାଁ ଥାନା ଚେମେଡିର ସୁରେଷ ଓରଫ୍ ମୋହନ ବାରିକ(୨୨)। ସୂଚନାନୁସାରେ, ସନ୍ତୋଷ ଏବଂ ସିଲୁ ଓଡ଼ଗାଁରୁ କରସିଙ୍ଗ ଫେରୁଥିବା ବେଳେ ନିଜ ଗାଁ ଚେମେଡିକୁ ଫେରୁଥିବା ସୁରେଶ ବାରିକଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦେଖଣାହାରୀଙ୍କ କହିବା ମୁତାବକ, ପାଖାପାଖି ୧୦ ଫୁଟ୍ ଉଚ୍ଚକୁ ବାଇକ୍ ଦୁଇଟି ଉଠ ତଳେ ପଡ଼ିଥିଲା। ଓଡ଼ଗାଁ ପୁଲିସ ଏସ୍ଆଇ ଚକ୍ରଧର ସିଂ ଘଟଣାସ୍ଥଳରୁ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଓଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଓଡ଼ଗାଁ ପୁଲିସ ଏନେଇ ନମ୍ବର ୩୦୭/୨୫ରେ ଏକ ମାମଲା ରୁଜୁ କରି ବାଇକ୍ ଦୁଇଟିକୁ ଜବତ କରିବା ସହ ଶବଗୁଡ଼ିକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

### ଅବପାତର ରୂପ ନେବ ଲଘୁଚାପ

# ଦଶହରା ଫିକା କରିବ ବର୍ଷା

■ **ଭୁବନେଶ୍ୱର, ୩୦।୯ (ସମିସ):** ଦଶହରାକୁ ଫିକା କରିବ ଲଘୁଚାପ ବର୍ଷା। ଠିକ୍ ପୂଜା ମଉଜ ଦିନ ରାଜ୍ୟରେ ବର୍ଷାର ବଡ଼ ଆଶଙ୍କା ଦେଖାଦେଇଛି। ଏମତିକି, କାଁଭାଁ ଅଞ୍ଚଳକୁ ଛାଡ଼ିଦେଲେ ଦଶମୀରେ ସାରା ରାଜ୍ୟରେ ବର୍ଷା ଆଶଙ୍କା ସୃଷ୍ଟି ହୋଇଛି। ଫଳରେ ଦଶହରା ଓ ରାବଣପୋଡ଼ି ପାଇଁ ହୋଇଥିବା ଆୟୋଜନ ଫିକା ପଡ଼ିପାରେ ବୋଲି ଆକଳନ କରାଯାଉଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ମଙ୍ଗଳବାର ସକାଳେ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ସନ୍ଧ୍ୟା ୬ଟା ବେଳକୁ ଲଘୁଚାପରେ ପରିଣତ ହୋଇଛି। ବୁଧବାର ସୁଦ୍ଧା ଏହା ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହେବ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨ ତାରିଖ ରାତି କିମ୍ବା ୩ ତାରିଖ ସକାଳ ସୁଦ୍ଧା ଏହା ଓଡ଼ିଶା ଉପକୂଳ ଅତିକ୍ରମ କରିପାରେ। ସମ୍ଭବତଃ ଏହା ପାରାଦୀପ ଓ ଗୋପାଳପୁର ମଧ୍ୟରେ ସ୍ଥଳଭାଗ ଛୁଇଁପାରେ। ଏହା ପ୍ରଭାବରେ ଦଶହରା ଦିନ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ବଢ଼ିଯାଇଛି। କାରଣ, ପ୍ରଥମତଃ ଏହା ଶ୍ରୀଘ ଓଡ଼ିଶା ଉପକୂଳକୁ ମୁହାଁଇବ। ଦ୍ୱିତୀୟରେ ଏହା ମଧ୍ୟ-ବାୟୁମଣ୍ଡଳ ପର୍ଯ୍ୟନ୍ତ ଲମ୍ବି ରହିଛି। କିନ୍ତୁ, ଏହା ଦକ୍ଷିଣ ଆଡ଼କୁ ଢଳି ଥିବାରୁ ଦକ୍ଷିଣ ଓଡ଼ିଶା ଓ ସଂଲଗ୍ନ ଆନ୍ଧ୍ର ଓ ଛତିଶଗଡ଼ରେ ଅଧିକ ବର୍ଷା ହେବ।

ଆକଳନ କରାଯାଉଛି ଯେ ବୁଧବାର (ନବମୀ)ରେ ରାଜ୍ୟରେ ମୁଖ୍ୟତଃ ଶୁଖିଲା ବା ବିକ୍ଷିପ୍ତ ବର୍ଷା କିମ୍ବା ହାଲୁକାରୁ ସ୍ୱଳ୍ପ ବର୍ଷା ହେବ। ଗୁରୁବାର (ଦଶମୀ) ଦିନ ସକାଳ ବେଳା ସମସ୍ତ ଉପକୂଳ ଜିଲ୍ଲା ଓ ସଂଲଗ୍ନ କେନ୍ଦ୍ରୀୟ ଓଡ଼ିଶାରେ ସ୍ୱଳ୍ପରୁ ମଧ୍ୟମ (୩୦ ମିମି ପର୍ଯ୍ୟନ୍ତ) ବର୍ଷା ହୋଇପାରେ। ଉପକୂଳ ବେଳା ବର୍ଷା ବଢ଼ିବା ସହ ପ୍ରାୟ ସାରା ରାଜ୍ୟରେ ବର୍ଷା ହୋଇପାରେ। ବାଲେଶ୍ୱର, ଭଦ୍ରକ, ପୁରୀ, ଗଞ୍ଜାମ, ଗଜପତି, ରାୟଗଡ଼ା, ନୟାଗଡ଼, ବୌଦ୍ଧ, ଆଭ୍ୟନ୍ତରୀଣ ଅଞ୍ଚଳ, ଢେଙ୍କାନାଳ, ଅନୁଗୁଳ ଓ କନ୍ଧମାଳରେ ସ୍ଥାନେ ସ୍ଥାନେ ମଧ୍ୟମରୁ ଭାରୀ ବର୍ଷା ହୋଇପାରେ। ସୁନ୍ଦରଗଡ଼ ଓ ସଂଲଗ୍ନ ଅଞ୍ଚଳରେ ପାଗ ଶୁଖିଲା ରହିବା ନେଇ ପ୍ରଫେସର୍ ପଶୁପାଳକ ଆକଳନ କରିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଲଘୁଚାପ ଯୋଗୁଁ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହୋଇପାରେ। ତେବେ ଦଶହରା ଦିନ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ। ସେହିଦିନ ଗଜପତି, ରାୟଗଡ଼ା, ମାଲକାନଗିରି, କନ୍ଧମାଳରେ ସବୁଠୁ ଅଧିକ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ନବରଙ୍ଗପୁର, କଳାହାଣ୍ଡି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ କଟକରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହା ବ୍ୟତୀତ ଲଘୁଚାପ ଯୋଗୁଁ ସମୁଦ୍ର ମଧ୍ୟରେ ପବନର ବେଗ ୩୫-୪୫ ଓ ଝଟ୍କା ପବନ ୫୫କିମି ପହଞ୍ଚିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୪ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି।

## ପୂର୍ଣ୍ଣଗର୍ଭା ହୀରାକୁଦ, ଖୋଲିଲା ୧୦ ଗେଟ୍



■ **ସମ୍ବଲପୁର, ୩୦।୯ (ସମିସ):** ହୀରାକୁଦ ଜଳଭଣ୍ଡାର ମଙ୍ଗଳବାର ଅପରାହ୍ଣ ୩ଟା ବେଳେ ପୁଣି ପୂର୍ଣ୍ଣଗର୍ଭା ହୋଇଛି। ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍‌ରେ ପହଞ୍ଚିଥିବା ବେଳେ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜଳସ୍ତରକୁ ବଜାୟ ରଖିବା ପାଇଁ ମଙ୍ଗଳବାର ଆଉ ୨ଟି ଗେଟ୍ ଖୋଲାଯାଇଛି।

ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୭ଟି ଓ ଡାହାଣ ପାର୍ଶ୍ୱର ୩ଟି ଏହିଭଳି ମୋଟ ୧୦ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପିଛା ୧,୯୯,୦୫୩ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୬୪,୪୦୦ ଘନଫୁଟ୍ ଜଳ ନିଷ୍କାସିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୧,୦୯୫ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ଘନଫୁଟ୍, କେନାଲ ପାଇଁ ୩,୩୧୫ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୩୬,୪୦୦ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୭୫,୦୭୩ ଘନଫୁଟ, ଖଇରମାଲଠାରେ ୨,୬୮,୫୦୦ ଘନଫୁଟ୍, ବାରମୁଲଠାରେ ୨,୨୭,୫୦୦ ଘନଫୁଟ୍ ଏବଂ ମୁଣ୍ଡଲୀଠାରେ ୩,୩୭,୧୩୬ ଘନଫୁଟ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ଗତ ୨୪ ଘଣ୍ଟାରେ ନଦୀବନ୍ଧର ଉପରମୁଣ୍ଡରେ ୦.୨୫ ମିମି ବର୍ଷା ହୋଇଥିବା ବେଳେ ତଳ ମୁଣ୍ଡରେ ୦.୭୭ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୮୧ ଫୁଟ୍ ରହିଥିଲା।








## ନାବାଳକକୁ ହତ୍ୟା କରି ଫିଙ୍ଗିଦେଲେ

### ଗାଁରୁ ଗଳିତ ଶବ ଉଦ୍ଧାର

■ **ଆସିକା, ୩୦।୯ (ସମିସ):** ଆସିକା ବ୍ଲକ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ ଖଣ୍ଡରାବଳି ଗାଁରୁ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ, ଗାଁର ବାବୁ ବିଷୋୟୀଙ୍କ ପୁଅ ଅମର ବିଷୋୟୀ (୧୪)। ସେ ଗତ ୨୮ ତାରିଖରୁ ନିଖୋଜ ଥିଲେ। ତାଙ୍କୁ ହତ୍ୟା କରାଯାଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ମାମଲା ରୁଜୁ ତଦନ୍ତ ଚଳାଇଛି।

ଅମର ଗତ ୨୮ ତାରିଖ ଅପରାହ୍ଣରେ ଖେଳିବାକୁ ଯାଇଥିଲା। ମାତ୍ର ସନ୍ଧ୍ୟା ସୁଦ୍ଧା ଆଉ ଘରକୁ ଫେରିନଥିଲେ। ପରିବାରଲୋକେ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ କରିଥିଲା। ତେବେ ଘଟଣାର ୩ ଦିନ ପରେ, ଆଜି ଗାଁଠାରୁ ପ୍ରାୟ ୪ କିମି ଦୂରରେ ଜଣେ ନାବାଳକଙ୍କ ଗଳିତ ଶବ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଏହା ନିଖୋଜ ଅମରଙ୍କ ଶବ ବୋଲି ସନ୍ଦେହ କରିଥିଲା। ପରେ ତାଙ୍କ ପରିବାରଲୋକଙ୍କୁ ଖବର ଦେବାରୁ ସେମାନେ ପହଞ୍ଚି ଶବ ଚିହ୍ନଟ କରିଥିଲେ। ତେବେ ତାଙ୍କୁ କିଏ ଓ କାହିଁକି ହତ୍ୟା କଲା ସେନେଇ ତଦନ୍ତ ଚାଲିଛି। ସେ ପାଖ ଗାଁ କେନ୍ଦୁପଦର ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ। ଗୀତ, ନାଚ ଓ ବକ୍ତୃତା ପ୍ରତିଯୋଗିତାରେ ସେ କ୍ଲାସ୍‌ରେ ପ୍ରଥମ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପରିବାରଲୋକ ଓ ସାଙ୍ଗସାଥୀ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଅପରପକ୍ଷେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ପୁଲିସ କହିଛି।

## ନୂଆପଡ଼ାରେ ସାଲିହାଗଡ଼ କ୍ରାନ୍ତି ଦିବସ

# ସ୍ୱାଧୀନତାକୁ ପ୍ରବାସୀ ଶ୍ରମିକ ହୋଇ ଅପମାନ କରିବା ନାହିଁ

ନୂଆପଡା,୩୦।୯(ସମିସ): ନୂଆପଡା ସ୍ଥିତ ସାଲିହାଗଡଗ୍ରାମ ସ୍ମୃତିସ୍ତମ୍ଭ ପ୍ରାଙ୍ଗଣରେ ସାଲିହାଗଡ଼ ସ୍ମୃତି ପରିଷଦ, ଜିଲ୍ଲା ପ୍ରଶାସନ ନୂଆପଡା ଓ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ 'ସାଲିହାଗଡ଼ କ୍ରାନ୍ତି ଦିବସ-୨୦୨୫'ପାଳିତ ହୋଇଯାଇଛି। ଖାମ ସିଂ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ପୂର୍ବତନ ଛତିଶଗଡ଼ ସାଂସଦ ଚୁନିଲାଲ ସାହୁ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଯୁବ ବିଜେଡି ନେତା ଜୟ ଢୋଲକିଆ, ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ, ନୂଆପଡା ବ୍ଲକ୍ ଅଧକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲ୍ଲୀପ ନିର୍ମଲ୍କର, ଖରୀଆରରୋଡ ଏନ୍ଏସି ଅଧକ୍ଷା ଡ଼. ସୋନିଆ ଅଗ୍ରୱାଲ ,ବିଜେପି କୃଷକ ନେତା ଯଦୁମଣି ପାଣିଗ୍ରାହୀ, ସ୍ମୃତି ପରିଷଦ ତରଫରୁ ହୋମ ସିଂ ମାଝୀ,ମହେଶ ରାମ ସାହୁ ପ୍ରମୁଖ ଏବଂ ବକ୍ତାଭାବରେ ବିଶିଷ୍ଟ ଲେଖକ ସାହିତ୍ୟିକ ଡ.ଶିବ ପ୍ରସାଦ ବେହେରା ଓ ଡ.. ବାସୁଦେବ ସୁନାନୀ ଯୋଗଦେଇଥିଲେ। ସମସ୍ତ ଅତିଥି ସଂଗ୍ରାମୀ ରକ୍ତ କ୍ଷେତ୍ର ସାଲିହାଗଡର ମହତ୍ତ୍ୱ ଏବଂ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ବଳିଦାନର ସ୍ମୃତି ଚାରଣ କରିଥିଲେ। ଜିଲ୍ଲାପାଳଙ୍କ ଅନୁରୋଧରେ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ବର୍ଗ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ବର୍ଗଙ୍କୁ ଉପଢୌକନ, ମାନପତ୍ର ଓ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାପାଳ କହିଲେ ନୂଆପଡାର ବୀର ପୂର୍ବ ପୁରୁଷ ସ୍ୱାଧୀନତା ସଂଗ୍ରାମୀମାନେ ଆମକୁ ଯେଉଁ ଅମୂଲ୍ୟ ସ୍ୱାଧୀନତା ଦେଇଯାଇଛନ୍ତି ତାକୁ ପ୍ରବାସୀ ଶ୍ରମିକ ହିସାବରେ ଯାଇ ବରବାଦ କରିବା ନାହିଁ। ସମସ୍ତେ ଜିଲ୍ଲାରେ ରହି ସରକାରୀ ଯୋଜନାର ଲାଭ ଉଠାଇ ଏହାକୁ ସବୁଜ ସୁନ୍ଦର ଏବଂ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା କରି ପାରିଲେ ଏହା ସଂଗ୍ରାମୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ଦିବସ ଉପଲକ୍ଷେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ପ୍ରବନ୍ଧ, ଚିତ୍ରାଙ୍କନ ଓ ପ୍ରଶ୍ନମଞ୍ଚ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୂଆପଡା ରୋହିତ ଭୋଇ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଘନଶ୍ୟାମ ମୁଣ୍ଡ , ସଂସ୍କୃତି ଅଧିକାରୀ ରମେଶ ମହରା , ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା , ସରପଞ୍ଚ, ସାଲିହା ଗ୍ରାମ ପଞ୍ଚାୟତ ସହଯୋଗ କରିଥିଲେ।

## ରାବଣପୋଡ଼ି ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ

ରେଢ଼ାଖୋଲ,୩୦।୯(ସମିସ): ରେଢ଼ାଖୋଲ ସହରର କଦମ୍ବ ପଡ଼ିଆରେ ରାବଣ ପୋଡି ମହୋତ୍ସବ ପାଇଁ ମଙ୍ଗଳବାର ସଂଧ୍ୟାରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଆସନ୍ତା ଦଶହରା ବା ବିଜୟା ଦଶମୀ ଦିନ କଦମ୍ବ ପଡ଼ିଆରେ ରାବଣ ପୋଡି ମହୋତ୍ସବ ପାଳନ କରାଯିବ। ଚଳିତବର୍ଷ ଅତ୍ୟାଧୁନିକ ବାଣ ଦ୍ୱାରା ୪୦ ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ପୋଡି କରାଯିବ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ରାବଣ ବଧର ଗିତିନାଟ୍ୟ ପରିବେଷଣ କରାଯିବ। ସଭାପତି ଶିବରାମ ସାହୁ , ସଂପାଦକ ଶରତ ପ୍ରଧାନ , କାଉନସିଲର ଅମରେଶ ନାଏକ, ରମାକାନ୍ତ ମହାନନ୍ଦ, ପ୍ରକାଶ ମୁଖୀ, ସଂଯୋଜକ ଅନିଲ ପୃଷ୍ଟି, ଦିଲିପ ଲାଉରିଆ, ଲବ ଷଣ୍ଢ, ନରେନ୍ଦ୍ର ମଲ୍ଲିକ, ଦିଲ୍ଲୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପଣ୍ଡିତ ସୁଧାଂଶୁ ପୁରୋହିତ ପୂଜାର୍ଚ୍ଚନା କରିଥିଲେ।

## ଇସ୍ତଫା ଦେଇ ସରକାରୀ ଚାକିରି କଲେ ସରପଞ୍ଚ

ଭବାନୀପାଟଣା,୩୦।୯(ସମିସ): ସଦରବ୍ଲକ୍ ଅନ୍ତର୍ଗତ ଗୁଡିଆଲିପଦର ପଞ୍ଚାୟତର ଲୋକପ୍ରିୟ ସରପଞ୍ଚ ପ୍ରିୟଙ୍କା ମହାଖୁଡ ସରପଞ୍ଚ ପଦବୀରୁ ଇସ୍ତଫା ଦେଇ ସରକାରୀ ଚାକିରିରେ ଯୋଗ ଦେଇଥିବା ଜଣାପଡିଛି। ଗତ ପଞ୍ଚାୟତ ନିର୍ବାଚନରେ ପଞ୍ଚାୟତର ୧୨ଟି ଗ୍ରାମବାସୀଙ୍କ ଅକୁଣ୍ଠ ସହଯୋଗରେ ସେ ସରପଞ୍ଚ ହୋଇ ପଞ୍ଚାୟତ ପାଇଁ ବହୁ ଉନ୍ନତିକର କାର୍ଯ୍ୟକରି ପଞ୍ଚାୟତ ଓ ବ୍ଲକ୍ସ୍ତରରେ ବହୁ ଲୋକପ୍ରିୟତା ଅର୍ଜନକ ରିଥିଲେ। ଜଣେ ଉଚ୍ଚ ଶିକ୍ଷିତା ମହିଳା ଭାବେ ସେ ସବୁସ୍ତରର ଲୋକଙ୍କ ନିକଟରେ ପହଞ୍ଚି ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ନିଜ ଭବିଷ୍ୟତକୁ ନେଇ ଚିନ୍ତା କରିବା ସହ ସରକାରୀ ଚାକିରି ପାଇଁ ଏକ ସାକ୍ଷତାକାର ଦେଇ ସରକାରୀ ଆଇଟିଆଇର ସହକାରୀ ଟ୍ରେନିଂ ଅଧିକାରୀ ଭାବେ ନିଯୁକ୍ତି ପାଇଥିଲେ। ନିୟମାନୁଯାୟୀ ସେ ସରପଞ୍ଚ ପଦରୁ ଇସ୍ତଫା ଦେଇଥିଲେ। ଗତ ୨୮ ତାରିଖ ରବିବାର ଗୁଡ଼ିଆଲିପଦର ପଞ୍ଚାୟତ କାର୍ଯାଳୟରେ ସରପଞ୍ଚ ପ୍ରିୟଙ୍କାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇବା ପାଇଁ ସଭାର ଆୟୋଜନ କରାଯାଇଥିଲା। ନାଏବ ସରପଞ୍ଚ ସତ୍ୟନାରାୟଣ ସାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏଡିଇଓ, ଚନ୍ଦ୍ରମଣି ନାଏକ, ପଞ୍ଚାୟତ ନିର୍ବାହୀ ଅଧୁକାରୀ ଗୌରାଙ୍ଗ ମାଝୀ,ୱାର୍ଡ ସଭ୍ୟ କନ୍ଦର୍ପ ତାଣ୍ଡି,ଲୋକନାଥ ମିଶ୍ର ଓ ୱାର୍ଡ ସଭ୍ୟା ଅହଲ୍ୟା ଶବର ମଞ୍ଚରେ ଉପସ୍ଥିତ ଥିଲେ। ବିଭିନ୍ନ ୱାର୍ଡର ସଭ୍ୟାସଭ୍ୟା,ଜନସାଧାରଣ ଓ ଗଣମାଧ୍ୟମ ପ୍ରତିନିଧ ଉପସ୍ଥିତ ଥିଲେ। ସମ୍ବଦ୍ଧନାର ଉତ୍ତରରେ ବିଦାୟୀ ସରପଞ୍ଚ ଶ୍ରୀମତୀ ମହାଖୁଡ ଲୋତକାପ୍ଲୁତ ନୟନରେ ପଞ୍ଚାୟତବାସୀ ବ୍ଲକ୍ ଅଧିକାରୀ,ପଞ୍ଚାୟତ ୱାର୍ଡ ମେମ୍ବରଙ୍କ ଭଲପାଇବା ଓ ସହକର୍ମୀଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ଏଡିଇଓ ଚନ୍ଦ୍ର ମଣି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।
































# ୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



## ✓ ବନବାସୀ ସାମଲ

ସ୍ୱାମୀ– ✓ଅଧିକାରୀ ସାମଲ
ଖଡ଼ଗପ୍ରସାଦ,ଢେଙ୍କାନାଳ
ତିରୋଧାନ–୧୨.୧୦.୨୦୦୫

ତୁମ ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାବିନ୍ଦରେ ବିନମ୍ର ପ୍ରାର୍ଥନା ।

**ଶୋକସନ୍ତପ୍ତ ପରିବାର**

ପୁଅ–ବୋହୁ– ରମେଶ,ଅଞ୍ଜଳୀ,ଗଙ୍ଗା,ଗୀତା,ସୁଧିର(ନିଧି),ଅବନ୍ତୀ
ଝିଅ–ଜ୍ୱାଇଁ– ଇନ୍ଦ୍ରମଣୀ,ସୁଧାକର,ସୁଷମା,ପ୍ରତାପ
ନାତି– କୁମାର,ଅବିନାଶ,ଜଗ
ନାତୁଣୀ– ଲିସୁ,ଲିଟୁ,ଲିମା,ଲିଜା,ଲିକି,ଲୋନୀ,ରାନୀ ଓ ସାମଲ ପରିବାର ।



ମାଁ ମାଣିକେଶ୍ୱରୀ ପୀଠ ଛତରଯାତ୍ରାରେ ଶ୍ରଦ୍ଧାଳୁଙ୍କ ଜନସମୁଦ୍ର


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-98 ◆WEDNESDAY ◆1 OCTOBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୯୮ ◆ବୁଧବାର ◆୧ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ନାଲକୋ କାର୍ଯ୍ୟାଳୟରେ ସିବିଆଇ ଚଢ଼ଉ

■ ଚାକିରି କରାଇ ଦେବା ନାଁରେ ଠକେଇ ଅଭିଯୋଗ


■ ରିପୋର୍ଟ ତଥ୍ୟ ଆଧାରିତ ନୁହେଁ : ନାଲକୋ

■ ଭୁବନେଶ୍ୱର,୩୦।୯(ସମିସ): ଚାକିରି ଆଳରେ କୋଟି କୋଟି ଟଙ୍କା ଠକେଇ ମାମଲାରେ ଭୁବନେଶ୍ୱର ନାଲକୋ କାର୍ଯ୍ୟାଳୟରେ ମଙ୍ଗଳବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଚଢ଼ାଉ କରାଯାଇଛି। ଚାକିରି ଦେବା ନାଁରେ ୪କୋଟିରୁ ଅଧିକ ଠକେଇ ଅଭିଯୋଗରେ ଏହି ଚଢ଼ାଉ ହୋଇଥିବା ସୂଚନା ମିଳିଛି। ସିବିଆଇ ପକ୍ଷରୁ ନାଲକୋ ଅଫିସର ୨ ଜଣ କର୍ମଚାରୀଙ୍କୁ ପଚରାଉଚରା କରାଯାଇଛି। ଆହୁରି ମଧ୍ୟ ଉକ୍ତ ଅଫିସରୁ ଏକାଧିକ ପିଲାଙ୍କ ସାର୍ଟିଫିକେଟ ଏବଂ ନିଯୁକ୍ତି ପତ୍ର ମିଳିଥିବା ଜଣାପଡିଛି। ପୂର୍ବରୁ ପୁଲିସ ଠକେଇ ଅଭିଯୋଗରେ ଜଣଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ସିବିଆଇ ପକ୍ଷରୁ ଅଧିକ ଖୋଳତାଡ଼ କରାଯାଉଥିବା ଜଣାପଡ଼ିଛି। ସକାଳୁ ସକାଳୁ ଭୁବନେଶ୍ୱର ସ୍ୱତନ୍ତ୍ର ସିବିଆଇ ଟିମର ଅତର୍କିତ ଚଢ଼ାଉ କରିଛି। ନାଲକୋରେ ଚାକିରି କରାଇ ଦେବା ନାଁରେ ବଡ଼ କେଳେଙ୍କାରୀ ହୋଇଥିବା ନେଇ ଅଭିଯୋଗ ପାଇବା ପରେ ଭୁବନେଶ୍ୱର ନାଲକୋ ଅଫିସରେ ପସି କାଗଜପତ୍ର ଯାଞ୍ଚ କରିଥିଲା ତଦନ୍ତକାରୀ ଟିମ୍। କିଛି କର୍ମଚାରୀଙ୍କୁ ଝାଳବୁହା ଜେରା ସହ, ବହୁତ ଗୁଡିଏ ଦସ୍ତାବିଜ ଯାଞ୍ଚ କରିଥିଲା ସିବିଆଇ। ୨୦ରୁ ଊର୍ଦ୍ଧ୍ୱରୁ ଲୋକଙ୍କୁ ଚାକିରି କରାଇ ଦେବାକୁ କହି ଜାଲ କାଗଜପତ୍ର କିମ୍ବା ଟଙ୍କା କାରବାରର ବଡ଼ ଘୋଟଲା ହୋଇଥିବା ସନ୍ଦେହ କରୁଛି ଟିମ୍।

ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ନାଲକୋ ପକ୍ଷରୁ କୁହାଯାଇଛି ଯେ, ନିଯୁକ୍ତି ଜାଲିଆତି ଏବଂ ନାଲକୋ ଅଧିକାରୀଙ୍କ ସମ୍ପୃକ୍ତି ସହିତ ଜଡିତ ନାଲକୋ କର୍ପୋରେଟ୍ କାର୍ଯ୍ୟାଳୟରେ ସିବିଆଇ ଦ୍ୱାରା ଚଢଉ ସମ୍ପର୍କରେ ଖବର ମଙ୍ଗଳବାର ମିଳିଛି। ସିବିଆଇ ଅଧିକାରୀମାନେ ନାଲକୋ ଅଧିକାରୀମାନଙ୍କୁ ପଚରାଉଚରା କରିଥିବା ଓ କିଛି ଦସ୍ତାବିଜ ଜବତ ହୋଇଥିବା ସଂକ୍ରାନ୍ତ ଖବର ସତ୍ୟ ଆଧାରିତ ନୁହେଁ। ଏହା ପରିସ୍ଥିତିର ଭ୍ରାମକ ଚିତ୍ର ଉପସ୍ଥାପନ କରୁଛି। ଯାହା ଜନସାଧାରଣଙ୍କୁ ଭୁଲ ସୂଚନା ଦେଇପାରେ ଏବଂ ପ୍ରତିଷ୍ଠାନ ପ୍ରତି କ୍ଷତି ପହଞ୍ଚାଇପାରେ। ନାଲକୋ ଏକ ସରକାରୀ ଉଦ୍ୟୋଗ ହୋଇଥିବାରୁ ପ୍ରକ୍ରିୟାଗୁଡ଼ିକ ସାମ୍ବିଧାନିକ ଏବଂ ବାହ୍ୟ ଏଜେନ୍ସିଗୁଡ଼ିକ ଦ୍ୱାରା ଅଡିଟ୍ ଅଧୀନରେ ଥାଏ ଏବଂ ସିବିଆଇ ଅଧିକାରୀଙ୍କ ଗସ୍ତ ଏହାର ଏକ ଅଂଶ ଥିଲା ବୋଲି ନାଲକୋ ପଛରୁ କୁହାଯାଇଛି।

## ନବୀନଙ୍କ ଶାରଦୀୟ ଶୁଭେଚ୍ଛା

■ ଭୁବନେଶ୍ୱର, ୩୦।୯ (ସମିସ): ରାଜ୍ୟବାସୀଙ୍କୁ ଶାରଦୀୟ ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ ଜରିଆରେ ଏକ ଭିଡିଓ ବାର୍ତ୍ତାରେ ନବୀନ କହିଛନ୍ତି ଯେ ପବିତ୍ର ଦୁର୍ଗା ପୂଜା ଓ ଦଶହରା ଅବସରରେ ରାଜ୍ୟବାସୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି। କରୁଣାରେ ଭରା ମା' ଦୁର୍ଗାଙ୍କ ଆଶୀର୍ବାଦ ସଭିଙ୍କ ଉପରେ ରହିଥାଉ। ଅସତ୍ୟ ଉପରେ ସତ୍ୟର ବିଜୟ ହେଉଛି, ଦଶହରାର ବାର୍ତ୍ତା। ତେଣୁ ଏହି ପବିତ୍ର ଅବସରରେ ଅନ୍ୟାୟ, ଅନୀତି ଓ ଅତ୍ୟାଚାର ବିରୋଧରେ ଲଢ଼େଇକୁ ଜୋରଦାର କରିବାକୁ ସେ ନିଜେ ଓ ରାଜ୍ୟବାସୀ ମା'ଙ୍କ ଆଶୀର୍ବାଦ କାମନା କରନ୍ତୁ ବୋଲି ନବୀନ କହିଛନ୍ତି।




DADLS-53



ପବିତ୍ର ବିଜୟା ଦଶମୀ-୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ବିଜୟା ଦଶମୀ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟ ପ୍ରତୀକ। ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତି ପ୍ରତିଷ୍ଠା ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମ୍ପାଟି)



ଦୁର୍ଗାପୂଜା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶାରଦୀୟ ଦୁର୍ଗାପୂଜା ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି।

ମା' ଦୁର୍ଗା ଆମ ପାଇଁ ଶକ୍ତି ଓ ସୁରକ୍ଷାର ନିଦର୍ଶନ। ଆମ ସମାଜରେ ଦୁର୍ଗାପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ହେଉଛି ଶକ୍ତି, ସାହସ ଓ ନୈତିକ ବିଜୟର ପ୍ରତୀକ। ମା' ଙ୍କ ଧରାବତରଣ ସମସ୍ତଙ୍କ ପାଇଁ ଶୁଭମୟ ହେଉ।

ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଉଠୁ, ପାର୍ବଣର ଏହି ଅମୃତ ଲଗ୍ନରେ ମା'ଙ୍କ ନିକଟରେ ଏତିକି ପ୍ରାର୍ଥନା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/1202/2526

DADLS-52





ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ଆସନ୍ତୁ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବା ପାଇଁ ସଂକଳ୍ପବଦ୍ଧ ହେବା।

(ହରି ବାବୁ କମ୍ଭମ୍ପାଟି)





ଗାନ୍ଧୀ ଜୟନ୍ତୀ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା


ଆସନ୍ତା କାଲି ଗାନ୍ଧୀ ଜୟନ୍ତୀ। ଏହି ଉପଲକ୍ଷେ ମୁଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ମହାତ୍ମା ଗାନ୍ଧୀ ଥିଲେ ସତ୍ୟ, ନ୍ୟାୟ ଓ ଅହିଂସାର ପ୍ରତୀକ, ଯାହାଙ୍କ ଜୀବନ ଦର୍ଶନ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି। ତାଙ୍କ ସ୍ୱଦେଶୀ ଓ ସ୍ୱଚ୍ଛତା ବିଚାର ଆଜି ବି ଆମ ଜୀବନ ଓ ସମାଜ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଆସନ୍ତୁ, ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆତ୍ମନିର୍ଭର ଓ ସ୍ୱଚ୍ଛ ଭାରତ ଗଠନ ଦିଗରେ ସମସ୍ତେ ସମର୍ପିତ ହୋଇ କାମ କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/1198/2526

# ସମ୍ପାଦକୀୟ



ଅନ୍ୟର ଜୀବନରେ ଦଖଲ ଦେଇ ତୁମ ଜୀବନର ମୂଲ୍ୟବାନ ସମୟ ନଷ୍ଟ କରନାହିଁ।
-ଷ୍ଟିଭ୍ ଜବ୍ସ୍

ସକାଳ THE SAKALA

## ପୁଣି ଓଡ଼ିଶା ପ୍ରଥମ

ବିପର୍ଯ୍ୟୟ ପ୍ରଶମନଠାରୁ ଆରମ୍ଭ କରି ମହିଳା ସଶକ୍ତୀକରଣ, ବିତ୍ତୀୟ ପରିଚାଳନା ଆଦି ଅନେକ କ୍ଷେତ୍ରରେ ଜାତୀୟସ୍ତରରେ ଉଦାହରଣ ସୃଷ୍ଟି କରିଥିବା ଓଡ଼ିଶାକୁ ଦାରିଦ୍ର୍ୟ ଦୂରୀକରଣରେ ଉଲ୍ଲେଖନୀୟ ସଫଳତା ପାଇଁ ସର୍ବାଗ୍ର ଆସନ ମିଳିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଗତ ସପ୍ତାହରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ୨୦୧୧-୧୨ ରୁ ୨୦୨୨-୨୩ ଆର୍ଥିକ ବର୍ଷ ମଧ୍ୟରେ ଓଡ଼ିଶାର ଦାରିଦ୍ର୍ୟ ହାର ୪୭.୮%ରୁ ୮.୬% କୁ ହ୍ରାସ ପାଇଛି। ଓଡ଼ିଶା ପଛକୁ ଏ କ୍ଷେତ୍ରରେ ବିହାର ରହିଛି। ତଫାତ୍ ହେଉଛି ନିରନ୍ତର କେନ୍ଦ୍ରୀୟ ସହାୟତା ଓ ଅନୁଦାନ ପାଉଥିବା ବିହାର ଦାରିଦ୍ର୍ୟ ହ୍ରାସରେ ଯେତିକି ସଫଳତା ହାସଲ କରିଛି ଅଣଏନ୍‌ଡିଏ ଶାସିତ ରାଜ୍ୟ ଭାବେ ଓଡ଼ିଶା କ୍ରମାଗତ କେନ୍ଦ୍ରୀୟ ଅବହେଳାର ଶିକାର ହୋଇ ମଧ୍ୟ ବିହାରଠାରୁ ଅଧିକ ସଫଳ ରାଜ୍ୟ ଭାବେ ପ୍ରମାଣିତ ହୋଇଛି। ଉଲ୍ଲେଖ ନିଷ୍ପ୍ରୟୋଜନ, ଯେଉଁ ଅବଧି କଥା ଆରବିଆଇ ଉଲ୍ଲେଖ କରିଛି, ତାହା ଥିଲା ଓଡ଼ିଶାର ନବୀନ ପଟ୍ଟନାୟକଙ୍କ ଶାସନାକାଳ।

କେନ୍ଦ୍ର ସରକାରଙ୍କ ପାରିବାରିକ ଉପଭୋଗ ଖର୍ଚ୍ଚ ସର୍ବେକ୍ଷଣ(ଏଚ୍‌ସିଇଏସ୍)-୨୦୨୨-୨୩ ତଥ୍ୟ ଆଧାରରେ ପ୍ରସ୍ତୁତ ଆରବିଆଇର ଏହି ରିପୋର୍ଟ କହିଛି ଯେ ଦାରିଦ୍ର୍ୟ ଦୂରୀକରଣରେ ଓଡ଼ିଶାର ସଫଳତା ଦେଶର ଯେକୌଣସି ଦେଶ ତୁଳନାରେ ସର୍ବକାଳୀନ ରେକର୍ଡ। ଅପରପକ୍ଷରେ ହିମାଚଳ ପ୍ରଦେଶରେ ସର୍ବନିମ୍ନ ଗରିବ(୦.୪%) ଥିବା ବେଳେ ୧୫ ବର୍ଷ ଧରି ବିଜେପି ଶାସିତ ଛତିଶଗଡ଼ରେ ସର୍ବାଧିକ(୨୫.୧%) ଗରିବ ରହିଛନ୍ତି। କେବଳ ସେତିକି ନୁହେଁ, ଗତ ବର୍ଷ ନିତି ଆୟୋଗ ଓ ୟୁଏନ୍‌ଡିପି ପକ୍ଷରୁ ମିଳିତ ଭାବେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ଓଡ଼ିଶାରେ ପ୍ରାୟ ୧କୋଟି ୨ ଲକ୍ଷ ଲୋକ ବହୁମୁଖୀ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି। ଦେଶବ୍ୟାପୀ ବହୁମୁଖୀ ଦାରିଦ୍ର୍ୟରୁ ମୁକୁଳିବା ତାଲିକାରେ ଓଡ଼ିଶା ଶ୍ରେଷ୍ଠ ପାଞ୍ଚରାଜ୍ୟ ମଧ୍ୟରେ ସ୍ଥାନ ପାଇଛି। ଗରିବ ରାଜ୍ୟର ଅପବାଦ ବହନ କରୁଥିବା ଏବଂ ୨୩% ଆଦିବାସୀ ଓ ୧୭% ତଫସିଲଭୁକ୍ତ ଜାତି ବସବାସ କରୁଥିବା ଓଡ଼ିଶା ଭଳି ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟର ଏହି ଦଶବର୍ଷର ସଫଳତାର ରିପୋର୍ଟ କାର୍ଡ କିଛି କମ୍ ଉପଲବ୍ଧି ନୁହେଁ।

ଆରବିଆଇ ରିପୋର୍ଟ ପୂର୍ବରୁ ଏକାଧିକ ଜାତୀୟ ଓ ଅନ୍ତର୍ଜାତୀୟ ରିପୋର୍ଟରେ ଓଡ଼ିଶାର ଦାରିଦ୍ର୍ୟ ଦୂରୀକରଣରେ ଉଲ୍ଲେଖନୀୟ ସଫଳତାକୁ ପ୍ରଶଂସା କରାଯାଇଛି। ଏହାର ମୁଖ୍ୟ ଆଧାର ଅଣକୃଷି ନିଯୁକ୍ତିରେ ଅଭିବୃଦ୍ଧି ହୋଇଥିବା ବେଳେ ଗ୍ରାମାଞ୍ଚଳରେ ଲୋକଙ୍କୁ କ୍ଷୁଦ୍ର ବ୍ୟବସାୟ, ହସ୍ତଶିଳ୍ପ, ଗୋପାଳନ, କୁକୁଡ଼ା, ଛେଳି ଓ ମାଛଚାଷ, ବନୀକରଣ, ଖାଦ୍ୟ ପ୍ରକ୍ରିୟାକରଣ, ଯାନ୍ତ୍ରିକ ମରାମତି କାମ ଜରିଆରେ ସଫଳ ରୋଜଗାରର ପନ୍ଥା ଯୋଗାଇ ଦିଆଯାଉଛି। ବିଶେଷକରି ମହିଳାମାନଙ୍କୁ 'ମିଶନ୍ ଶକ୍ତି' ଜରିଆରେ ସ୍ୱାବଲମ୍ବୀ ହେବାର ଅନେକ ବିକଳ୍ପ ପ୍ରସ୍ତୁତ କରାଯାଇଥିଲା, ଯାହା ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଗୁଡ଼ିକ ଏମ୍‌ଏସ୍‌ଏମ୍‌ଇ(ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ) ରେ ବଢ଼ିବା ସହିତ ଦାରିଦ୍ର୍ୟ ହାରରେ ହ୍ରାସ ଘଟି ଚାଲିଥିଲା।

## ଏ ପରୀକ୍ଷା କାହା ହିତରେ?

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ପରିଚାଳିତ ବିଦ୍ୟାଳୟମାନଙ୍କରେ ଆସନ୍ତା ଶିକ୍ଷାବର୍ଷରୁ ନବମ ଶ୍ରେଣୀରେ ଲାଗୁ ହେବାକୁ ଯାଉଥିବା ବହି କିମ୍ବା ନୋଟ୍‌ବୁକ୍ କିମ୍ବା ସାଥୀ ବହି ଦେଖି ପରୀକ୍ଷା ଦେବା ବ୍ୟବସ୍ଥା(ଓପନ୍ ବୁକ୍ ଏକ୍ଜାମିନେସନ୍) ର ସୁଦୂରବିସ୍ତାରୀ କୁପ୍ରଭାବ ବିଷୟରେ ଆମେ ଏହି ସ୍ତମ୍ଭରେ କିଛିଦିନ ତଳେ ଆଲୋଚନା କରିଥିଲୁ ଏବଂ ଉଦ୍‌ବେଗ ପ୍ରକାଶ କରିଥିଲୁ। ଆଉ ଏକ ପରୀକ୍ଷା ବ୍ୟବସ୍ଥା ଉପରେ ପୁଣି ଥରେ ଆଲୋଚନା କରି ଶିକ୍ଷାବିତ, ବୁଦ୍ଧିଜୀବୀ ଓ ଅଭିଭାବକଙ୍କ ଦୃଷ୍ଟି ଆକର୍ଷଣ କରୁଛୁ। ଆସନ୍ତା ଶିକ୍ଷାବର୍ଷରୁ ସିବିଏସ୍‌ଇ ପରିଚାଳିତ ପ୍ରାୟ ୩୦ ହଜାର ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଦଶମ ଶ୍ରେଣୀରେ ଦୁଇଦୁଇଥର ପରୀକ୍ଷା ଦେବା ସୁବିଧା କାର୍ଯ୍ୟକାରୀ ହେବାକୁ ଯାଉଛି। ଏ ସମ୍ପର୍କିତ ମାର୍ଗଦର୍ଶିକା ଜାରି ହୋଇସାରିଥିବା ବେଳେ ପ୍ରଥମ ଦଫା ଫେବୃଆରୀ ୧୫ ତାରିଖରୁ-ମାର୍ଚ୍ଚ ୯ ତାରିଖ ମଧ୍ୟରେ ଏବଂ ଦ୍ୱିତୀୟ ଦଫା ମେ' ୧୫ ତାରିଖରୁ-ଜୁନ୍ ପହିଲା ମଧ୍ୟରେ ଅନୁଷ୍ଠିତ ହେବ। ଏବେ ଦଶମ ପରୀକ୍ଷାରେ ଦୁଇ ବିଷୟ ମଧ୍ୟରେ ବ୍ୟବଧାନ ଅଧିକ ରହୁଥିବା ବେଳେ ନୂଆ ପଦ୍ଧତିରେ ଏହି ଅବଧିକୁ ଗୋଟିଏ କିମ୍ବା ଦୁଇଦିନକୁ ହ୍ରାସ କରାଯିବ। ସଫଳତା ଭିତ୍ତିରେ ଏହି ପଦ୍ଧତି ଦ୍ୱାଦଶ ଶ୍ରେଣୀରେ କାର୍ଯ୍ୟକାରୀ ହେବ। ଛାତ୍ରଛାତ୍ରୀମାନେ ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଦେବା ବାଧ୍ୟତାମୂଳକ ହୋଇଥିବା ବେଳେ ସେମାନେ ଚାହିଁଲେ ଦ୍ୱିତୀୟ ଦଫାରେ ଆଉ ଟିକେ ଭଲ କରି ନମ୍ବର ବଢ଼ାଇପାରିବେ। କିନ୍ତୁ ଏହି ସୁବିଧା ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ ଓ ଦୁଇଟି ଭାଷାଭିତ୍ତିକ ବିଷୟ ମଧ୍ୟରୁ କେବଳ ତିନିଟି ବିଷୟରେ ମିଳିବ।

ଜାତୀୟ ଶିକ୍ଷା ନୀତିରେ ପରୀକ୍ଷା ବୋଝ ହ୍ରାସ କରିବାକୁ ଦିଆଯାଇଥିବା ପରାମର୍ଶ ଆଧାରରେ ସିବିଏସ୍‌ଇ ଉପରୋକ୍ତ ପଦକ୍ଷେପ ନେଇଛି। ଏହାଦ୍ୱାରା କିନ୍ତୁ ଶିକ୍ଷାଗ୍ରହଣର ଗୁଣାତ୍ମକ କାର୍ଯ୍ୟକାରିତା ଏବଂ ଶିକ୍ଷାର ମୂଳ ଲକ୍ଷ୍ୟ ପରାହତ ହେବାର ଆଶଙ୍କା ଅଧିକ। ସାଧାରଣତଃ ପରୀକ୍ଷାର ମୂଳ ଉଦ୍ଦେଶ୍ୟ ହେଉଛି ପିଲାମାନେ ବିଦ୍ୟାଳୟରେ କ'ଣ ଶିଖିଲେ, କେତେ ଶିଖିଲେ ତାହାର ମୂଲ୍ୟାୟନ ଏବଂ ପରୀକ୍ଷାର ନମ୍ବର ହେଉଛି ତାହାର ମାପକାଠି। ସେହି ମାପକାଠି ଆଧାରରେ ଉଚ୍ଚଶିକ୍ଷା ପାଇଁ ଅନୁମତି ମିଳେ। ନବମ ଶ୍ରେଣୀରୁ ଲାଗୁ ହେବାକୁ ଯାଉଥିବା ଓପନ୍ ବୁକ୍ ପରୀକ୍ଷା ପରବର୍ତ୍ତୀ ସମୟରେ ୧୦ମ ଶ୍ରେଣୀକୁ ସମ୍ପ୍ରସାରିତ ହେବାର ସମ୍ଭାବନା ଅଧିକ। ଯଦି ଜଣେ ଛାତ୍ର ବହିଦେଖି ପରୀକ୍ଷା ଦେବ, ଯାହା ପାଇଁ ପୁଣି ଥରେ ସୁଯୋଗ ପାଇବ, ତେବେ ପରୀକ୍ଷା କରାଯିବ କାହିଁକି? ଅନ୍ୟଥା ବିଦ୍ୟାଳୟର କସରତ ବଢ଼ିବା ସାର ହେବ। ବହି ଦେଖି ଦୁଇଦୁଇଥର ପରୀକ୍ଷା ଦେଇ ଭଲ ନମ୍ବର ଆଣିଥିବା ପିଲାମାନେ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଦକ୍ଷତା ପ୍ରଦର୍ଶନ କରିପାରିବେ ତ? ଫିନ୍‌ଲାଣ୍ଡ ରାଷ୍ଟ୍ର ଅନୁକରଣରେ ସମ୍ପୂର୍ଣ୍ଣ ପରୀକ୍ଷାକୁ ଉଚ୍ଛେଦ କରିଦେବା ବରଂ ଭଲ ହେବ।

ଏହାପୂର୍ବରୁ ଅଷ୍ଟମ୍ ଶ୍ରେଣୀ ପର୍ଯ୍ୟନ୍ତ ଥିବା ପାସ୍/ଫେଲ୍ ବ୍ୟବସ୍ଥାକୁ ପୁନଃକାର୍ଯ୍ୟକାରୀ କରିବା ପାଇଁ ସିବିଏସ୍‌ଇ ଅଧୀନସ୍ଥ ସମସ୍ତ ବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇସାରିଛି। ତା' ପରେ ନବମ ଶ୍ରେଣୀରେ ବହି ଦେଖି ଲେଖା ଏବଂ ଏବେ ଦଶମ ଶ୍ରେଣୀରେ ଦୁଇଦୁଇଥର ପରୀକ୍ଷା ସୁବିଧା ମିଳିବାକୁ ଯାଉଛି। ଏହି ପରସ୍ପର ବିରୋଧୀ ନିଷ୍ପତ୍ତିର ଭଲ-ମନ୍ଦ ବିଚାର କରିବା ଅଧିକାର ଶିକ୍ଷାବିତ୍ ଓ ଅଭିଭାବକଙ୍କର। ଆମେ କେବଳ ଦର୍ପଣର କାମ କରୁଛୁ।

# ନବୀନ ଉପସ୍ଥିତ, ବିଜେଡି ସୁରକ୍ଷିତ

ମିହିର ରାୟ

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷମତାରୁ ଅପସରି ଯିବାର ପନ୍ଦର ମାସ ବିତିଗଲାଣି। କିନ୍ତୁ ଓଡ଼ିଶାର ରାଜନୈତିକ ମହଲରେ ସେ ଚର୍ଚ୍ଚାରୁ ଅପସରି ନାହାନ୍ତି। ନିଃସନ୍ଦେହରେ ନବୀନ ଏବେ ବି ଓଡ଼ିଶା ରାଜନୀତିର ସର୍ବାଧିକ ଚର୍ଚ୍ଚିତ ଚେହେରା। ନବୀନଙ୍କ ରାଜନୈତିକ ଉପଲବ୍ଧି ହେଉ ବା ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା କଥା ହେଉ ବା ତାଙ୍କ ଉତ୍ତରାଧିକାରୀ କିଏ ହେବ ପ୍ରସଙ୍ଗ ହେଉ, ରାଜ୍ୟ ଓ ଜାତୀୟ ଗଣମାଧ୍ୟମରେ ନିରନ୍ତର ଚର୍ଚ୍ଚା ଲାଗି ରହିଛି। ଏହି ସମସ୍ତ ପ୍ରସଙ୍ଗ ଭିତରୁ ଗୋଟିଏ ପ୍ରସଙ୍ଗ ଆଗରେ ରହିଛି। ତାହା ହେଉଛି ନବୀନଙ୍କ ପରିଣତ ବୟସ ଏବଂ ତାଙ୍କର ରାଜନୈତିକ ଉତ୍ତରାଧିକାରୀ କିଏ ହେବ? ୟା' ଭିତରେ ଏକ ଅସ୍ତ୍ରୋପଚାର ପାଇଁ ନବୀନ ମୁମ୍ବାଇର ଏକ ଘରୋଇ ହସ୍ପିଟାଲକୁ ଯିବା ଏବଂ ସେଠାରୁ ଫେରିବା ପରେ ଆଉଥରେ ଭୁବନେଶ୍ୱରରେ ସ୍ଥିତ ଏକ ଘରୋଇ ହସ୍ପିଟାଲରେ କିଛିଦିନ ଚିକିତ୍ସିତ ହେବା ଘଟଣା ପୂର୍ବରୁ ଜାରି ରହିଥିବା ଚର୍ଚ୍ଚାକୁ ଅଧିକ ଖୋରାକ ଯୋଗାଇଛି।

ନବୀନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ କେତେବେଳେ ତାଙ୍କ ରାଜନୈତିକ ବିରୋଧୀମାନେ ପ୍ରଶ୍ନ ଉଠାଉଛନ୍ତି, ପୁଣି କେତେବେଳେ ଗଣମାଧ୍ୟମ ପ୍ରଶ୍ନ ଉଠାଉଛି। ନବୀନଙ୍କ ସ୍ୱାସ୍ଥ୍ୟକୁ ନେଇ ଏବେ ଯେଉଁ ପ୍ରଶ୍ନ ଉଠୁଛି ତାହା ଅବଶ୍ୟ ନୂଆ ନୁହେଁ। ପ୍ରାୟ ୨୦୧୫/୧୬ ମସିହାରୁ ନବୀନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ନେଇ ବିରୋଧୀ ପ୍ରଶ୍ନ ଉଠାଉଛନ୍ତି। କିନ୍ତୁ ନବୀନ ରାଜନୀତିରେ ରହିଛନ୍ତି ଏବଂ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ମଧ୍ୟ ସ୍ଥିର ରହିଛି। ଏଠାରେ ପ୍ରଶ୍ନ ଉଠେ ଯେ, ନବୀନଙ୍କ ସ୍ୱାସ୍ଥ୍ୟକୁ ନେଇ ବିରୋଧୀ ପ୍ରସଙ୍ଗ କରୁଛନ୍ତି କାହିଁକି? ଅନୁଶୀଳନ କଲେ ଜଣାଯାଏ, ନିର୍ବାଚନ ପାଖେଇ ଆସିଲେ ବିରୋଧୀ ଏହି ପ୍ରସଙ୍ଗ ଉଠାନ୍ତି। ନବୀନଙ୍କ ଲୋକପ୍ରିୟତା ଯୋଗୁଁ ସେ ଲଗାତର ଭାବେ ପାଞ୍ଚ ପାଞ୍ଚ ଥର ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ନବୀନଙ୍କୁ କ୍ଷମତା ଦୌଡ଼ରୁ ଦୂରରେ ରଖିବା ପାଇଁ ବିରୋଧୀ ତାଙ୍କ ସ୍ୱାସ୍ଥ୍ୟ ପ୍ରସଙ୍ଗକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ଏକ ମିଛ ବ୍ୟାଖ୍ୟାନ ବୋଲି କୁହାଯାଇପାରେ।

୨୦୨୪ ନିର୍ବାଚନ ସମୟରେ ବିଜେଡି ଓ ନବୀନ ପଟ୍ଟନାୟକଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ବିରୋଧୀଙ୍କ ତରଫରୁ ଅନେକ ମିଛ ବ୍ୟାଖ୍ୟାନ କରା ଯାଇଥିଲା କୁହାଯାଏ। ଅନେକ ମିଛ ବ୍ୟାଖ୍ୟାନ ଭିତରୁ ନବୀନଙ୍କ ଅସୁସ୍ଥତା ଅଭିଯୋଗ ମଧ୍ୟ ଗୋଟିଏ ଥିଲା। ଯଦିଓ ନବୀନ କ୍ଷମତାରେ ନାହାନ୍ତି, ସେ ଏବେବି ରାଜ୍ୟର ସର୍ବାଧିକ ଲୋକପ୍ରିୟ ନେତା। ୨୦୨୪ ବିଧାନସଭା ନିର୍ବାଚନରେ ବିଜେଡି ବିଜେପିଠାରୁ କମ ଆସନ ପାଇଥିଲେ ମଧ୍ୟ ଅଧିକ ଭୋଟ ପାଇଥିଲା। ନବୀନଙ୍କ ଲୋକପ୍ରିୟତା ବଳରେ ୨୦୨୯ ନିର୍ବାଚନରେ ବିଜୟୀ ହେବାର ବିଜୁ ଜନତା ଦଳ କ୍ଷମତା ରଖୁଛି ବୋଲି କୌଣସି ରାଜନୈତିକ ସମୀକ୍ଷକ ଦ୍ୱିମତ ହେବେ ନାହିଁ। ତେଣୁ ବିଜେଡିକୁ କ୍ଷମତାରୁ ଦୂରରେ ରଖିବା ପାଇଁ ନବୀନଙ୍କ ଅସୁସ୍ଥତାର ପ୍ରଚାର ବିରୋଧୀଙ୍କ ପାଇଁ ଏବେବି ଗୋଟିଏ ଅସ୍ତ୍ର।

କିଛି ଗଣମାଧ୍ୟମରେ ନିକଟରେ କୁହାଯାଇଛି ଯେ, ୨୦୨୯ ବେଳକୁ ମୁଖ୍ୟମନ୍ତ୍ରୀ ପରି ଗୁରୁ ଦାୟିତ୍ୱ ତୁଲାଇବା ପାଇଁ ନବୀନଙ୍କୁ ତାଙ୍କ ସ୍ୱାସ୍ଥ୍ୟ ଅନୁମତି ଦେବନାହିଁ। ନବୀନଙ୍କୁ ଏବେ ୭୮ ବର୍ଷ। ୨୦୨୯ ନିର୍ବାଚନ ବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିବ। ସମ୍ବିଧାନରେ ମୁଖ୍ୟମନ୍ତ୍ରୀ ହେବା ପାଇଁ କୌଣସି ବୟସର ସୀମା ନାହିଁ। ନବୀନଙ୍କ ସ୍ୱାସ୍ଥ୍ୟ ସେତେବେଳକୁ ଖରାପ ହୋଇ ଯାଇଥିବ ବୋଲି ଏବେଠାରୁ ଆକଳନ କରିବା ଠିକ ନୁହେଁ। ଇତିହାସକୁ ଅବଲୋକନ କଲେ ଜଣାଯାଏ, ଅନେକ ବ୍ୟକ୍ତି ପରିଣତ ବୟସରେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଭଳି ଗୁରୁ ଦାୟିତ୍ୱ ସଫଳତାର ସହିତ ନିର୍ବାହ କରିଛନ୍ତି। ବର୍ଷିଆନ ରାଜନେତା ପ୍ରକାଶ ସିଂ ବାଦଲ ୨୦୧୨ ମସିହାରେ ଚତୁର୍ଥ ଥର ପାଇଁ ପଞ୍ଜାବର ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେତେବେଳକୁ ତାଙ୍କୁ ୮୪ ବର୍ଷ ହୋଇଥିଲା। ସେ ସଫଳତାର ସହିତ ପାଞ୍ଚ ବର୍ଷ ଶାସନ କରିଥିଲେ। ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଲା ବେଳକୁ ତାଙ୍କୁ ୮୯ ବର୍ଷ ହୋଇଥିଲା। ସେହିପରି ୨୦୦୬ ମସିହାରେ ଏମ କରୁଣାନିଧିଙ୍କୁ ୮୨ ବର୍ଷ ହୋଇଥିଲା ବେଳେ ସେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ୮୭ ବର୍ଷ ହେବା ପର୍ଯ୍ୟନ୍ତ ସେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ସଫଳତାର ସହିତ ତୁଲାଇଥିଲେ। ୧୯୭୭ ମସିହାରେ, ମୋରାରଜୀ ଦେଶାଇଙ୍କୁ ଯେତେବେଳେ ୮୧ ବର୍ଷ ହୋଇଥିଲା ସେ ଭାରତର ପ୍ରଧାନମନ୍ତ୍ରୀ ହୋଇଥିଲେ ଏବଂ ୮୩ ବର୍ଷ ହେବା ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇଥିଲେ। ପଶ୍ଚିମବଙ୍ଗର ବିଶିଷ୍ଟ ବାମପନ୍ଥୀ ରାଜନେତା ଜ୍ୟୋତି ବସୁ ୮୧ ବର୍ଷ ବୟସରେ ଶେଷ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ତାଙ୍କୁ ୮୬ ବର୍ଷ ହେବା ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇଥିଲେ।

କେବଳ ଭାରତରେ ପ୍ରାପ୍ତବୟସ୍କ ରାଜନେତାମାନେ ସଫଳତାର ସହିତ ରାଜ୍ୟ କିମ୍ବା ଦେଶର ନେତୃତ୍ୱ ନେବାର ଉଦାହରଣ ରହିଛି ତାହା ନୁହେଁ, ବରଂ ସମଗ୍ର ବିଶ୍ୱରେ ମଧ୍ୟ ଏଭଳି ଅନେକ ଉଦାହରଣ ଦେଖିବାକୁ ମିଳେ। ଇଂରାଜୀରେ ଗୋଟିଏ ଶବ୍ଦ ଅଛି, 'ଜେରୋନଟୋକ୍ରାସି'। ଯାହାର ଅର୍ଥ ହେଉଛି, ପ୍ରାପ୍ତବୟସ୍କ ବ୍ୟକ୍ତିଙ୍କ ଦ୍ୱାରା ଶାସନ। ୯୨ ବର୍ଷୀୟ ପଲ ବିୟୋ ଏବେ ଆଫ୍ରିକୀୟ ରାଷ୍ଟ୍ର କାମେରୁନର ରାଷ୍ଟ୍ରପତି ଭାବେ ଦାୟିତ୍ୱ ତୁଲାଉଛନ୍ତି ଏବଂ ଅକ୍ଟୋବର ୨୦୨୫ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ପାଇଁ ନିଜର ପ୍ରାର୍ଥିତ୍ୱ ଘୋଷଣା କରି ସାରିଛନ୍ତି। ୯୨ ବର୍ଷରେ ମହାଥିର ମହମ୍ମଦ ମାଲେସିଆର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ। ରବର୍ଟ ମୋଗବେ ୯୩ ବର୍ଷ ପର୍ଯ୍ୟନ୍ତ ଜିମ୍ବାୱେ ଦେଶର ରାଷ୍ଟ୍ରପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଜିଆରଜିଓ ନାପୋଲିଟାନୋ ୮୧ ବର୍ଷ ବୟସରେ ଇଟାଲୀର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ ଏବଂ ତାଙ୍କୁ ୯୦ ବର୍ଷ ହେବା ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇଥିଲେ। ଜିନ-ଲୁସିଏନ ସାଭିଦେ ତୋଭେଙ୍କୁ ଏବେ ୮୬ ବର୍ଷ ହୋଇଥିବା ବେଳେ ନିକଟରେ ଅର୍ଥାତ ମେ' ୨୦୨୫ରେ ସେ ଟୋଗୋ ରାଷ୍ଟ୍ରର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆମେରିକାର ବର୍ତ୍ତମାନର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କୁ ୭୯ ବର୍ଷ ହୋଇଥିବା ବେଳେ ସେ ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ତାଙ୍କୁ ୮୩ ବର୍ଷ ହେଲା ପର୍ଯ୍ୟନ୍ତ ରାଷ୍ଟ୍ରପତି ରହିବେ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ ୭୮ ବର୍ଷରେ ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ୮୨ ବର୍ଷ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ।

ଏହିପରି ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟ ଭାବେ ପ୍ରାପ୍ତବୟସ୍କମାନେ ବିଶେଷକରି ୮୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନେ ଦାୟିତ୍ୱ ଗ୍ରହଣ କରିବା ତାଲିକା ଖୁବ ଲମ୍ବା। ଏପରିକି ନବେରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ଅନେକ ସ୍ଥାନରେ ରାଷ୍ଟ୍ରମୁଖ୍ୟର ଗୁରୁ ଦାୟିତ୍ୱ ତୁଲାଇଛନ୍ତି। ଏଥିରୁ ଏହା ପ୍ରତୀୟମାନ ହେଉଛି ଯେ ଶାସନମୁଖ୍ୟ ଭାବେ ଦାୟିତ୍ୱ ତୁଲାଇବା ପାଇଁ ବୟସ ପ୍ରତିବନ୍ଧକ ନୁହେଁ। ତେଣୁ ୨୦୨୯ ମସିହାର ନିର୍ବାଚନ ବେଳକୁ ନବୀନ ବିଜୁ ଜନତା ଦଳକୁ ନେତୃତ୍ୱ ନେଇପାରିବେ ନାହିଁ ଯୁକ୍ତି ଗ୍ରହଣୀୟ ନୁହେଁ। ନବୀନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ଯେଉଁ କଳ୍ପନା ଜଳ୍ପନା ପ୍ରକାଶ କରାଯାଉଛି, ତାହା ମଧ୍ୟ ଅନାବଶ୍ୟକ। ନିକଟରେ ମୁମ୍ବାଇରେ ସର୍ଜରୀ ହେବା ପରେ ସେଠାକାର ଡାକ୍ତରଙ୍କ ମତ ଅନୁସାରେ ନବୀନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ୱାଭାବିକ ରହିଛି।

ନବୀନ ପଟ୍ଟନାୟକ ହେଉଛନ୍ତି ବିଜୁ ଜନତା ଦଳର ପୁଞ୍ଜି। ବିଜୁ ଜନତା ଦଳର ବିରୋଧୀମାନେ ବେଶ ଭଲ ଭାବରେ ଜାଣନ୍ତି ଯେ ରାଜନୀତି ମୈଦାନରେ ନବୀନଙ୍କ ଉପସ୍ଥିତି, ସେମାନଙ୍କ ପାଇଁ ଏକ ବଡ଼ ଆହ୍ୱାନ ସଦୃଶ। ନବୀନ ଉପସ୍ଥିତ ଅଛନ୍ତି ମାନେ ବିଜେଡି ସୁରକ୍ଷିତ ଅଛି ବୋଲି ଧରି ନେବାକୁ ହେବ। ତେଣୁ ନବୀନଙ୍କ ସ୍ୱାସ୍ଥ୍ୟକୁ ନେଇ ବିରୋଧୀ ମାନେ ପ୍ରଶ୍ନ ଉଠାଇବା ଏବଂ ବିଭିନ୍ନ ନ୍ୟାରେଟିଭ କରିବା ସ୍ୱାଭାବିକ। କିନ୍ତୁ ବିଜୁ ଜନତା ଦଳ ପାଇଁ ନବୀନଙ୍କ ନେତୃତ୍ୱ ଅପରିହାର୍ଯ୍ୟ।

ଭୁବନେଶ୍ୱର, ମୋ: ୮୨୪୯୮୨୨୫୦୯

# ହସ ତଳର ଲୁହ

ରାଜୀବ ଗୋପାଳ ସ୍ୱାଇଁ



ଜୀବନ ଭାରି ବୈଚିତ୍ର୍ୟମୟୀ। କେତେ ରଙ୍ଗ କେତେ ରୂପ ନେଇ ସେ ମଣିଷକୁ କେତେବେଳେ ପ୍ରଲୋଭିତ କରେ ତ କେତେବେଳେ କରାଏ ଭୟଭୀତ। ଯେଉଁ ମଣିଷ ସେହି ବିଚିତ୍ରତା ଭିତରେ ନିଜକୁ ନିୟନ୍ତ୍ରଣ କରି ଆଗକୁ ବଢ଼େ ସେ ସେତେ ସଫଳ ହୁଏ। ଆମ ଜୀବନ ଭିତରେ ଅନେକ ଚରିତ୍ର ଆମ ଜୀବନକୁ ସରସ, ସୁନ୍ଦର ଓ ମଧୁମୟ କରିଥା'ନ୍ତି। ସେମାନଙ୍କ ସାମାନ୍ୟ ଅଣଦେଖାରେ, ଆମ ଜୀବନ ହୋଇପାରେ ନର୍କ ତୁଲ୍ୟ ଅନ୍ଧକାରାଚ୍ଛନ୍ନ। ଆମେ ସେହି କଥାକୁ ଭୁଲିଯିବା ଉଚିତ୍ ନୁହେଁ ଯେ ଆଘାତ ସବୁବେଳେ କିଛିନା କିଛି ନଷ୍ଟ କରେ ଆଉ ଯତ୍ନଶୀଳତା ଆମକୁ ଛଳଛଳ ଓ ପ୍ରଗତିଶୀଳ କରାଏ। ଏତିକିବେଳେ ସେହି ଚରିତ୍ରମାନେ ଆମକୁ କେଉଁ ପରିସ୍ଥିତିରେ କେମିତି ପ୍ରଭାବିତ କରିଥା'ନ୍ତି ତାହା ହିଁ ଥାଏ ମୁଖ୍ୟ କଥା।

ମାଆଟିଏର ମନ ସବୁବେଳେ ତା' ପିଲାମାନଙ୍କ ପାଇଁ ଓ ତା'ପରିବାର ପାଇଁ ବ୍ୟାକୁଳ ଥାଏ। ସେହି ମାଆର ଏକାନ୍ତରେ ଝରୁଥିବା ଲୁହ କେବେ ବି ସାମ୍ନାକୁ ଆସେନି। ଅନ୍ତରର ଦୁଃଖ ଓ ଲୁହକୁ ଲୁଚାଇ ଲୁଚାଇ ପିଇପିଇ, ସେ'ନିଜ ଓଠରେ ଫୁଟାଇଥାଏ ଶାଶ୍ୱତ ହସଟିଏ। ସେହିପରି ବାପା ବି କମ୍ ନୁହନ୍ତି। ପରିବାରର ସବୁ ସଦସ୍ୟଙ୍କ ଦୁଃଖର ଭାଗକୁ ନିଜର କରି ସେ ମନର କୋହକୁ ମନରେ ମାରିଦେଲା ବେଳେ ତାଙ୍କ ମୁହଁରେ କୌଣସି ଶଙ୍କା ନଥାଏ। ନ୍ୟାୟାଳୟର ବିଚାରପତି ବି ଜଣେ ସାଧାରଣ ମଣିଷ, ଯିଏ ଅନ୍ୟମାନଙ୍କ ପରି ମାନବୀୟ ସମ୍ବେଦନଶୀଳତାରେ ପରିପୂର୍ଣ୍ଣ। ତଥାପି ଅପରାଧୀକୁ ଦଣ୍ଡ ଶୁଣାଇବା ବେଳେ ସେ ନିଜ ମନର ଭାବକୁ ଗୋପନ ରଖନ୍ତି, ନିଜ ଭାବନାରେ ନିୟନ୍ତ୍ରଣ ଆଣିଥା'ନ୍ତି। ରୋଗୀକୁ ଚିକିତ୍ସା କଲା ସମୟରେ ଡାକ୍ତର ରଖିଥା'ନ୍ତି ଅଦ୍ଭୁତ ଆତ୍ମନିୟନ୍ତ୍ରଣ। ସେ ରୋଗୀର ଅବସ୍ଥା ଦ୍ୱାରା ପ୍ରଭାବିତ ହୋଇ ନ ଥା'ନ୍ତି। ଅନେକ କିଛି ଜାଣି ବି ରୋଗୀ କିମ୍ବା ତା'ପରିବାରକୁ ଆଶ୍ୱସନା ହିଁ ଦେଇଥା'ନ୍ତି। ନିଜର ବ୍ୟକ୍ତିଗତ କି ସାମାଜିକ ସମସ୍ୟା, ଦୁଃଖ, ଶୋକ ସତ୍ତ୍ୱେ ହାସ୍ୟ ଅଭିନେତାଟିଏ ତା'ମନର ବେଦନାକୁ ସାମ୍ନାକୁ ଆସିବାକୁ ଦିଏ ନାହିଁ। ଅନେକଙ୍କ ଓଠରେ ହସ ଆଣିବାକୁ ସେ ନିଜ ଭିତରର ଲୁହ, କୋହ, ବିବ୍ରତପଣ, ବିଚଳିତ ଭାବକୁ ଅନ୍ତରରେ ଚାପି ହାସ୍ୟରସ ପରିବେଷଣ କରିଥାଏ। ମଞ୍ଚ ଉପରେ ଥିବା ଯାଏଁ ସେ ଅନ୍ୟମାନଙ୍କୁ ତା' ଦୁଃଖକୁ ତିଳେମାତ୍ର ଜାଣିବାର ସୁଯୋଗ ଦେଇ ନଥାଏ। ସୈନିକଟିଏ ପରିବାରର ସ୍ନେହ, ପ୍ରେମ, ବନ୍ଧନକୁ ପଛକରି ଲୁହ ଓ ଦୁଃଖକୁ ଛପାଇ ରଖି, ଦେଶମାତୃକାର ରକ୍ଷା ପାଇଁ ଦୂରକୁ ଯାଏ। ପୁଣି ଶତ୍ରୁ ସାମ୍ନାରେ ସମସ୍ତ ପ୍ରତିକୂଳତା ସତ୍ତ୍ୱେ ପଥର ଚଟାଣ ପରି ଜମି ରହେ। ସେହିପରି ଶିଳ୍ପୀ ପାଖରେ ଥାଏ ଅଦ୍ଭୁତ ଆତ୍ମନିୟନ୍ତ୍ରଣ। ସେ' ନିଜ ଭାଗର ଅନେକାଂଶ ନିଜ ଶିଳ୍ପ ଭାସ୍କର୍ଯ୍ୟରେ ନିୟୋଜିତ କରିଥା'ନ୍ତି। ବୋଧହୁଏ ଏହା ବିନା କାରିଗରର ସ୍ୱପ୍ନ ସାକାର ହେବା ସମ୍ଭବ ନୁହେଁ। ବାରଶ ବଢ଼େଇ ଏକାଗ୍ର ଚିତ୍ତରେ କାମ କରି ନ ଥିଲେ କି ଘର ଠୁଁ ଦୂରରେ ଥାଇ ବିରହ ଯନ୍ତ୍ରଣାର ନୀଳ ଜହର ପିଇ ନ ଥିଲେ, ସତରେ କ'ଣ କୋଣାର୍କ ପରି କାଳଜୟୀ ଶିଳ୍ପକଳା ଠିଆ ହୋଇଥା'ନ୍ତା!

ସମାଜର ଏହି ବିବିଧ ବୈଚିତ୍ର୍ୟମୟ ସଂଗୋପିତ ଲୁହ ଓ କୋହ ସମ୍ପର୍କରେ ଆଲୋଚନା କଲେ, ତାହା ଶେଷ ହେବ ନାହିଁ। କାରଣ ସଂସାରର ଗତିଶୀଳତା ଓ ଅସ୍ତିତ୍ୱ ଏହିପରି ମହାନ ତ୍ୟାଗ, ଅନୁକମ୍ପା, ପ୍ରେମ, ବାତ୍ସଲ୍ୟ ପରି ମହନୀୟ ପରମ୍ପରାରେ ହିଁ ନିହିତ ରହିଛି। ଅନେକ କଥାରେ ସମ୍ବେଦନଶୀଳ ମଣିଷ ନିଜ ଅବସ୍ଥାକୁ ପଛକୁ ଠେଲି ଏବଂ ଦୁଃଖ, ଶୋକକୁ ମନରେ ଲୁଚାଇ କର୍ମ କରିଥାଏ। ନିଜର କର୍ତ୍ତବ୍ୟ ଉପରେ ଯତ୍ନଶୀଳ ହୋଇଥାଏ। ଆପଣାର ମଣିଷ, ସମାଜ କିମ୍ବା ଦେଶର ଭଲ ପାଇଁ ତା'ର ଥାଏ ପ୍ରାଥମିକତା। ଏମିତି କରିବାରେ ଯେଉଁ ବ୍ୟକ୍ତି ଯେତେ ନିପୁଣ ହୋଇଥା'ନ୍ତି, ସେ ସେତେ ଗ୍ରହଣୀୟ ଓ ଆଦର ଲାଭ କରନ୍ତି। ତାଙ୍କୁ ସମସ୍ତେ କହନ୍ତି ସ୍ଥିତପ୍ରଜ୍ଞ। ଏପରି ବ୍ୟକ୍ତି ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଜର, ନିଜ ପରିବାରର ଏବଂ ସମାଜର ମଙ୍ଗଳ ହିଁ କରିଥାଏ। ଅପରପକ୍ଷେ ଏପରି ଅନେକ ଲୋକ ଥା'ନ୍ତି, ଯେଉଁମାନେ ନିଜର ଭାବନା ଉପରେ ଆଦୌ ନିୟନ୍ତ୍ରଣ ରଖିପାରନ୍ତି ନାହିଁ। ସେମାନେ ନିଜର ପ୍ରତିକ୍ରିୟାକୁ ତୁରନ୍ତ ଭିନ୍ନଭିନ୍ନ ଢଙ୍ଗରେ ପ୍ରକାଶ କରିଥା'ନ୍ତି। ଅନେକ ସମୟରେ ଏୟା ହୁଏ ଯେ, ଯାହା ପାଇଁ ସେହି ପ୍ରତିକ୍ରିୟା ରହିଥାଏ ସେ ବ୍ୟକ୍ତି ବା ବ୍ୟକ୍ତିସମୂହ ସେଥିରେ ଆଘାତ ପାଇଥା'ନ୍ତି କିମ୍ବା ପ୍ରତିକ୍ରିୟାଶୀଳ ରହିଥା'ନ୍ତି। ସେହି ସମୟରେ ମଣିଷ କ୍ରୋଧର ବଶବର୍ତ୍ତୀ ରହିଥାଏ। ତେଣୁ ଦୁଇ ବିରୋଧୀ ପକ୍ଷ ସାମ୍ନାସାମ୍ନି ହେଲେ ଅଘଟଣ ଓ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥାଏ।

ଅନ୍ତରର ଦୁଃଖ ଦରଦୀ ମଣିଷ ଆଗରେ ପ୍ରକାଶ କରିଦେଲେ ମନ ହାଲୁକା ହୋଇଯାଏ। ବେଳେବେଳେ ସେହି କହିବା ପ୍ରକ୍ରିୟା ଭିତରେ ହିଁ ମନ ଭିତରେ ଆସିଥାଏ ଗଭୀର ପରିବର୍ତ୍ତନ। ଦୁଃଖ ଦୂରେଇ ଯାଏ ଏବଂ ଦିଶିଯାଏ ଆଲୋକିତ ପଥ। ମନରେ ଭରିଯାଏ ସାହସ। ତେଣୁ ଭିତରେ ଭିତରେ ଜଳୁଥିବା ମଣିଷ, ଜଳିଜଳି ଶୁଦ୍ଧରୁ ଅଧିକ ଶୁଦ୍ଧ ହୁଏ, ନଚେତ୍ ଜଳିଜଳି ଅଙ୍ଗାରରେ ପରିଣତ ହୁଏ।

କୁରୁବଂଶର ସିଂହାସନର ପ୍ରକୃତ ଉତ୍ତରାଧିକାରୀ ଥିଲେ ଧୃତରାଷ୍ଟ୍ର। କାରଣ ସେ ହିଁ ଥିଲେ ବଡ଼ ଭାଇ। ତେବେ ସେ ଅନ୍ଧ ଥିବାରୁ ସାନଭାଇ ପଣ୍ଡୁଙ୍କୁ ରାଜ୍ୟଭାର ଅର୍ପଣ ହୁଏ। କଥାଟି ଧୃତରାଷ୍ଟ୍ରଙ୍କୁ ସାରା ଜୀବନ କଷ୍ଟ ଦିଏ, ଯାହାକୁ ସେ କାହା ଆଗରେ ପ୍ରକାଶ କରିପାରନ୍ତି ନାହିଁ। ରାଜା ନ ହୋଇ ପାରିବାର ଦୁଃଖ, ଅନ୍ତର ତଳେ ଅହର୍ନିଶ ଜଳୁଥାଏ। ଯୁଧିଷ୍ଠିର ଯୁବରାଜ ପଦରେ ଅଭିଷିକ୍ତ ହେବା ତାଙ୍କର ଏ ଦୁଃଖକୁ ଅଧିକ ବଢ଼ାଏ। ଧୃତରାଷ୍ଟ୍ରଙ୍କ ହୃଦୟରେ କେହି ଯେମିତି କହୁଥାଏ, ସେ ନିଜେ ସିନା ଅନ୍ଧ, ହେଲେ ତାଙ୍କ ବଡ଼ ପୁଅ ଦୁର୍ଯ୍ୟୋଧନ ତ ସୁସ୍ଥ, ତେଣୁ ଏ ରାଜ ସିଂହାସନର ଏକମାତ୍ର ଉତ୍ତରାଧିକାରୀ ଦୁର୍ଯ୍ୟୋଧନ ହିଁ ହୋଇପାରେ! ଆଉ ତାଙ୍କର ଅନ୍ତହୀନ ନିରବତା ଓ ଅବ୍ୟକ୍ତ ଦୁଃଖ ଦୁର୍ଯ୍ୟୋଧନକୁ ପାଣ୍ଡବଙ୍କ ବିରୁଦ୍ଧରେ ଶକ୍ତି ଯୋଗାଏ, ଯାହା ବିଶାଳ ମହାଭାରତ ଯୁଦ୍ଧର ମୂଳ କାରଣ ପାଲଟେ।

ତେଣୁ ହସ ତଳର ଲୁହ, ନିରବତା ଭିତରର କୋହ କେତେବେଳେ ସୁପ୍ତ ଆଗ୍ନେୟଗିରି ତ କେତେବେଳେ ଛଳଛଳ ପବିତ୍ର ଝରଣାର ବିମୁଗ୍ଧ କୁଳୁକୁଳୁ ନିନାଦ। କେବଳ ଏତିକି ଆବଶ୍ୟକ ଯେ ମଣିଷ ତାକୁ କିପରି ବ୍ୟବହାର କରିବ।

ଅନୁଗୁଳ, ମୋ: ୭୬୮୪୯୮୯୫୫୭,

# ମହାପ୍ରଭୁଙ୍କ କୁଆଁର ନୀତି

ସ୍ୱପ୍ନେଶ୍ୱର

**ଲୋକକଥାରେ ଲୋକଦେବତା**

କୁମାରପୂର୍ଣ୍ଣିମା ଦିନ ଖାଣ୍ଟି ଓଡ଼ିଆ ମହାପ୍ରଭୁ ପତ୍ନୀ ଲକ୍ଷ୍ମୀଙ୍କ ସାଙ୍ଗରେ କଉଡ଼ି ଖେଳନ୍ତି ଏବଂ ଥରେ ନୁହେଁ ସାତ ସାତ ଥର ପରାଜୟ ବରଣ କରନ୍ତି। ଜଗତର ନାଥ ଜଗନ୍ନାଥଙ୍କୁ ଖେଳରେ ହରେଇ ଦେବା ପରେ ମାତା ଲକ୍ଷ୍ମୀ ମୁରୁକି ମୁରୁକି ହସନ୍ତି। ପରମା ସୁନ୍ଦରୀ ମାଆ ମହାଲକ୍ଷ୍ମୀ ମୁରୁକି ହସିଲେ ଆହୁରି ଅଧିକ ସୁନ୍ଦର ମହାପ୍ରଭୁଙ୍କୁ ସୁନ୍ଦର ଦିଶନ୍ତି। ଏହା ହିଁ ମହାପ୍ରଭୁଙ୍କ ଜାଣିଶୁଣି ହାରିବା ପଛର ଉଦ୍ଦେଶ୍ୟ। ସ୍ତ୍ରୀ ମୁହଁର ହସକୁ ସେ ପୁରସ୍କାର ରୂପେ ଗ୍ରହଣ କରି ଖୁସି ହୁଅନ୍ତି କି ସେ କଥା ତାଙ୍କୁ ଜଣା। ଆଉ କେତେକଙ୍କ ମତରେ ରସିକିଆ ଜଗନ୍ନାଥଙ୍କର ଏଇଟା ଗୋଟେ ବାହାନା। ଜାଣି ଜାଣି ହାରୁଛନ୍ତି ଏବଂ ସର୍ତ୍ତ ଅନୁସାରେ ସାତଦିନ ଯାଇ ଲକ୍ଷ୍ମୀଙ୍କ ପାଖରେ ବନ୍ଧା ପଡ଼ି ରହୁଛନ୍ତି।

କୁମାର ପୂର୍ଣ୍ଣିମା ଦିନ ସନ୍ଧ୍ୟା ଧୂପ ପରେ ଶ୍ରୀଦେବୀ ଓ ମଦନମୋହନ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପ୍ରାପ୍ତ ହୋଇ ବିମାନରେ ଯାଇ ମହାଲକ୍ଷ୍ମୀଙ୍କ ଜଗମୋହନରେ ଏକ ସୁସଜ୍ଜିତ ଖଟରେ ବିରାଜମାନ କରନ୍ତି। ସେଠାରେ ପତିପତ୍ନୀଙ୍କ ବନ୍ଦାପନା ଓ ଶୀତଳ ଭୋଗ ସମର୍ପଣ ହୁଏ। ତା' ପରେ ସ୍ୱାମୀ ଓ ସ୍ତ୍ରୀଙ୍କ ଭିତରେ କଉଡ଼ି ଖେଳ ଆରମ୍ଭ ହୁଏ। ରୁପାରେ ନିର୍ମିତ ଏକୋଇଶଟି କଉଡ଼ି ଓ କାଠରେ ତିଆରି ଗୋଟି ଏହି ଖେଳ ପାଇଁ ବ୍ୟବହୃତ ହୁଏ। - 'ଶୁଦ୍ଧ ସୁବର୍ଣ୍ଣର ମଣ୍ଡପ ଚନ୍ଦନ କାଠ ଗୋଟି / ଲକ୍ଷ୍ମୀ ନାରାୟଣ ଖେଳନ୍ତି ହାତେ କଉଡ଼ି ମୁଠି।' ପତି ମହାପାତ୍ର ଜଗନ୍ନାଥଙ୍କ ତରଫରୁ ଏବଂ ଭିତରଚ୍ଛ ମହାପାତ୍ର/ ମୁଦିରସ୍ତ ଲକ୍ଷ୍ମୀଙ୍କ ତରଫରୁ ଖେଳରେ ଭାଗ ନିଅନ୍ତି। ସେଦିନ ସେଠାରେ ସ୍ୱାମୀ ଓ ସ୍ତ୍ରୀଙ୍କ ଭିତରେ ସାତମୁଠା / ବାଜି କଉଡ଼ି ଖେଳ ହୁଏ ଏବଂ ସାତ ବାଜିଯାକ ମହାପ୍ରଭୁ ପତ୍ନୀଙ୍କଠାରୁ ଖେଳରେ ହାରି ଯାଆନ୍ତି। ପ୍ରତି ବାଜିରେ ମହାପ୍ରଭୁ ହାରିବା ପରେ ନିଜର କିଛି ନା କିଛି ଦୁର୍ମୂଲ୍ୟ ପଦାର୍ଥ ଲକ୍ଷ୍ମୀଙ୍କ ପାଖରେ ଦେବାକୁ ବାଧ୍ୟ ହୁଅନ୍ତି। ଖେଳ ଆରମ୍ଭ ଆଗରୁ ତାହା ହିଁ ସର୍ତ୍ତ ଥାଏ।

ପ୍ରଥମ ବାଜି ହାରିବା ପରେ ସୁବର୍ଣ୍ଣ ମୁକୁଟ, ଦ୍ୱିତୀୟ ବାଜି ପରେ ରତ୍ନ ହାର, ତୃତୀୟରେ ମକର କୁଣ୍ଡଳ, ଚତୁର୍ଥରେ ପିନ୍ଧି ଥିବା ପାଟ ବସନ, ପଞ୍ଚମରେ ରତ୍ନ ମୁଦି ଓ ଷଷ୍ଠରେ ରତ୍ନ ଖଚିତ ପାଦୁକା ହାରିବା ପରେ ତା' ପର ଖେଳ ପାଇଁ ମହାପ୍ରଭୁଙ୍କ ପାଖରେ ଆଉ କିଛି ନ ଥାଏ। ସପ୍ତମ ମୁଠା ଆରମ୍ଭ କରିବା ଆଗରୁ ମହାଲକ୍ଷ୍ମୀ ପଚାରନ୍ତି- 'ମହାପ୍ରଭୁ! ବର୍ତ୍ତମାନ ତ ବନ୍ଧା ଦେବା ପାଇଁ ଆଉ କିଛି ରହିଲା ନାହିଁ। ୟା' ପର ମୁଠା ଖେଳି ହାରିଲେ ଆପଣ ଦେବେ କ'ଣ?' ମହାପ୍ରଭୁ କହନ୍ତି- ବ୍ୟକ୍ତିର ଅତିପ୍ରିୟ ତା'ର ଶରୀର। ଏଥର ହାରିଲେ ମୁଁ ମୋର ଶେଷ ସମ୍ପତ୍ତି ଶରୀରକୁ ବନ୍ଧା ଦେଇ ଦେବି।' ସପ୍ତମ ବାଜି ମଧ୍ୟ ମହାପ୍ରଭୁ ହାରନ୍ତି। ଦେବୀ ଲକ୍ଷ୍ମୀ ବିଜୟୋଲ୍ଲାସର ସହ ହସି ହସି କହନ୍ତି- 'ବର୍ତ୍ତମାନ ସବୁ ବାଜି ହାରି ସର୍ତ୍ତ ଅନୁସାରେ ଆପଣ ମୋ ମନ୍ଦିରରେ ବନ୍ଧା ପଡ଼ିବେ ମହାପ୍ରଭୁ! ମହାପ୍ରଭୁ କହନ୍ତି- 'ଠିକ ଅଛି, ଲକ୍ଷ୍ମୀ! ମୁଁ ବନ୍ଧା ପଡ଼ିବାକୁ ରାଜି ଅଛି। କିନ୍ତୁ ତୁମେ ଯଦି ରାଜି ହୁଅନ୍ତ, ଅନ୍ତତଃ ଗୋଟେ ବାଜି ଜିଣିବାକୁ ଶେଷ ଚେଷ୍ଟା କରନ୍ତି।' ମହାଲକ୍ଷ୍ମୀ ସର୍ତ୍ତଭିତ୍ତିରେ ସମ୍ମତି ଜଣାଇବା ପରେ ମହାପ୍ରଭୁ କହନ୍ତି- 'ଖେଳ ତୁମ ମନ୍ଦିରରେ ହେଉ ଥିଲା ବୋଲି ମୁଁ ହାରି ଯାଉ ଥିଲି ବୋଲି ଭାବୁଛି। ଆଉ ଗୋଟେ ବାଜି ଆମ ବଡ଼ ଦେଉଳରେ ଖେଳିବା। ସେଥିରେ ମୁଁ ହାରିଗଲେ ତୁମ ମନ୍ଦିରରେ ନିଶ୍ଚୟ ବନ୍ଧା ପଡ଼ି ରହିବି। ଏ କଥା ସତ୍ୟ।

ସେତେବେଳକୁ ଖେଳରେ ସାତ ସାତ ଥର ଜିଣି ସାରିଥିବାରୁ ଅଷ୍ଟମ ଥର ବି ସହଜରେ ଜିଣିଯିବେ ବୋଲି ବିଶ୍ୱାସ କରି ମାତା ଲକ୍ଷ୍ମୀ ମହାପ୍ରଭୁଙ୍କ ପ୍ରସ୍ତାବରେ ରାଜି ହୋଇ ଯାଆନ୍ତି। ତା' ପରେ ମଦନମୋହନ ଓ ଶ୍ରୀଦେବୀ ବଡ଼ଦେଉଳକୁ ବାହୁଡ଼ା ବିଜେ କରି ଯାଆନ୍ତି। ସେଦିନ ବଡ଼ସିଂହାର ବେଶ ଓ ଧୂପପରେ ଅଷ୍ଟମ ବାଜି କଉଡ଼ି ଖେଳ ପୋଖରୀଆରେ ଅନୁଷ୍ଠିତ ହୁଏ। ଏଥର ମଦନମୋହନଙ୍କ ଯାଗାରେ ନିଜେ ମହାପ୍ରଭୁ ଶ୍ରୀଦେବୀଙ୍କ ସହ କଉଡ଼ି ଖେଳନ୍ତି ଏବଂ ସେଥର ମଧ୍ୟ ପରାଜୟ ବରଣ କରନ୍ତି। - 'ସାତ ମୁଠି ଯୁଆ ଖେଳିଣ ପ୍ରଭୁ ହୋଇଲେ ବନ୍ଧା, ହାରି ଯାଇ ନିଜେ ନିଜକୁ ଦେଲେ ଲକ୍ଷ୍ମୀଙ୍କୁ ବନ୍ଧା।' ସର୍ତ୍ତ ଅନୁସାରେ ମହାପ୍ରଭୁଙ୍କ କୁନି ସ୍ୱରୂପ ବାଳପୁରୁଷୋତ୍ତମ ଲକ୍ଷ୍ମୀଙ୍କ ମନ୍ଦିରରେ ସାତଦିନ ପାଇଁ ବନ୍ଧକ ଭାବରେ ରହି ତା' ପର ଦିନ ଶ୍ରୀମନ୍ଦିରକୁ ବାହୁଡ଼ନ୍ତି। ଲକ୍ଷ୍ମୀଙ୍କ ଜଗମୋହନରେ ହେଉ ଥିବା କଉଡ଼ି ଖେଳକୁ 'ବାହାର କୁଆଁର' ଏବଂ ପୋଖରୀଆରେ ହେଉଥିବା ଖେଳକୁ 'ଭିତର କୁଆଁର' କୁହାଯାଏ। ଏହିପରି ଭାବରେ ମହାପ୍ରଭୁଙ୍କ 'କୁଆଁର ନୀତି' ସମ୍ପନ୍ନ ହୁଏ।

ମୋ: ୯୯୦୦୦୮୩୪୩୩

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ମୋର୍ଗାନ୍ ଷ୍ଟେନ୍‌ଲେ ରିପୋର୍ଟ**

# ଦକ୍ଷିଣ ଏସିଆରେ ସବୁଠୁ ଅଧିକ ବେକାର ଯୁବକ ଭାରତରେ

■ ଯୁବବର୍ଗରେ ବେକାରି ହାର ୧୭.୬%
■ ସଙ୍କଟରୁ ମୁକୁଳିବାକୁ ବାର୍ଷିକ ୧୨.୨% ହାରରେ ଅଭିବୃଦ୍ଧି ଆବଶ୍ୟକ




ନୂଆଦିଲ୍ଲୀ,୩୦।୯ (ଏଜେନ୍ସି): ଭାରତର ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଉଛି, କିନ୍ତୁ ଦେଶର ଯୁବପିଢ଼ି ନିଯୁକ୍ତି ବଜାରରେ ଏକ ଗମ୍ଭୀର ସଙ୍କଟର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଦେଶରେ ଯୁବ ବର୍ଗରେ ବେକାରି ହାର ବର୍ତ୍ତମାନ ୧୭.୬%ରେ ପହଞ୍ଚିଛି, ଯାହା ଦକ୍ଷିଣ ଏସିଆରେ ସର୍ବାଧିକ ରହିଥିବା ମୋର୍ଗାନ୍ ଷ୍ଟେନ୍‌ଲେ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ କୁହାଯାଇଛି। ସେହି ସମୟରେ କୃଷି କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ସଂଖ୍ୟା ୧୭ ବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଏହାର ଅର୍ଥ ହେଉଛି ଶିଳ୍ପ ଏବଂ ସେବା କ୍ଷେତ୍ରରେ ପର୍ଯ୍ୟାପ୍ତ ଚାକିରି ଉପଲବ୍ଧ ନାହିଁ ଏବଂ ଲୋକମାନେ ସେମାନଙ୍କ ଦକ୍ଷତା ସହିତ ସମାନ କାମ ପାଇପାରୁନାହାଁନ୍ତି। ତେବେ ମୋର୍ଗାନ୍ ଷ୍ଟେନ୍‌ଲେର ଅର୍ଥନୀତିଜ୍ଞମାନେ ଏହା ମଧ୍ୟ ଚେତାବନୀ ଦେଇଛନ୍ତି ଯେ ଭାରତର ଅର୍ଥନୀତିରେ ଦେଖାଦେଇଥିବା ନିଯୁକ୍ତି ସମସ୍ୟାର ସମାଧାନ ପାଇଁ ବାର୍ଷିକ ୧୨.୨% ହାରରେ ଅଭିବୃଦ୍ଧି ହେବା ଆବଶ୍ୟକ। ଯଦି ଏହା ନ ହୁଏ, ତେବେ ଲକ୍ଷ ଲକ୍ଷ ଯୁବକ ବେକାର ରହିପାରନ୍ତି, ଯାହା ,ସମାଜରେ ଉତ୍ତେଜନା ବୃଦ୍ଧି କରିପାରେ।

ଭାରତରେ କାମ ଆକଳନ କରିବା କଷ୍ଟକର କାରଣ ଜଣେ ବ୍ୟକ୍ତି ପୂର୍ବ ସପ୍ତାହରେ ଅତି କମ୍‌ରେ ଗୋଟିଏ ଘଣ୍ଟା କାମ କଲେ ତାଙ୍କୁ ନିଯୁକ୍ତିପ୍ରାପ୍ତ ବୋଲି ବିବେଚନା କରାଯାଏ। ଏଥିରେ ପାରିବାରିକ କାମ ଅନ୍ତର୍ଭୁକ୍ତ। ଏହା ଦେଶରେ ପ୍ରକୃତ ନିଯୁକ୍ତି ପରିସ୍ଥିତିକୁ ଅସ୍ପଷ୍ଟ କରେ। ସରକାରଙ୍କ ମତରେ, ଭାରତର ଆର୍ଥିକ ଅଭିବୃଦ୍ଧି ହାର ୬.୩%–୬.୮%। କିନ୍ତୁ, ଏହି ଅଭିବୃଦ୍ଧି ନିଯୁକ୍ତି ସୃଷ୍ଟି କରିବା ପାଇଁ ଯଥେଷ୍ଟ ନୁହେଁ। ଆଗାମୀ ୧୦ ବର୍ଷ ମଧ୍ୟରେ ପ୍ରାୟ ୮୪ ନିୟୁତ ଲୋକ କାର୍ଯ୍ୟ କରିବା ବୟସରେ ପହଞ୍ଚିବେ। ଯଦି ଭାରତର ଅର୍ଥନୀତିରେ ଅତି ଶୀଘ୍ର ଅଭିବୃଦ୍ଧି ନ ହୁଏ, ତେବେ ଲକ୍ଷ ଲକ୍ଷ ଯୁବକ ଯୁବତୀ ଉପଯୁକ୍ତ ନିଯୁକ୍ତିରୁ ବଞ୍ଚିତ ହେବେ। ଏହି କାମର ଅଭାବ ସାମାଜିକ ଉତ୍ତେଜନା ବୃଦ୍ଧି କରିପାରେ ଏବଂ ବିଦେଶରେ ଚାକିରି ଖୋଜୁଥିବା ଯୁବକ ଯୁବତୀମାନଙ୍କ ଉପରେ ଚାପ ପକାଇପାରେ। ବିଶେଷକରି ଏଥିଯୋଗୁ ଏଚ୍-୧ବି ଭିସା ମହଙ୍ଗା ହୋଇପାରେ।

ଭାରତରେ ପ୍ରାୟ ୬୦୦ ନିୟୁତ ଲୋକ ଏବେ ବି ପ୍ରତିଦିନ ୩୨୪ ଟଙ୍କା ରୁ କମ୍ ରୋଜଗାରରେ ବଞ୍ଚୁଛନ୍ତି। ସମ୍ପ୍ରତି, ବିଶ୍ୱ ବ୍ୟାଙ୍କ ଦାରିଦ୍ର୍ୟ ସୀମାକୁ ୩୭୩ ଟଙ୍କା କୁ ବୃଦ୍ଧି କରିଛି। ଏହାର ଅର୍ଥ ହେଉଛି ଯେ ଏବେ ଅଧିକ ଲୋକଙ୍କୁ ଗରିବ କିମ୍ବା ଦୁର୍ବଳ ଭାବରେ ଗଣନା କରାଯିବ। ଦାରିଦ୍ର୍ୟ ବୃଦ୍ଧି ଲୋକଙ୍କ କ୍ରୟ ଶକ୍ତିକୁ ହ୍ରାସ କରିବ, ଯାହା ନୂତନ ନିଯୁକ୍ତି ସୃଷ୍ଟି ଉପରେ ନକାରାତ୍ମକ ପ୍ରଭାବ ପକାଇବ।

**ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଇନଫ୍ରା ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ**

# ମୁମ୍ବାଇ- ଇନ୍ଦୋରର ୬ଟି ସ୍ଥାନରେ ରେଡ୍



ନୂଆଦିଲ୍ଲୀ,୩୦।୯ (ଏଜେନ୍ସି): ବିଦେଶକୁ ବେଆଇନ ପାଣ୍ଠି ସ୍ଥାନାନ୍ତର ଅଭିଯୋଗରେ ଅନିଲ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ଇନ୍‌ଫ୍ରା ଉପରେ ପୁଣି ଚଢ଼ଉ କରିଛି ଫେମା ଆଇନ ଅଧୀନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ତଦନ୍ତକାରୀ ଏଜେନ୍ସି ଇନ୍ଦୋର ଏବଂ ମୁମ୍ବାଇର ୬ଟି ସ୍ଥାନରେ ଏ ସମ୍ପର୍କରେ ଅନୁସନ୍ଧାନ ଜାରି ରଖିଛି। ଏହା ପୂର୍ବରୁ ଅଗଷ୍ଟ ମାସରେ ଇଡି ଅନିଲ ଅମ୍ବାନୀଙ୍କୁ ତାଙ୍କ ଗ୍ରୁପ୍ କମ୍ପାନୀଗୁଡ଼ିକ ବିରୁଦ୍ଧରେ କୋଟି କୋଟି ଟଙ୍କାର ବ୍ୟାଙ୍କ ଋଣ ଠକେଇ ସହିତ ଜଡ଼ିତ ମନି ଲଣ୍ଡରିଂ ମାମଲାରେ ୧୦ ଘଣ୍ଟା ଧରି ପଚରାଉଚରା କରିଥିଲା।

ମଙ୍ଗଳବାର ଅନିଲ ଦିଲ୍ଲୀସ୍ଥିତ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର କାର୍ଯ୍ୟାଳୟରେ ପହଞ୍ଚିଥିଲେ ଏବଂ ରାତି ପ୍ରାୟ ୯ଟାରେ ସେଠାରୁ ବାହାରିଥିଲେ। ଇଡି ପିଏମ୍‌ଏଲ୍‌ଏ ଆଇନ ଅଧୀନରେ ଅନିଲ ଅମ୍ବାନୀଙ୍କ ବୟାନ ରେକର୍ଡ କରିଥିଲା। ତେବେ ପଚରାଉଚରା ସମୟରେ ଅନିଲ କମ୍ପାନୀରେ କୌଣସି ଭୁଲ କାର୍ଯ୍ୟକୁ ଅସ୍ୱୀକାର କରିଥିଲେ। ସେ କହିଥିଲେ ତାଙ୍କ କମ୍ପାନୀଗୁଡ଼ିକ ନିୟାମକକୁ ସେମାନଙ୍କର ଆର୍ଥିକ ସ୍ଥିତି ବିଷୟରେ ଠିକ୍ ସମୟରେ କହିଥିଲେ। ସେ ତଦନ୍ତକାରୀ ଅଧିକାରୀମାନଙ୍କୁ ଏହା ମଧ୍ୟ କହିଥିଲେ ଯେ କମ୍ପାନୀଗୁଡ଼ିକ ସହ ଜଡ଼ିତ ସମସ୍ତ ଆର୍ଥିକ ନିଷ୍ପତ୍ତି କମ୍ପାନୀଗୁଡ଼ିକର ସମ୍ପୃକ୍ତ ବରିଷ୍ଠ କାର୍ଯ୍ୟନିର୍ବାହୀମାନଙ୍କ ଦ୍ୱାରା ନିଆଯାଇଥିଲା। ଏକ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅନିଲ ଅମ୍ବାନୀ ଗ୍ରୁପ୍ କମ୍ପାନୀକୁ ୬୮ କୋଟି ଟଙ୍କାର ଜାଲ୍ ବ୍ୟାଙ୍କ ଗ୍ୟାରେଣ୍ଟି ପ୍ରଦାନ କରିବା ଅଭିଯୋଗରେ ଓଡ଼ିଶା ସ୍ଥିତ ଏକ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପାର୍ଥ ସାରଥୀ ବିଶ୍ୱାଳଙ୍କୁ ଗିରଫ କରିଛି। ରିଲାଏନ୍ସ ଇନଫ୍ରା (ଆର୍ ଇନ୍‌ଫ୍ରା) ସମେତ ଅନିଲ ଅମ୍ବାନୀଙ୍କ ଅନେକ କମ୍ପାନୀ ଦ୍ୱାରା ୧୭ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ଗ୍ରୁପ୍ ଋଣ ଟଙ୍କାର ଅନିୟମିତତା ଏବଂ ଅପବ୍ୟବହାର ଅଭିଯୋଗରେ ଏଜେନ୍ସି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ସ୍ୱର୍ଗତ ପ୍ୟାରୀମୋହନଙ୍କ ପତ୍ନୀ ପ୍ରତିଭା ମହାପାତ୍ରଙ୍କ ପରଲୋକ

## ଶୋକ ପ୍ରକାଶ କଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ

ଭୁବନେଶ୍ୱର,୩୦।୯ (ସମିସ): ସ୍ୱର୍ଗତ ପ୍ୟାରୀମୋହନ ମହାପାତ୍ରଙ୍କ ପତ୍ନୀ ପ୍ରତିଭା ମହାପାତ୍ରଙ୍କ ପରଲୋକ ହୋଇଛି। ୭୯ ବର୍ଷ ବୟସରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଦୀର୍ଘ ଦିନ ହେବ ଶ୍ରୀମତୀ ମହାପାତ୍ର କର୍କଟ ରୋଗରେ ପୀଡ଼ିତ ଥିଲେ। ଆଜି ସକାଳୁ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହିତ ତାଙ୍କର ବାନ୍ତି ହୋଇଥିଲା। ଚିକିତ୍ସା ପାଇଁ ତାଙ୍କୁ ହସ୍ପିଟାଲ ନେବା ବାଟରେ ତାଙ୍କର ଦେହାନ୍ତ ହୋଇଛି। ବୁଧବାର ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ।

ତାଙ୍କ ଦେହାନ୍ତ ବିଷୟରେ ଜାଣି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ନବୀନ ଏକ୍ସ ଯୋଗେ ସ୍ୱର୍ଗତ ପ୍ରତିଭା ମହାପାତ୍ରଙ୍କ ପରଲୋକରେ ଦୁଃଖିତ ବୋଲି ଉଲ୍ଲେଖ କରିବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ଏହାସହ ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରର ସଦସ୍ୟଙ୍କ ପ୍ରତି ନବୀନ ଗଭୀର ସମବେଦନା ଜଣାଇଛନ୍ତି। ସେହିପରି ବିଭିନ୍ନ ଦଳର ରାଜନେତାମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିବା ବେଳେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଶ୍ରୀମତୀ ମହାପାତ୍ରଙ୍କ ଦେହାନ୍ତରେ ଶୋକବ୍ୟକ୍ତ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଟଙ୍କା ଦିଅ...

ନେଇ ପ୍ରଶ୍ନ ଉଠିଛି । ସେହିପରି ୯୩୩ଟି ପଦ ଲାଗି ଆବେଦନ କରିଥିବା୧ ଲକ୍ଷ ୫୩ ହଜାର ୭୩୪ ଜଣ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ପୁଲିସ ଏସ୍‌ଆଇ ପରୀକ୍ଷାରେ ଏତେବଡ଼ ଜାଲିଆତି ସମ୍ପର୍କରେ ପୁଲିସ ନିକଟରେ ବି ସୂଚନା ନ ଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଏହି ପରୀକ୍ଷାର୍ଥୀମାନଙ୍କୁ ତିନିଦିନ ଧରି ଭୁବନେଶ୍ୱରରେ ରଖାଯାଇଥିଲା। ଗତକାଲି ସନ୍ଧ୍ୟାରେ ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ୧୧୦ ପରୀକ୍ଷାର୍ଥୀ ଏକାଠି ହୋଇଥିଲେ। ଏମାନଙ୍କୁ ତିନୋଟି ବସ୍‌ରେ ହାଇଦ୍ରାବାଦ ପଠାଯାଇଥିଲା। ତେବେ ଆସନ୍ତା ୫ ଓ ୬ ତାରିଖରେ ହେବାକୁଥିବା ଲିଖିତ ପରୀକ୍ଷା ନିମନ୍ତେ ହାଇଦ୍ରାବାଦରେ ହେବାକୁଥିବା 'ଘୋଷା' (ଅଭ୍ୟାସ)ରୁ ଶେଷ ମୁହୂର୍ତ୍ତରେବଞ୍ଚିତ ହୋଇଥିବା ଜଣେ ଆଶାୟୀଙ୍କ ସମ୍ପର୍କୀୟଙ୍କ ଯୋଗୁଁ ଏହି ନିଯୁକ୍ତି ଜାଲିଆତିର ଗୁମର ଖୋଲି ଦେଇଥିଲେ। ଏ ସମ୍ପର୍କରେ ସେ ରାଜଧାନୀର ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ତାଙ୍କଠାରୁ ସୂଚନା ପାଇବା ପରେ ବ୍ରହ୍ମପୁର ପୁଲିସକୁ ଅବଗତ କରାଯାଇଥିଲା। ୩ଟି ବସ୍‌ରେ ହାଇଦ୍ରାବାଦ ଯିବାବେଳେ ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ, ୨ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି ଓ ୪ ଥାନାଧିକାରୀ ବସ୍‌ଗୁଡ଼ିକୁ ଶ୍ରୀକାକୁଲମ୍ ପୁଲିସ ସହାୟତାରେ ଅଟକାଇ ଯାଞ୍ଚ କରିଥିଲେ। ସେମାନେ ସମସ୍ତେ ଏସ୍‌ଆଇ ପରୀକ୍ଷାର୍ଥୀ ବୋଲି ଜଣା ପଡ଼ିବା ପରେ ସେଠାରୁ ୧୧୦ ପରୀକ୍ଷାର୍ଥୀ, ଦୁଇଜଣ ଏଜେଣ୍ଟଙ୍କ ସହ ମୋଟ ୧୧୭ ଜଣଙ୍କୁ ବ୍ରହ୍ମପୁର ନିକଟସ୍ଥ ଆମ୍ବପୁଆ ରିଜର୍ଭ ପୁଲିସ କାର୍ଯ୍ୟାଳୟକୁ ଅଣାଯାଇଛି। ଅନ୍ୟପକ୍ଷରେ ଘଟଣାର ଅନୁସନ୍ଧାନ ପାଇଁ କ୍ରାଇମବ୍ରାଞ୍ଚର ୫ରୁ ଊର୍ଦ୍ଧ୍ୱ ଜଣିଆ ଟିମ୍ ବ୍ରହ୍ମପୁରରେ ପହଞ୍ଚିଛନ୍ତି। କ୍ରାଇମବ୍ରାଞ୍ଚ ଡ଼ିଜି ବିନୟତୋଷ ମିଶ୍ର ଅଟକ ରଖାଯାଇଥିବା ଆଶାୟୀଙ୍କୁ ଜେରା କରିଛନ୍ତି ଓ ପ୍ରାୟ ୧୦ ଘଣ୍ଟା ଜେରା ପରେ ପୁଲିସ ହାତରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାତରେ ଲାଗିଛି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ପୁଲିସ ରିକ୍ରୁଟମେଣ୍ଟ ବୋଡର୍ ଏଥିପାଇଁ ଏକ ସହାୟତା ନମ୍ବର ଜାରି କରାଯାଇଛି।

### ପରୀକ୍ଷା ପୁଣି ସ୍ଥଗିତ...

କରୁଥିବା ଓଡ଼ିଶା ପୁଲିସ୍ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆର୍‌ବି) ପକ୍ଷରୁ ପ୍ରଶ୍ନପତ୍ର ଲିକ୍ ସମ୍ପର୍କରେ କୌଣସି ସ୍ପଷ୍ଟୀକରଣ ଦିଆଯାଇ ନ ଥିଲା।

### ବ୍ୟବସ୍ଥିତ ବିଫଳତା...

ସେ କହିଛନ୍ତି ଯେ ଆଜି ରାଜ୍ୟରେ ଆଉ ଏକ ନିଯୁକ୍ତି ପରୀକ୍ଷା ବାତିଲ ହୋଇଥିବା ଜାଣି ଆଶ୍ଚର୍ଯ୍ୟ ଲାଗୁଛି। ସବ୍-ଇନ୍ସପେକ୍ଟର ନିଯୁକ୍ତି ପାଇଁ ଉଦ୍ଦିଷ୍ଟ କମ୍ବାଇଣ୍ଡ ପୁଲିସ୍ ସର୍ଭିସ୍ ପରୀକ୍ଷା ୨୦୨୪କୁ ଆଜି ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ ବାତିଲ କରିଛି।

ଏହି ନିଯୁକ୍ତି ପରୀକ୍ଷା ବାତିଲ ସହ ଅସାଧୁ ଉପାୟ ଅବଲମ୍ବନ ଏବଂ ପ୍ରଶ୍ନପତ୍ର ଲିକ୍ ଆଦି ଘଟଣା ପାଇଁ ଜୁଲାଇ ୨୦୨୫ ପରଠାରୁ ଏହା ଚତୁର୍ଥ ନିଯୁକ୍ତି ପରୀକ୍ଷା ବାତିଲ ହୋଇଛି। ଏହା ପୂର୍ବରୁ ଜୁଲାଇ ୨୦ରେ ସ୍ୱତନ୍ତ୍ର ଓଟିଇଟି ପ୍ରଶ୍ନପତ୍ର ଲିକ୍ ଯୋଗୁଁ ବ୍ୟାପକ ଆକ୍ରୋଶ ସୃଷ୍ଟି ହୋଇଥିଲା। ଏଥିପାଇଁ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଆରମ୍ଭ ହେବାର କିଛି ଘଣ୍ଟା ମଧ୍ୟରେ ଏହାକୁ ବାତିଲ କରାଯାଇଥିଲା। ସେହିପରି ଜୁଲାଇ ୩୦-୩୧ରେ ଓଏସଏସଏସସି ପକ୍ଷରୁ ଆର୍‌ଆଇ, ଏଆର୍‌ଆଇ, ଅମିନ, ଆଇସିଡିଏସ୍ ସୁପରଭାଇଜର, ଏସ୍‌ଏଫ୍‌ଏସ୍ ଭଳି ନିଯୁକ୍ତି ପାଇଁ ପରୀକ୍ଷାରେ ପ୍ରାରମ୍ଭିକ ପ୍ରକ୍ରିୟାରେ ଅନିୟମିତତା ଦର୍ଶାଇ ଏହାକୁ ବାତିଲ କରାଯାଇଥିଲା। ଅଗଷ୍ଟ ୧ ରୁ ସେପ୍ଟେମ୍ବର ୪ ମଧ୍ୟରେ ଏହି ପରୀକ୍ଷା ହେବା ନେଇ ଧାର୍ଯ୍ୟ ହୋଇଥିଲା। ଏହା ବ୍ୟତୀତ ଅଗଷ୍ଟ ୨୨ରେ ପୁନଃନିର୍ଦ୍ଧାରିତ ସ୍ୱତନ୍ତ୍ର ଓଟିଇଟି-୨୦୨୫କୁ ପୁନର୍ବାର ସ୍ଥଗିତ ରଖାଯାଇଥିଲା। ମାଧ୍ୟମିକ ଶିକ୍ଷା ବୋର୍ଡ "ଅନିବାର୍ଯ୍ୟ ପରିସ୍ଥିତି' ଦର୍ଶାଇ ପରୀକ୍ଷା ବାତିଲ କରୁଥିବା ବେଳେ ଏହା ଆଶାୟୀମାନଙ୍କୁ ନିରାଶ କରିଚାଲିଛି। ପରୀକ୍ଷାରେ ବାରମ୍ବାର ବାଧାବିଘ୍ନ ଓଡ଼ିଶାର ନିଯୁକ୍ତି ବ୍ୟବସ୍ଥାରେ ଏକ ଅସୁବିଧାଜନକ ଢାଞ୍ଚାକୁ ଦର୍ଶାଉଛି। ଏଭଳି ଘଟଣାମାନ ପରୀକ୍ଷାର୍ଥୀଙ୍କ ବିଶ୍ୱାସ ହରାଉଥିବା ବେଳେ ସାରା ରାଜ୍ୟରେ ଲକ୍ଷ ଲକ୍ଷ ଚାକିରି ଆଶାୟୀଙ୍କୁ ପ୍ରଭାବିତ କରୁଛି। ଏସବୁ ଶାସନର ବ୍ୟବସ୍ଥିତ ବିଫଳତାକୁ ସୂଚାଉଛି। ତେଣୁ ଜନସାଧାରଣଙ୍କ ବିଶ୍ୱାସ ଫେରାଇ ଆଣିବା ପାଇଁ ବିଜେପି ନେତୃତ୍ୱାଧୀନ ଓଡ଼ିଶା ସରକାର ତୁରନ୍ତ ସମାଧାନର ବାଟ ବାହାର କରିବାର ଆଶ୍ୟକତା ରହିଛି ବୋଲି ନବୀନ ଉଲ୍ଲେଖ କରିଛନ୍ତି।

### ଶାରୀରିକ ପରୀକ୍ଷାରେ...

ଲମ୍ବଡିଆଁ ଓ ଅବଶିଷ୍ଟ କାର୍ଯ୍ୟ ହୋଇଯିବ ବୋଲି ଆଶ୍ୱାସନା ବି ମିଳିଛି। ଏଥିପାଇଁ ପରୀକ୍ଷାର୍ଥୀମାନଙ୍କ ସହ ୨୫ରୁ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଡ଼ିଲ୍ ହୋଇଥିଲା ଓ ପ୍ରଥମ ପର୍ଯ୍ୟାୟରେ ଆଶାୟୀମାନଙ୍କଠାରୁ ୫ରୁ ୧୦ ଲକ୍ଷ ଟଙ୍କା ଲେଖାଏଁ ନିଆଯାଇଛି। ଶ୍ରୀକାକୁଲମ୍‌ରୁ ପୁଲିସ ଧରିଥିବା ପିଲାମାନେ ୩ ଦିନ ପୂର୍ବରୁ ଭୁବନେଶ୍ୱରରେ ପହଞ୍ଚିଥିଲେ। ସେମାନଙ୍କଠାରୁ ମୋବାଇଲ୍ ପରି ସମସ୍ତ ପ୍ରକାର ଇଲେକଟ୍ରୋନିକ୍ସ ସାମଗ୍ରୀ ନିଆ ଯାଇଥିଲା ଓ ଗତକାଲି ସଂଧ୍ୟାରେ ସେମାନଙ୍କୁ ଭୁବନେଶ୍ୱରରୁ ହାଇଦ୍ରାବାଦ ପଠାଯାଇଥିଲା।

### ୬୯ ଲକ୍ଷ ଭୋଟର୍...

ଦ୍ୱାରସ୍ଥ ହୋଇଥିବା ବେଳେ କୋର୍ଟ ଏହି ଆଶ୍ୱାସନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଆସନ୍ତା ନଭେମ୍ବରରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଗତବର୍ଷ ଜୁନ ମାସରେ ଭାରତର ନିର୍ବାଚନ କମିସନ ପକ୍ଷରୁ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର ପ୍ରକ୍ରିୟା ଆରମ୍ଭ ହୋଇଥିଲା। କମିସନଙ୍କ ପକ୍ଷରୁ ଆଜି ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ ଜୁନ୍ ୨୦୨୪ରେ ବିହାରରେ ମୋଟ୍ ଭୋଟର ସଂଖ୍ୟା ୭ କୋଟି ୮୯ ଲକ୍ଷ ଥିଲା। ଏସ୍‌ଆଇଆର ବେଳେ ୬୫ ଲକ୍ଷ ଅଯୋଗ୍ୟ ଭୋଟରଙ୍କୁ ତାଲିକାକୁ ବାଦ୍ ଦିଆଯାଇଥିଲା। ଏହି ୬୫ ଲକ୍ଷଙ୍କୁ ବାଦ ଦେଇ ଗତ ଅଗଷ୍ଟ ମାସରେ କମିସନ ଯେଉଁ ଅସ୍ଥାୟୀ ତାଲିକା ବା ଡ୍ରାଫ୍ଟ ରୋଲ୍ ପ୍ରକାଶ କରିଥିଲେ ସେଥିରେ ଭୋଟର ସଂଖ୍ୟା ୭ କୋଟି ୨୪ ଲକ୍ଷକୁ ହ୍ରାସ ପାଇଥିଲା। ଏହାପରେ ପୁଣି ୩ ଲକ୍ଷ ୬୬ ହଜାର ଭୋଟରଙ୍କ ନାମ ଭୋଟର ତାଲିକାରୁ କାଟି ଦିଆଯାଇଛି। ଏହାସହିତ ଭୋଟର ତାଲିକାରୁ କଟିଥିବା ଭୋଟରମାନଙ୍କ ମୋଟ୍ ସଂଖ୍ୟା ହେଉଛି ୬୮ ଲକ୍ଷ ୬୬ ହଜାର। ତେବେ ଏହି ପ୍ରକ୍ରିୟାରେ ୨୧ ଲକ୍ଷ ୫୩ ହଜାର ନୂଆ ଭୋଟରଙ୍କୁ ସାମିଲ କରାଯାଇଛି। ଫଳରେ ଆଜି ଯେଉଁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି, ସେଥିରେ ମୋଟ୍ ଭୋଟର ସଂଖ୍ୟା ୭ କୋଟି ୪୨ ଲକ୍ଷକୁ ହ୍ରାସ ପାଇଛି।

କମିସନ କହିଛନ୍ତି ଯେ ଡ୍ରାଫଟ ରୋଲ ପ୍ରକାଶ ପାଇବା ପରେ ୨ ଲକ୍ଷ ୧୭ ହଜାର ଲୋକ ସେମାନଙ୍କର ନାମ କାଟିବା ଲାଗି ଆବେଦନ କରିଥିବା ବେଳେ ୧୬ ଲକ୍ଷ ୯୩ ହଜାର ଲୋକ ନାମ ଯୋଡ଼ିବା ଲାଗି ଆବେଦନ କରିଥିଲେ। କମିସନଙ୍କ ପକ୍ଷରୁ କୁହାଯାଇଛି ଯେ ଭୋଟର ତାଲିକାରୁ ଯେଉଁମାନେ ବାଦ୍ ପଡ଼ିଛନ୍ତି, ସେମାନଙ୍କ ମଧ୍ୟରେ ଅଛନ୍ତି ମୃତ ବ୍ୟକ୍ତି, ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର ହୋଇଥିବା ବ୍ୟକ୍ତି, ଏକାଧିକ ସ୍ଥାନରେ ନାମ ପଞ୍ଜୀକରଣ କରିଥିବା ବ୍ୟକ୍ତି ଏବଂ ଯେଉଁମାନେ ଭାରତୀୟ ନାଗରିକ ନୁହନ୍ତି। କମିସନଙ୍କ ପକ୍ଷରୁ କୁହାଯାଇଛି ଯେ ନିଜ ନାମ ଯୋଡ଼ିବା ଲାଗି ଭୋଟରମାନଙ୍କ ପାଖରେ ଏବେ ବି ସମୟ ରହିଛି। ପ୍ରାର୍ଥୀଙ୍କ ମନୋନୟନପତ୍ର ଦାଖଲର ଶେଷ ତାରିଖର ୧୦ ଦିନ ପୂର୍ବ ପର୍ଯ୍ୟନ୍ତ ନାମ ଯୋଡ଼ିବା ଲାଗି ଆବେଦନ କରିପାରିବେ।

ସୂଚନାଯୋଗ୍ୟ ଯେ ଏସ୍‌ଆଇଆରକୁ ବିରୋଧ କରି ବିଭିନ୍ନ ଦଳ ଓ ସଂଗଠନ ସୁପ୍ରିମ କୋର୍ଟରେ ଦ୍ୱାରସ୍ଥ ହେବା ସହିତ ଅଭିଯୋଗ କରିଥିଲେ ଯେ ଶାସକ ବିଜେପି ସରକାର କଥାରେ ପଡ଼ି କମିସନ ଭୋଟର ତାଲିକାରେ ବେଆଇନ ଭାବେ ସଂଶୋଧନ କରୁଛନ୍ତି। ସଂଶୋଧନ ବେଳେ ଗରିବ ଓ ସଂଖ୍ୟାଲଘୁ ଭୋଟରଙ୍କ ନାମକୁ କାଟି ଦିଆଯାଉଛି। ଭାରତର ନାକରିକ କିଏ, ତାହା କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ସ୍ଥିର କରୁଥିବା ବେଳେ କମିସନ ପାଖରେ ଏହି କ୍ଷମତା ନାହିଁ। ଏହାସତ୍ତ୍ୱେ କମିସନ ଏହି ଆଳରେ ଲକ୍ଷ ଲକ୍ଷଙ୍କ ନାମ କାଟିବାରେ ଲାଗିଛି। ପୁଣି ସଂଶୋଧନ ବେଳେ କମିସନ ଆଧାର କାର୍ଡକୁ ଗ୍ରହଣ କରିବାକୁ ମନା କରିଥିଲେ। ତେବେ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ପରେ ଆଧାର କାର୍ଡକୁ ପରିଚୟ ପତ୍ର ରୂପେ ଗ୍ରହଣ କରିଥିଲେ।

# ପରୀକ୍ଷା ବାତିଲରେ ରାଜ୍ୟ ସରକାରଙ୍କ ନୂଆ କୀର୍ତ୍ତିମାନ: ବିଜେଡି

■ ୧୫ମାସରେ ବାତିଲ ହୋଇଛି ୧୫ଟି ନିଯୁକ୍ତି ପରୀକ୍ଷା
■ ରାଜରାସ୍ତାକୁ ଓହ୍ଲାଇବାକୁ ଛାତ୍ର ବିଜେଡିର ଚେତାବନୀ



ଭୁବନେଶ୍ୱର,୩୦।୯ (ସମିସ): ଓଡିଶା ପୁଲିସ ଏସଆଇ ନିଯୁକ୍ତି ପାଇଁ ଅକ୍ଟୋବର ୫ ଓ ୬ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଆଜି ସ୍ଥଗିତ ରଖାଯିବା ପରେ ସରକାରଙ୍କ ଉପରେ ବର୍ଷିଛି ବିଜେଡି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଛାତ୍ର ବିଜୁ ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ କହିଛନ୍ତି ଯେ ଗତ ପନ୍ଦର ମାସର ବିଜେପି ଶାସନରେ ପନ୍ଦର ଥର ନିଯୁକ୍ତି ପାଇଁ ହେଉଥିବା ବିଭିନ୍ନ ପରୀକ୍ଷାକୁ ବାତିଲ କରା ଯାଇଛି। ଏହା ରାଜ୍ୟ ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ଓ ପରୀକ୍ଷା ବାତିଲ କରିବାରେ ସରକାର ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି।

ସେ ଆହୁରି କହିଛନ୍ତି, ଗତ ମାର୍ଚ୍ଚ ମାସର ପ୍ରଥମ ସପ୍ତାହରେ ହେବାକୁ ଥିବା ପୁଲିସ ଏସଆଇ ନିଯୁକ୍ତି ପାଇଁ ଲିଖିତ ପରୀକ୍ଷାକୁ ପ୍ରଶ୍ନପତ୍ର ପ୍ରଘଟ କାରଣରୁ ବାତିଲ କରା ଯାଇଥିଲା। ଏହାକୁ ଅକ୍ଟୋବର ୫ ଓ ୬ରେ କରାଯିବ ବୋଲି ଘୋଷଣା କରା ଯାଇଥିଲା। ପରୀକ୍ଷା ହେବାକୁ ଏକ ସପ୍ତାହରୁ କମ ସମୟ ଥିବା ବେଳେ ଆଜି ପରୀକ୍ଷା ପୂର୍ବରୁ ପୂର୍ବ ପ୍ରସ୍ତୁତି ପାଇଁ ଅନେକ ପରୀକ୍ଷାର୍ଥୀଙ୍କୁ ଜାଲିଆତି ପାଇଁ ହାଇଦ୍ରାବାଦ ନିଆ ଯାଉଥିବା ବେଳେ ଧରା ପଡିଥିଲା। ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥା ଦ୍ୱାରା ୧୦୦ରୁ ଅଧିକ ଆଶାୟୀଙ୍କୁ ନେଇ ହାଇଦ୍ରାବାଦ ଠାରେ କୋଚିଂ ଦେବା ନାମରେ ନିଆ ଯାଉଥିବା ବେଳେ ଆଜି ତାଙ୍କୁ ବ୍ରହ୍ମପୁର ପୁଲିସ ଧରିଛି। ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା ବିଶେଷ କୋଚିଂ ପ୍ରଦାନ ଜାଲିଆତି କାର୍ଯ୍ୟକ୍ରମ କରିବାକୁ ସାହସ ଜୁଟାଇ ପାରିଲା କିପରି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିରେ ସରକାରଙ୍କ କୌଣସି ମନ୍ତ୍ରୀଙ୍କ ସମ୍ପୃକ୍ତି ନାହିଁ ତ? ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ନିଜେ ଗୃହ ମନ୍ତ୍ରାଳୟର ଦାୟିତ୍ୱରେ ଅଛନ୍ତି। ତେଣୁ ସେ ଏ ପ୍ରସଙ୍ଗରେ ରାଜ୍ୟବାସୀଙ୍କ ସମ୍ମୁଖରେ ଉତ୍ତର ରଖିବା ଦରକାର। ଏହି ଘଟଣାରୁ ରାଜ୍ୟର ହଜାର ହଜାର ଚାକିରୀ ଆଶାୟୀ ଯୁବକ ଯୁବତୀ ମାନେ ନିଯୁକ୍ତି ପାଇଁ ଥିବା ବ୍ୟବସ୍ଥା ଉପରେ ସନ୍ଦେହ ଉପୁଜିଛି। ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ କରିବା ପାଇଁ ସେ ଦାବି କରିଥିବା ବେଳେ ନିଯୁକ୍ତି ବ୍ୟବସ୍ଥା ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ ହେଲେ ବିଜୁ ଛାତ୍ର ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀମତୀ ସାହୁ ଚେତାବନୀ ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ଆଜି ଦିନଟି ଆପଣଙ୍କ ପାଇଁ ଭଲ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ। ଅଫିସ୍ ସମସ୍ୟା ସମାଧାନ ହେବ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ଉଧାର ଟଙ୍କା ଫେରି ପାଇବେ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ଦାନ ଧର୍ମ କରନ୍ତୁ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ। ଜମି ବିବାଦ ମାମଲା ସମାଧାନ ହେବ। ନିବେଶରୁ ଲାଭ ମିଳିପାରେ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିପାରେ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଶତ୍ରୁଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

**ସିଂହ:** ଲୋକସମ୍ପର୍କ ବୃଦ୍ଧି ପାଇବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଶାରୀରିକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। କିଛି କ୍ଷେତ୍ରରେ ଅସଫଳ ରହିବେ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ପେଟଜନିତ ସମସ୍ୟା ଦେଖାଦେଇପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଫିସ୍‌ରେ ନୂଆ ପ୍ରୋଜେକ୍ଟରେ ସାମିଲ ହେବେ।

**ତୁଳା:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଜଗି ରଖି ଚଳିବା ଭଲ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଋଣ ସମସ୍ୟା ଦୂର ହେବ। ଧାର୍ମିକ ଯାତ୍ରା କରିପାରନ୍ତି।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ବିଜୟ ଲାଭ କରିବେ। କମ୍ ସମୟରେ ଅଧିକ କାମ କରିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ। ମହିଳାଙ୍କ ପାଇଁ ଦିନଟି ଭଲ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ। ଅଫିସ୍‌ରେ ନୂଆ ଦାୟିତ୍ୱ ତୁଲାଇବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

# ବିଜୟା ଦଶମୀରେ ସୁନାବେଶରେ ଦର୍ଶନ ଦେବେ ମହାପ୍ରଭୁ

ପୁରୀ, ୩୦।୯ (ସମିସ): ବିଜୟା ଦଶମୀରେ ସୁନାବେଶରେ ସଜେଇ ହେବେ ମହାପ୍ରଭୁ। ହଜାର ହଜାର ଭକ୍ତ ରତ୍ନସିଂହାସନରେ ଠାକୁରଙ୍କର ଏହି ଦୁର୍ଲଭ ବେଶ ଦର୍ଶନ କରିବେ। ସେହିପରି ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମ ଓ କୃଷ୍ଣଙ୍କ ବୀରବେଶ ଅନୁଷ୍ଠିତ ହେବ। ବିଜୟା ଦଶମୀରେ ଦାରୁଦିଅଁଙ୍କ ସୁନାବେଶ ସଂକ୍ରାନ୍ତରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଦୁର୍ଗାପୂଜା ଅବସରରେ ଅର୍ଥାତ୍ ସପ୍ତମୀ, ଅଷ୍ଟମୀ ଓ ନବମୀରେ ବଳଭଦ୍ରଙ୍କ ହଳମୂଷଳ, ଦେବୀ ସୁଭଦ୍ରାଙ୍କ ତଡ଼ଗୀ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶଙ୍ଖ, ଚକ୍ର ପୂଜାରେ ବସିଥାଏ। ଦୁଷ୍ଟ ମହିଷାସୁରକୁ ବଧ କରିବା ପାଇଁ ତିନିଠାକୁର ତାଙ୍କ ଆୟୁଧ ଦେବୀଙ୍କୁ ଅର୍ପଣ କରିଥା'ନ୍ତି ବୋଲି ଏହା ପ୍ରତିପାଦିତ କରିଥାଏ। ପୁନଶ୍ଚ ଦଶହରା ଦିନ ଦେବୀଙ୍କଠାରୁ ଏହି ଆୟୁଧ ଅଣାଯାଇ ଠାକୁରଙ୍କୁ ପରିଧାନ କରାଯାଏ। ବିଜୟା ଦଶମୀରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ବୀରବେଶ ଧାରଣ କରି ଦଶହରା ପଦା (ଜଗନ୍ନାଥ ବଲ୍ଲଭ ମଠ ସମ୍ମୁଖ)କୁ ବିଜେ କରିଥାନ୍ତି। ଅବକାଶ ନୀତି ପରେ ତିନିବାଡ଼ରେ ଚନ୍ଦନ ଲାଗି କରାଯାଏ। ନୂଆ ଲୁଗା ଲାଗି ସାରିବା ପରେ ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହୁଏ। ଏହି ସୁନାବେଶରେ ଆୟୁଧମାନ ଲାଗି ହୋଇ ନଥାଏ। ବେଶ ବଢ଼ି ସକାଳଧୂପ ପରେ ଆୟୁଧମାନଙ୍କ ମହାସ୍ନାନ ବଢ଼ି ବରୁଣ ପୂଜା ହୁଏ। ତିନିଗୋଟି ରୁପା ଥାଳିରେ ଆୟୁଧମାନ ରଖାଯାଇ ଘଣ୍ଟ, ଛତା, କାହଳୀ ସହ ତିନିଥର ମନ୍ଦିର ପରିକ୍ରମା କରାଯାଇ ସିଂହାସନକୁ ବିଜେ କଲା ପରେ ତିନିବାଡ଼ରେ ଆୟୁଧ ଲାଗି ହୁଏ। ଦଶହରା ପଦାକୁ ଯିବା ପାଇଁ ଚଳନ୍ତି ପ୍ରତିମା ମଦନମୋହନ ରାମ ଓ କୃଷ୍ଣ ବୀର ବେଶରେ ସଜ୍ଜିତ ହୋଇଥାନ୍ତି। ଠାକୁରମାନେ ବୀରତ୍ୱର ପ୍ରତୀକ ସ୍ୱରୂପ ବୀରବେଶ ଧାରଣ କରି ଦଶହରା ପଦାକୁ ଦୁର୍ଗାମାଧବଙ୍କ ସହିତ ଯାଇଥାନ୍ତି। ଦଶହରା ପଦାରୁ ଫେରିବା ପରେ ଦୁର୍ଗାମାଧବ ଉପାସନାର ପରିସମାପ୍ତି ହୋଇଥାଏ।

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
I, Mamatarani Biswal, D/O- Jagabandhu Biswal, W/O- Bhaskar Chandra Paikaray resident of Vill: Baghamunda, Post: Nuagaon Badabhuin, Ps: Brahmagiri, Dist: Puri, Pin- 752011, Odisha declare by this affidavit No.19, dated: 19/09/2025, that now onwards I shall be known as **MAMATA PAIKARAY** for all future purposes.

**AFFIDAVIT**
I, Bhaskar Chanra Paikaray, S/O- Late Surendra Kumar Paikaray, resident of Vill: Baghamunda, Po: Nuagaon Badabhuin, Ps: Brahmagiri, Dist: Puri, Pin- 752011, Odisha declare by this affidavit No.3, dated: 29/09/2025, that now onwards I shall be known as **BHASKAR CHANDRA PAIKARAY** for all future purposes.


**AFFIDAVIT**
By virtue of an affidavit sworn before Executive Magistrate, Banpur, bearing no.-3585, dated 19/09/2025 I, Sandeep Behera, Address S/o- Hemanta Kumar Behera, At- Bhagabatisahi, Po/Ps- Banpur, Dist.- Khordha, Odisha, Pin- 752031 declare that I have changed my name from **Sandeep Kumar Behera** to **Sandeep Behera**. Henceforth, I shall be known as **Sandeep Behera** for all purposes.
**Sandeep Behera**

**AFFIDAVIT**
By virtue of an affidavit (CF No. 25) sworn before The Executive Magistrate, Bhubaneswar on dated- 26/09/2025. I, **Sagar Bijay Panda,** S/o Bijay Panda, Address: Vill- Subalayapalli, G.P./Town: Dhanantara, PS: Saragada, Dist: Ganjam, PIN: 761106, Odisha declare that I have changed my name from **Sagar Panda** (old name) To **Sagar Bijay Panda** (new name). Henceforth, I shall be known as Sagar **Bijay Panda** (new name) for all purposes.
**Bijay Panda**

**LOST**
ମୁଁ ବଦ୍ୟନାଥ ପୁଟେଲ (ବୟସ-୬୩) ପିତା - ସୁରୁ ପୁଟେଲ, ମୌଜା- ବଣପାଳି, ପୋଷ୍ଟ / ଥାନା-କଣ୍ଟାମାଳ, ଥାନା ନଂ-୨୧, ଜିଲ୍ଲା-ବୌଦ୍ଧ, ଗତ ତା୧୦.୦୯.୨୫ରିଖରେ ମୁଁ ଏକ ଜରୁରୀ କାର୍ଯ୍ୟ ସମାପ୍ତକରି ବଲାଙ୍ଗୀର ଠାରୁ ଏକ ଘରୋଇ ବସ ଯୋଗେ କଣ୍ଟାମାଳ ଫେରୁଥିଲି, ବସ ଭିତରେବହୁତ ଭିଡ଼ ଥିବାରୁ ସେଠାରେ ମୋର କବଲା (SaleDeed) ନଂ- ୪୭/୨୦୦୧ ତା୨୪.୦୧.୨୦୦୧ ଥିବା ବ୍ୟାଗଟି ହଜିଯାଇଛି, ପରେ ଆସି ଆମ ଅଞ୍ଚଳର ପୋଲିସ ଷ୍ଟେସନରେ ଏ ବିଷୟରେ ଲିଖିତ ଅଭିଯୋଗପତ୍ର ଦାଖଲ କରିଅଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଛନ୍ତି ଦୟାକରି ଏହି ନମ୍ବର ରେ ଯୋଗାଯୋଗ କରନ୍ତୁ। ମନୋଜ କୁମାର ଦାଶ (ଓକିଲ) ୯୪୫୬୧୦୫୬୨୧ ପୂର୍ଣ୍ଣଚନ୍ଦ୍ର ପୁଟେଲ -୭୩୨୫୯୬୯୦୭୬

**LOST**
I, **Smt Biswabandita Samal,** W/O- Karan Kumar Samal, GkG, House No. 169, Ranga Bazar, P/S- Balianta, Dist- Khordha, Odisha declare that while traveling from Rangbazar Chhak on date 28.09.2025, I have lost the Original Sale Deed No 11821703364 Dt 27.12.2017 ROR Name of Rahasya Manjari Sahoo. Khata No. 27/486. Sale Deed No. 11821900608, Dt 27.02.2019 ROR Name of Kailash Chandra Muduli Khata No. 277/605 along with original ROR. If anyone found, please contact- 9114320991.

**AFFIDAVIT**
By virtue of an affidavit sworn before the Notary Public, Jajpur on 19.09.2025 that I, Prasanta Kumar Parida, S/o- Basanta Kumar Parida, resident of At: Badasuar, Po: Markandapur, Dist/PS-Jajpur, Odisha-755062 declare that as per the order of honourable court of the Civil Judge (Junior Division), Jajpur, vide order/judgement dated 29.10.2015 of C.S. No.18 of 2009, my name has been changed from "Prasanta Kumar Biswal" to "Prasanta Kumar Parida", my father's name has been changed from "Surendra Kumar Biswal" to "Basanta Kumar Parida" and my mother's name has been changed from "Gitanjali Biswal" To "Sisirabala Parida". Henceforth, I shall be known as "Prasanta Kumar Parida", my father is "Basanta Kumar Parida" and my mother is "Sisirabala Parida" for all future purposes.



ଭବାନୀପାଟଣା ସହରର ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ମା' ଦୁର୍ଗା

## ୪୯ ବର୍ଷରେ ସିଂଙ୍ଗଝରର ଦୁର୍ଗା ପୂଜା
# ଦଶମୀରେ ବୁଢ଼ାରଜାଙ୍କ ଛତର ଯାତ୍ରା ମୁଖ୍ୟ ଆକର୍ଷଣ

ସିନାପାଲି,୩୦।୯(ସମିସ): ଜଗତଜନନୀ ମା'ଦୁର୍ଗାଙ୍କ ଆଗମନରେ ଗାଁ ଠାରୁ ସହର ସବୁଠି ଲାଗି ରହିଛି ଉଲ୍ଲାସ। ପାର୍ବଣରେ ସମସ୍ତେ ମସଗୁଲ୍ ଥିବା ବେଳେ ପୂଜାମଣ୍ଡପ ଗୁଡ଼ିକ ଝଲସି ଉଠୁଛି। ପାର୍ବଣ ରେ ମା'ଦୁର୍ଗାଙ୍କ ପୂଜା ସାଙ୍ଗକୁ ବିଭିନ୍ନ ଗାଁ ଗଣ୍ଡା ଗୁଡିକରେ ଇଷ୍ଟ ଦେବା ଦେବୀଙ୍କ ପୂଜା ଚାଲିଛି। ଦେବା ଦେବୀ ପୀଠ ଗୁଡିକରେ ମଧ ରୀତିନୀତି ଅନୁସାରେ ଚାଲିଛି ପୂଜା କାର୍ଯ୍ୟ। ଏହକୁ ନେଇ ଗାଁ ଗଣ୍ଡା ଗୁଡିକ ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ର ସିଂଙ୍ଗଝର ଗ୍ରାମ ଠାରେ ଦୁର୍ଗା ପୂଜା ସହ ଦଶମୀ ତିଥିରେ ଗ୍ରାମର ଆରାଧ ଦେବତା ବୁଢ଼ାରଜାଙ୍କ ଛତର ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏଥିପାଇଁ ଗ୍ରାମରେ ସମସ୍ତଙ୍କ ମନରେ ଆନନ୍ଦ ଉଲ୍ଲାସ ଲାଗି ରହିଛି। ବିଭିନ୍ନ ଗାଁକୁ ବିବାହ ହୋଇ ଯାଇଥିବା ଝିଅ ତଥା ବନ୍ଧୁ ବାନ୍ଧବଙ୍କୁ ନିମନ୍ତ୍ରଣ କରି ଛତର ଯାତ୍ରାରେ ସାମିଲ କରିଥାନ୍ତି। ଏହି ବୁଢ଼ାରଜା ଯାତ୍ରା କେଉଁ ଆବାହନମାନ କାଳରୁ ଚାଲି ଆସୁଛି। ପାରମ୍ପରିକ ଭାବରେ ଏହି ପ୍ରଥା ଚାଲୁଥିବା ବେଳେ ବିଧି ଅନୁସାରେ ଜୁନା ନାଏକ (ମାଳି) ବଂଶର ଆଜ୍ଞା ମାଲ ପାଇବା ପରେ ବୁଢ଼ାରଜାଙ୍କ ପୂଜା



କାର୍ଯ୍ୟ ଆରମ୍ଭ ହୋଇଥାଏ।ପ୍ରତି ବର୍ଷ ଦଶହରାରେ ଛତର ଯାତ୍ରା ଅନୁଷ୍ଠିତ ହୋଇଥାଏ। ଦୁର୍ଗା ପୂଜା ତିନି ଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ସୁଉଚ୍ଚ ତୋରଣ ସାଙ୍ଗକୁ ଆଲୋକ ମାଲରେ ଗାଁ ଦାଣ୍ଡ ଝଲସି ଉଠୁଛି। ତିନି ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ପୌରାଣିକ ଓ ସାମାଜିକ ନାଟକ ଗୁଡ଼ିକ ମଞ୍ଚସ୍ଥ ହେଉଛି। ଏହି ଗାଁ ସୀମାନ୍ତ ଛତିଶଗଡ଼ ରାଜ୍ୟର ଦେଭୋଗ ଯିବା ରାସ୍ତା ର ମୁଖ୍ୟ ଦ୍ୱାରରେ ରହିଥିବା ବେଳେ ଛତର ଯାତ୍ରା ଦେଖିବା ପାଇଁ ସିନାପାଲି ଅଞ୍ଚଳ ସମେତ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ଲୋକଙ୍କ ସମାଗମ ହୋଇଥାଏ। ପ୍ରବଳ ଭିଡ଼ ପରିଲକ୍ଷିତ ହେଉଥିବା ବେଳେ ପୁଲିସ ପ୍ରଶାସନ ତରଫରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇ ଥାଏ। ବୁଢ଼ାରଜାଙ୍କ ନିକଟରେ ଅପୁତ୍ରିକ ନାରୀ ଅଧିଆ ପଡ଼ି ପୁତ୍ର ପ୍ରାପ୍ତି କାମନା କରିଥାଏ। ଅନେକ ଶ୍ରଦ୍ଧାଳୁ ଏଠାକୁ ଆସି ମାନସିକ ପୂରଣ ପାଇଁ ଚତୁର୍ଭୁଜ ବୁଢ଼ାରଜାଙ୍କ ନିକଟରେ ଭିଡ ଜମାଇଛନ୍ତି। ପରେ ଗ୍ରାମ ପରିକ୍ରମା ପରେ ପାଟଖଣ୍ଡାରେ ବଳି ପଡ଼ିଥାଏ। ଚଳିତ ବର୍ଷ ପୂଜାକୁ ସୁଚାରୁ ରୂପେ ସମ୍ପାଦନା କରିବା ପାଇଁ କମିଟିର ସଭାପତି ଭାବରେ ଧରଣୀଧର ମାଝି,ସମ୍ପାଦକ ଭାବରେ ଦେବେନ୍ଦ୍ର ନାରାୟଣ ନାଏକ,ସହସମ୍ପାଦକ ସୁରେଶ ମାଝି,କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ଅଗ୍ରୱାଲ ଓ ସହକୋଷାଧ୍ୟକ୍ଷ ମହେନ୍ଦ୍ର ଅଗ୍ରୱାଲ ପ୍ରମୁଖ ରହିଥିବା ବେଳେ ଯୀଶୁରାମ ବୈଠାରୁ, କେଶବ ନାଏକ, ବୈକୁଣ୍ଠ କଶ୍ୟପ, ପ୍ରାଣକୃଷ୍ଣ ନାଏକ, ପ୍ରକାସ ମାଝି, ଚନ୍ଦ୍ର ମାଝି ସୁବାଷ ବୈଠାରୁ, ଭୂତେଶ ବୈଠାରୁ, ଯଜ୍ଞେସ ନାଏକ ପ୍ରମୁଖ ସହଯୋଗ କରୁଥିବା ବେଳେ ଚନ୍ଦ୍ରଭାନୁ କଶ୍ୟପ, କଳିଙ୍ଗ ବୈଠାରୁ, ସୁଧୀର ନାଏକ,ଚନ୍ଦ୍ରଧ୍ୱଜ ବୈଠାରୁ, ଗୌରୀ ଶଙ୍କର ମାଝି, ରାମ ବିଶି ପ୍ରମୁଖ ଉପଦେଷ୍ଟା ମଣ୍ଡଳୀରେ ରହିଛନ୍ତି।

# ସାନଚେରଗାଁରେ ବସ୍ତରେଣିଙ୍କ ଛତର ଯାତ୍ରା

ଗୋଲାମୁଣ୍ଡା,୩୦।୯(ସମିସ):କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ସାନଚେରଗାଁ ଗ୍ରାମରେ ମା'ବସ୍ତରେଣିଙ୍କ ଛତର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯାତ୍ରାରେ ହଜାର ହଜାର ସଂଖ୍ୟାରେ ଭକ୍ତମାନେ ଭିଡ଼ ହୋଇଥିବା ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲ୍ଲା ଅଧିଷ୍ଠାତ୍ରୀ ଦେବୀ ମା'ମାଣିକେଶ୍ୱରୀଙ୍କ ଛତର ଯାତ୍ରା ପରି ଏଠାରେ ବି ପାଳିତ ହୋଇଛି। ମା'ବସ୍ତରେଣିଙ୍କ ଛତର ଦିନ ୧ ଘଟିକାରୁ ବାହାରି ଗ୍ରାମର ସମସ୍ତଙ୍କ ଘର ଘର ବୁଲି ପୂଜା ପାଇଥିଲେ। ପୂର୍ବପୁରୁଷମାନଙ୍କ କହିବା



ଅନୁଯାଇ ଦେବୀଙ୍କୁ ବନ୍ଦାପଣା କରି ନିଜ ନିଜର ଦୁଃଖ ଜଣାଇଲେ ସମସ୍ତ ଭକ୍ତ ବୃନ୍ଦ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ହଜାର ହଜାର ସଂଖ୍ୟାରେ ଭକ୍ତମାନେ ରୁଣ୍ଡ ହୋଇ ମା'ଙ୍କୁ ମୁଣ୍ଡିଆ ମାରି ନିଜ ନିଜ ଦୁଃଖ ଜଣାଇଥିଲେ। ଯାତ୍ରାରେ ୬ଟି ସଂସ୍କୃତିକ କାର୍ଯ୍ୟକ୍ରମ ଯଥା କଳାହାଣ୍ଡି ବୀରବାଦ୍ୟ ଘୁମୁରା,ଘଣ୍ଟନାଦ,ମାଦଲ, ଢାବ, ଦୁଲଦୁଲି, ମହାକାଳୀ ଗ୍ରୁପ ସହିତ ଅନେକ ପୁରୁଣା ସଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମା'ଙ୍କ ଛତର ଯାତ୍ରା ପାଳିତ ହୋଇଥିଲା। କେଗାଁ ପୋଲିସ ପ୍ରଶାସନ ଛତର ଯାତ୍ରାରେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ବଜାୟ ରଖିଥିଲା। ଛତର ଯାତ୍ରା ଗ୍ରାମର ପରିଚାଳନା କମିଟିର ମାଧ୍ୟମରେ ଆୟୋଜିତ ହୋଇଥିଲା। କମିଟିରେ ସଭାପତି ଶ୍ରୀନିବାସ ଦାସ,ସମ୍ପାଦକ ଦୁର୍ବାଦଳ ସାହୁ, ସୁନୀଲ ସାହୁ, ଟିଟୁ ସାହୁ, ଅନନ୍ତ ସାହୁ, ମତିରାମ କର ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବେଳେ ଗ୍ରାମର ସମସ୍ତ ବୁଦ୍ଧିଜୀବି ଓ ଯୁବ ଗୋଷ୍ଠି ସହଯୋଗ କରିଥିଲେ।

# ପ୍ରଥମ ଆଦିମ ଆଦିବାସୀ ଯୁବତୀଙ୍କ ପିଏଚ୍‌ଡି

ନୂଆପଡ଼ା,୩୦।୯(ସମିସ):ସୁନାବେଡ଼ା ଉପତ୍ୟକାର ଆଦିମ ଜନଜାତି ଛାତ୍ରୀ ପ୍ରଥମ କରି ପିଏଚ୍‌ଡି ଲାଭ କରିଥିବା ଜୟମନୀ ଝାଙ୍କରଙ୍କୁ ଜିଲ୍ଲାପାଳ ମଧୁସୁଦନ ଦାଶ ତାଙ୍କ ନିବାସ କାର୍ଯ୍ୟାଳୟ ସ୍ଥିତ ପ୍ରକୋଷ୍ଠରେ ସମ୍ବର୍ଦ୍ଧିତ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ଦିପ୍ତିମନ୍ତ ଭୋଇ, ଧରମବନ୍ଧା ସେବାଶ୍ରମ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଜୟମନିଙ୍କୁ ଉତ୍ତରୀୟ ସହ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ।ପ୍ରକାଶ ଯେ ସୁନାବେଡ଼ା ଉପତ୍ୟକାରେ ବସବାସ କରୁଥିବା ଜୟମନି,ଚାକୋଟିଆ ଭୁଞ୍ଜିଆ ଆଦିମ ଜନଜାତି



ବର୍ଗର ଆଦିବାସୀ ଛାତ୍ରୀ। ବାପା ବିଜୟ ଝାଙ୍କର ଓ ମାତା ବୈଦେହୀଙ୍କର ତୃତୀୟ କନ୍ୟା। ଜୟମନି ପ୍ରାଥମିକ ତଥା ହାଇସ୍କୁଲ ଶିକ୍ଷା ସୁନାବେଡା ଗୁରୁକୁଳ ଆଶ୍ରମରେ ଆରମ୍ଭ କରି ଧରମ ବନ୍ଧାସ୍ଥିତ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପାସ କରି ଖଡ଼ିଆଳ କଲେଜରେ ଯୁକ୍ତ ତିନି ପାସ କରିଥିଲେ। ପରେ ଗାଁରୁ ପାଦ କାଢି କଳିଙ୍ଗ ଇନଷ୍ଟିଚ୍ୟୁଟ ଫର ସୋସିଆଲ ସାଇନ୍ସରେ ସ୍ନାତକୋତର ପରେ ହରବାଲ ମେଡ଼ିସିନ ଉପରେ ପିଏଚ୍‌ଡି ଲାଭ କରିପାରିଛନ୍ତି।






# ମାଣିକେଶ୍ୱରୀଙ୍କ ଆଦିପୀଠରେ ଛତର୍ ଯାତ୍ରା



ଥୁଆମୂଳରାମପୁର,୩୦।୯(ସମିସ): କଳାହାଣ୍ଡି ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ମାଣିକେଶ୍ୱରୀଙ୍କ ଆଦିପୀଠ ଥୁଆମୂଳରାମପୁରରେ ମାଁଙ୍କ ପ୍ରସିଦ୍ଧ ଛତର ଯାତ୍ରା ଉତ୍ସବ ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ଜେନାଖାଲଠାରୁ ମାଁଙ୍କ ମନ୍ଦିର ପର୍ଯ୍ୟନ୍ତ ବହୁ ମାନସିକଧାରୀ ସେମାନଙ୍କ ମାନସିକ ପୂରଣ ହେତୁ ଆରାଧ୍ୟା ଦେବୀଙ୍କ ଛତର ସମ୍ମୁଖରେ ବୋଦା, କୁକୁଡା, ପାରା ବଳି ଦେଇଥିଲେ। ଜେନାଖାଲଠାରେ ପାରମ୍ପାରିକ ପୂଜା ପରେ ଜେନାବଳି ପୂଜା ଅନୁଷ୍ଠିତ ହେଇଥିଲା। ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ମାଁ ମାଣିକେଶ୍ୱରୀଙ୍କ ଛତ୍ର ଓ ଦେବୀଙ୍କ କାଳସୀ ଜେନାଖାଲଠାରୁ ଫେରିଥିଲେ। ମନ୍ଦିରର ମୁଖ୍ୟ ପୂଜକଙ୍କ ତତ୍ତ୍ୱାବଧାନରେ ମଙ୍ଗଳ ଆଳତି, ହୋମ ପୂର୍ବକ ପୂଜାର୍ଚ୍ଚନା ହେଲା ପରେ ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିର ଦ୍ୱାର ଫିଟା ଯାଇଥିଲା। ଦିନ ୧୧ଟାରେ ମନ୍ଦିର କବାଟ ପଡ଼ିଥିଲା।ସନ୍ଧ୍ୟା ୬ଟାରେ ପୁନଃ ଦ୍ୱାର ଫିଟା ପୂର୍ବରୁ ମନ୍ଦିର।ଗର୍ଭ ଗୃହରେ ଚଣ୍ଡୀ ପାଠ ସହ ଗୁପ୍ତ ପୂଜା ହୋଇଥିଲା। ଏହାପରେ ମାଁଙ୍କଠାରେ ନବାନ୍ନ ଲାଗି ହୋଇଥିଲା। ରାତିର ସନ୍ଧିପୂଜାରେ ମହାବଳି ପଡ଼ିଲା ପରେ ମନ୍ଦିର ଦ୍ୱାର ଫିଟା ହୋଇଥିଲା। ନବମୀ ଦିନ ପ୍ରସ୍ତୁତି ପୂର୍ବକ ପ୍ରାତଃ ସମୟରେ ମାଁଙ୍କ ଛତର ଯାତ୍ରା ପର୍ବ ଆରମ୍ଭ ହୋଇଥିଲା। ମାଁଙ୍କ ମନ୍ଦିରରୁ ମାଁ ଦକ୍ଷିଣ କାଳୀଙ୍କ କାଳିସୀ ଲାଗି ହେଲା ପରେ ଜେନାଖାଲ ଅଭିମୁଖେ ବାହାରିଥିଲେ। ସେଠାରେ ଏକ ଗୁପ୍ତ ପୂଜା ପ୍ରକ୍ରିୟା ମାଧ୍ୟମରେ ଜେନା ମେଣ୍ଢା ବା ଗଡ଼ରାକୁ ମାଁ ମାଣିକେଶ୍ୱରୀଙ୍କ ଛତର ପାଇଁ ଏହି ପୂଜାରେ ବଳି ଭାବେ ସମର୍ପଣ କରାଯାଇଥିଲା। ଏହାପରେ ବୁଢାରଜା ଏବଂ ଦକ୍ଷିଣକାଳୀଙ୍କ କାଳିସୀ ଲାଗି ହେଲା ପରେ ମାଁମାଣିକେଶ୍ୱରୀ ଛତର ସହ ସେଠାରୁ ବାହାରି ମନ୍ଦିର ପ୍ରତ୍ୟାବର୍ତ୍ତନ କରିଛନ୍ତି।

## ● ଚିଲିଗୁଡାରେ ଦେବୀ ସର୍ବମଙ୍ଗଳାଙ୍କ ଛତର ଯାତ୍ରା
# ଶୁକ୍ଳ ଭୋଗରେ ପୂଜା ପାଇଲେ ଦେବୀ

କୋକସରା,୩୦।୯(ସମିସ):କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା'ମାଣିକେଶ୍ୱରୀଙ୍କ ବିଶ୍ୱ ପ୍ରସିଦ୍ଧ ଛତର ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଥିବା ରକ୍ତ ରଞ୍ଜିତ ହୋଇଛି ଭବାନୀପାଟଣା ସହର। ତେବେ ଜିଲ୍ଲାର କୋକସରା ବ୍ଲକ୍‌ସଦର ମହକୁମା



ପଞ୍ଚାୟତର ଚିଲିଗୁଡା ଠାରୁ ପୂଜିତ ଦେବୀ ସର୍ବମଙ୍ଗଳାଙ୍କ ଛତର ଯାତ୍ରାରେ ରକ୍ତ ଭୋଗ ବଦଳରେ ଶୁକ୍ଳ ଭୋଗରେ ପୂଜା ପାଇଛନ୍ତି। ପ୍ରାଚୀନ "ଅଭିଚାର ତନ୍ତ୍ର' ଧାରାର ଅନ୍ୟତମ ସର୍ବମାନ୍ୟ ଦେବୀ ହେଉଛନ୍ତି ମା'ସର୍ବମମଙ୍ଗଳା। ବର୍ଷରେ ଥରେ ମା'ଙ୍କ ଛତର ଯାତ୍ରା ବାହାରିଥାଏ। ସୋମବାର ମଧ୍ୟରାତ୍ରୀରୁ ଦେବୀଙ୍କ ଛତର ମନ୍ଦିରରୁ ବାହାରି ଗାଁ ଗୌନ୍ତିଆ ବିନୋଦ ବିହାରୀ ସିଂଙ୍କ ଘରକୁ ଆସିଥିଲା।ସେଠାରେ ଦେବୀଙ୍କ ପ୍ରତିମା ଛତର ରୂପରେ ପୂଜାର୍ଚ୍ଚନା ପରେ ସକାଳୁ ଦେବୀଙ୍କ ଛତର ମନ୍ଦିର ଅଭିମୁଖେ ବାହାରି ଯାଇଥିଲା। ଏହି ସମୟରେ ହଜାର ହଜାର ଶ୍ରଦ୍ଧାଳୁ ରାସ୍ତା କଡ଼ରେ ଠିଆ ହୋଇ ଧୂପଦୀପ ଜଳାଇ ମନ୍ଦାର ମାଳ,ବେଲପତ୍ର, ନଡିଆ ଭାଙ୍ଗି ପୂଜା କରି ମା'ଙ୍କ ନିକଟରେ ଆଶ୍ରୀବାଦ ଭିକ୍ଷା କରିବା ସହ ମାନସିକ କରିଥିଲେ। ଦେବୀଙ୍କ ଛତର ଗାଁ ପରିକ୍ରମା କରି ମୁଖ୍ୟ ପୀଠକୁ ପହଞ୍ଚି ଥିଲା। ରାତିରେ ନାଟକ ସହ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଅନୁଷ୍ଠିତ ହୋଇଛି। ପୂଜା କମିଟି ସଭାପତି ପ୍ରଶାନ୍ତ ସିଂହ, ସମ୍ପାଦକ ଅଭିମନ୍ୟୁ ଗୋପାଳ,ଉପସଭାପତି ଦୈତାରୀ ବାରିକ, ସହ ସମ୍ପାଦକ ରଜନୀକାନ୍ତ ପଣ୍ଡା, ପୂଜକ ମନଧର ପୁଝାରୀ, ଶିରା କୈଳାସ ଚନ୍ଦ୍ର ସିଂହ, ଗୌନ୍ତିଆ ବିନୋଦ ବିହାରୀ ସିଂହ, ଉପଦେଷ୍ଟା ଉତ୍ତମ କୁମାର ପଣ୍ଡା, ଲିଙ୍ଗରାଜ ନିଆଲ, ଧର୍ମୁ ନାଗ, ବଂଶୀଧର ବାଗ, ଅରୁଣ କୁମାର ସିଂହ, ଜିତେନ୍ଦ୍ର ନିଆଲ, କୁଞ୍ଜବିହାରୀ ସିଂହ ସମେତ ଗ୍ରାମବାସୀ ପୂଜା ପରିଚାଳନାରେ ସହଯୋଗ କରିଥିଲେ।






## ଭାଇ ଜିଉଁତିଆ।
# ସୀମାନ୍ତ ଅଞ୍ଚଳରେ ବଞ୍ଚିଛି ପାରମ୍ପରିକ ଡାଲଖାଇ ନୃତ୍ୟ

ନୂଆପଡ଼ା,୩୦।୯(ସମିସ):ପଶ୍ଚିମ ଓଡ଼ିଶାର ଏକ ମହାନ ପର୍ବ ଭାଇ ଜିଉଡିଆ ଏହି ପର୍ବ ମାଧ୍ୟମରେ ଭାଇର ମଙ୍ଗଳ ପାଇଁ ଭଉଣୀମାନେ ଉପବାସ



କରି ମା' ଦୁର୍ଗାଙ୍କ ଠାରେ ପୂଜାର୍ଚ୍ଚନା କରି ଗୁହାରୀ କରିଥାନ୍ତି।ଏହି ଦିନ ଭାଇର ମଙ୍ଗଳ କାମନା ସହ ଦୀର୍ଘଜୀବନ କାମନା ପାଇଁ ଭଉଣୀ ରଖେ ଉପବାସ ରଖନ୍ତି। ଏହି ପରିପ୍ରେକ୍ଷୀରେ ନୂଆପଡା ଜିଲ୍ଲାବ୍ୟାପି ପାଳନ ହେଉଥିବା ମୁଖ୍ୟ ପର୍ବ ଗୁଡିକ ମଧ୍ୟରେ ଅନ୍ୟତମ। ଭାଇର ମଙ୍ଗଳ ତଥା ଦୀର୍ଘାୟୁ କାମନା କରି ଭଉଣୀମାନେ ବ୍ରତ କରିଥାନ୍ତି। ପଶ୍ଚିମ ଓଡିଶାରେ ବ୍ରତ ପାଳନ ଆଶ୍ୱିନୀ ମାସ ସପ୍ତମୀ ଦିନ ଠାରୁ ଆରମ୍ଭହୋଇ ଦଶମୀ ଦିନ ପର୍ଯ୍ୟନ୍ତ ଚାଲିଥାଏ। ଦେବୀ ଦୁର୍ଗାଙ୍କ ସପ୍ତମୀ ପୂଜା ପରେ ପରେ ନୂଆପଡାରେ ଭଉଣୀମାନେ ଭାଇ ଜିଉନ୍ତିଆ ବ୍ରତ କରିଥାନ୍ତି। ଦିନ ସାରା ନିର୍ଜଳା ଉପବାସ ରହି ସନ୍ଧ୍ୟାରେ ୭ ପ୍ରକାର ଫୁଲ, ୭ଟି ଜୁଗାର କରି ଧୂପଦୀପ ନୈବେଦ୍ୟ ଦେଇ ଦେବୀ ଦୁର୍ଗାଙ୍କୁ ପୂଜା କରିଥାନ୍ତି। ଭାଇଙ୍କ ମଙ୍ଗଳ ମନାସି ୧୦୮ ଦୁବ ଓ ଅକ୍ଷତ ଅରୁଆଚାଉଳକୁ ଏକାଠି କରି ଜୀଉନ୍ତିଆରେ ବାନ୍ଧି ଦେବୀଙ୍କ ପାଖରେ ସମର୍ପଣ କରି ଥାନ୍ତି। ପର ଦିନ ସକାଳେ ବନ୍ଧା ହୋଇଥିବା ଦୁବକୁ ନେଇ ଭାଇକୁ ବନ୍ଧାଇବାର ପରମ୍ପରା ରହିଛି। ଏହି ଓଷା ପାଳନ ବେଳେ ଭଉଣୀ ମାନେ ନିଜକୁ ଖୁସିରେ ମାତାଲ କରି ରଖିବାକୁ ଡାଲଖାଇ ନୃତ୍ୟରେ ମଜି ରହିଥାନ୍ତି ଯାହା କି ସବୁଠାରୁ ନିଆରା। ଜୀଉନ୍ତିଆ ଓଷା ସହ ଡାଲଖାଇ ପାଳନ କରିବା ପରମ୍ପରା ବହୁ ପୁରୁଣା। ଏଥିରେ ପୁରୁଷ ପୁଅ ମାନେ ମଧ୍ୟ ଅଂଶ ଗ୍ରହଣ କରି ଗୀତର ତାଳ ଦେଇ ନାଚିଥାନ୍ତି। ଏହି ନାଚ ଯେ ପଶ୍ଚିମ ଓଡିଶା କେବଳ ନୁହେଁ ଓଡିଶା-ଛତିଶଗଡ଼ ସୀମାନ୍ତ ଅର୍ଥାତ ହିନ୍ଦୀ ଭାଷା ଭାଷୀ ଅଞ୍ଚଳରେ ବି ବହୁଳ ଭାବେ ହୋଇଥାଏ। ନାଚ ଗାଁ ଲୋକଙ୍କ ମଧ୍ୟରେ ଭାଇଚାରା, ଆତ୍ମିୟତା ବୃଦ୍ଧି କରିବା ସହ ବର୍ଷ ବର୍ଷର ମନୋମାଳିନ୍ୟକୁ ଶାନ୍ତ କରିବାରେ ଏକ ମାଇଲ ଖୁଣ୍ଟ।

# କୁଆଁରୀ ଝିଅଙ୍କ ଭାଇ ଜୀଇଁତ



ସିନାପାଲି,୩୦।୯(ସମିସ): ସିନାପାଲି ଅଞ୍ଚଳର ବିଭିନ୍ନ ଗାଁ ଗଣ୍ଡାରେ କୁଆଁରୀ ଝିଅ ଭାଇ ଜୀଇଁତା ଆନନ୍ଦ ଉଲ୍ଲାସ ସହ ପାଳନ କରିଛନ୍ତି। ଝିଅମାନେ ବିଭିନ୍ନ ଫଳଫୁଲ ମୂଳକନ୍ଦା ସାଙ୍ଗକୁ ବାରୁ ନେଇ ପୂଜାସ୍ଥଳରେ ରଖି ମା'ଦୁର୍ଗାଙ୍କ ନିକଟରେ ସମର୍ପଣ କରି ଭାଇ ପାଇଁ ମଙ୍ଗଳ ମନାସିଛନ୍ତି। ଭାଇର ଦୀର୍ଘାୟୁ କାମନା କରି ଭାଇର ବିଜୟୀ କାମନା କରିଥାନ୍ତି। ପୁରାଣ ଅନୁସାରେ ଭଉଣୀ ସୁଭଦ୍ରା ଭାଇ ଜଗନ୍ନାଥଙ୍କ ପାଇଁ ପ୍ରଥମେ ଭାଇ ଜୀଉଁତା କରିଥିଲେ। ପରାକ୍ରମୀ ଜରାସନ୍ଧ ଶ୍ରୀକୃଷ୍ଣଙ୍କୁ ବାରମ୍ବାର ଯୁଦ୍ଧରେ ପରାସ୍ତ କରି ଚାଲିଥିବା ବେଳେ ଭାଇ ପାଇଁ ବିଜୟୀ କାମନା କରି ଏହି ବ୍ରତଧାରଣ କରିଥିବା ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ରହିଛି।






ସେକ୍ଟର - ୧ ପୁରୁଣା ଦୁର୍ଗାପୂଜା କମିଟି





ସେକ୍ଟର - ୨୦ ଦୁର୍ଗାପୂଜା କମିଟି



ସେକ୍ଟର - ୨ ଦୁର୍ଗାପୂଜା କମିଟି







ସେକ୍ଟର - ୬ ଟେଲିଫୋନ ଭବନ





ଛେଣ୍ଡ ଫେଜ-୩ ଦୁର୍ଗା ପୂଜା କମିଟି



ସେକ୍ଟର - ୬ ଜି ବ୍ଲକ୍



ସେକ୍ଟର - ୫ ଦୁର୍ଗାପୂଜା କମିଟି





ସେକ୍ଟର - ୬ ଏଚ୍ ବ୍ଲକ୍

## ବ୍ରାହ୍ମଣୀ ନଦୀରେ ବୁଡ଼ି ବୃଦ୍ଧା ମୃତ

**ବଣାଇଁ, ୩୦।୯ (ସମିସ):** ବ୍ରାହ୍ମଣୀ ନଦୀରେ ବୁଡ଼ି ମଙ୍ଗଳବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧା ଜଣକ ଲହୁଣୀପଡ଼ା ଥାନା ଗମଲେଇ ଗ୍ରାମର ଚମ୍ପାବତୀ ସାହୁ (୭୦) ବୋଲି ଜଣାପଡ଼ିଛି। ଚମ୍ପାବତୀ ଆଜି ସକାଳେ ବ୍ରାହ୍ମଣୀ ନଦୀରେ ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇ ନିଖୋଜ ହୋଇଯାଇଥିଲେ। ଲହୁଣୀପଡ଼ା ପୁଲିସ ଓ ବଣାଇଁ ଅଗ୍ନିଶମ ବାହାନୀ ଟାଙ୍କଯୋଡା ଗ୍ରାମର ବ୍ରାହ୍ମଣୀ ନଦୀ କୂଳରୁ ବୃଦ୍ଧାଙ୍କ ଶବ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଛି।

## ଦୀପ ନିଆଁରେ ମହିଳା ଗୁରୁତର

**ରାଉରକେଲା, ୩୦।୯ (ସମିସ):** ମଙ୍ଗଳବାର ମା'ଙ୍କ ଅଷ୍ଟମୀ ପୂଜା ଚାଲିଥିବାବେଳେ ଦୀପ ନିଆଁରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ଗୁରୁତର ମହିଳା ଜଣକ ଶକ୍ତିନଗର ଅଞ୍ଚଳର ଉର୍ମିଳା ସିଂ ବୋଲି ଜଣାପଡ଼ିଛି। ପୂର୍ବାହ୍ନରେ ଶକ୍ତି ନଗର ଅଞ୍ଚଳର ମଣ୍ଡପରେ ଅଷ୍ଟମୀ ପୂଜା ଚାଲିଥିଲା। ଉକ୍ତ ଅଞ୍ଚଳର ୬୬ ବର୍ଷୀୟା ଉର୍ମିଳା ସିଂ ମା'ଙ୍କ ନିକଟରେ ଦୀପ ଜଳାଇବାକୁ ଆସିଥିଲେ। ଅସାବଧାନତା କାରଣରୁ ହଠାତ୍ ତାଙ୍କ ଶାଢ଼ୀ କାନିରେ ନିଆଁ ଲାଗି ଶରୀର ସାରା ବ୍ୟାପି ଯାଇଥିଲା। ପୂଜା କମିଟି ସମେତ ଅନ୍ୟ ଲୋକେ ନିଆଁକୁ ଆୟତ୍ତ କରିବା ସହ ମହିଳାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ମହିଳାଙ୍କ ଶରୀର ପ୍ରାୟ ୩୦ ପ୍ରତିଶତ ଜଳି ଯାଇଥିବାବେଳେ ଡାକ୍ତରଖାନାରେ ଭର୍ତ୍ତି ଥିବା ସୂଚନା ମିଳିଛି।

## ଘରୁ ଚୋରି ଅଭିଯୋଗରେ ୩ ଗିରଫ

**ରାଉରକେଲା, ୩୦।୯ (ସମିସ):** ଘରୁ ଚୋରି ଘଟଣାରେ ସେକ୍ଟର -୭ ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାଲଗୋଦାମ କାଳୀ ମନ୍ଦିର ନିକଟର ଏମ୍‌ଡି କୈଫ ଆଲମ (୧୯), ଛୋଟୁ ଓରଫ ଏମ୍‌ଡି ଫରିଦ ଖାନ (୨୪) ଓ ଝୁଲେ ଓରଫ ଇରଫାନ ଅନସାରୀ (୧୯)। ସମସ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ଗୋଟିଏ ସ୍କୁଟି, ରୁପା ପାଉଁଜି, ସୁନା ମୁଦି, ସୁନା ଚେନ, କଟର ମେସିନ ଓ ସିସିଟିଭି ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ସେକ୍ଟର -୭, ସି/୧୬୮ କ୍ୱାର୍ଟର୍ସରେ ରହୁଥିବା ତନୁଜା ସୁନାଙ୍କ ପରିବାର ଗତ ୧୬ ତାରିଖରେ ପୁରୀ ଯାଇଥିଲେ। ୨୪ ତାରିଖରେ ଘରକୁ ଫେରିବା ପରେ ସ୍କୁଟି ନଥିବା ବେଳେ କବାଟ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଘରୁ ଅନ୍ୟ ସାମଗ୍ରୀ ଚୋରି ହୋଇଥିବା ମଧ୍ୟ ଜାଣିବାକୁ ପାଇଥିଲେ। ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ କରି ମଙ୍ଗଳବାର ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଛୋଟୁ ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ୪ଟି, ଝୁଲେ ନାଁରେ ୧୦ଟି ଓ କୈଫ ନାଁରେ ୩ଟି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

## ଅଚାନକ ରାସ୍ତା କାମ; ଟ୍ରାଫିକ ସମସ୍ୟା ଭୋଗୁଛନ୍ତି ଲୋକେ

**ରାଉରକେଲା, ୩୦।୯ (ସମିସ):** ରାଉରକେଲା-ବନ୍ଧମୁଣ୍ଡା ରାସ୍ତାରେ ହଠାତ୍ ରାସ୍ତା ମରାମତି କାର୍ଯ୍ୟ ଯୋଗୁଁ ଦୁଇ ଦିନ ଧରି ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି। ସିଆଇଏସ୍‌ଏଫ୍ ଗେଟ୍‌ଠାରୁ କୋଇଲା ଗେଟ୍ ପର୍ଯ୍ୟନ୍ତ ପ୍ରାୟ ଦୁଇ କିଲୋମିଟର ଲମ୍ବା ଜାମ୍ ମଧ୍ୟରେ ଶତାଧିକ ଯାନବାହାନ ଫସି ରହିଥିବା ଦେଖିବାକୁ ମିଳିଛି। ଫଳରେ ପ୍ରବଳ ଗରମରେ ଲୋକଙ୍କୁ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ବନ୍ଧମୁଣ୍ଡାରୁ ଲୋକେ ଦୁର୍ଗା ପୂଜା ଅବସରରେ ପରିବାର ସହିତ ରାଉରକେଲା ଯାଉଥିଲେ। ଏହି ସମୟରେ ରାଉରକେଲା ଇସ୍ପାତ କାରଖାନା ହଠାତ୍ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରିଥିଲା। ଫଳରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଛି। ଠିକା ସଂସ୍ଥା ପକ୍ଷରୁ କୌଣସି ପୂର୍ବ ସୂଚନା କିମ୍ବା ବିକଳ୍ପ ବ୍ୟବସ୍ଥା କରାଯାଇ



ନଥିଲା। ଜାମ୍ ସମୟରେ ଛୋଟ ପିଲା ଓ ବୟସ୍କ ଲୋକମାନେ ସବୁଠାରୁ ଅଧିକ କଷ୍ଟ ଭୋଗିଥିଲେ। ପାର୍ବଣ ସମୟରେ ମରାମତି କାର୍ଯ୍ୟ ଆରମ୍ଭକୁ ନେଇ ବାସିନ୍ଦାମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସୋମବାର ଓ ମଙ୍ଗଳବାର ସମାନ ଦୃଶ୍ୟ ଦେଖିବାକୁ ମିଳିଥିବା ବେଳେ ଟ୍ରାଫିକ ସମସ୍ୟା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି।

### ଜାତୀୟ ପେନକାକ୍ ସିଲଟ ଚାମ୍ପିଅନ୍‌ସିପ୍

## ସୁନ୍ଦରଗଡ଼କୁ ୮ ସ୍ୱର୍ଣ୍ଣ, ୪ ରୌପ୍ୟ ପଦକ





**ରାଉରକେଲା, ୩୦।୯ (ସମିସ):** ୧୩ତମ ଜାତୀୟ ପେନକାକ୍ ସିଲଟ୍ ଚାମ୍ପିଅନ୍‌ସିପ୍ ୨୦୨୫ରେ ସୁନ୍ଦରଗଡ଼ ଜିଲ୍ଲା ଗର୍ବ ଓ ଗୌରବର ଅଧ୍ୟାୟ ସୃଷ୍ଟି କରିଛି। ଜିଲ୍ଲାକୁ ୮ଟି ସ୍ୱର୍ଣ୍ଣ ଓ ୪ଟି ରୌପ୍ୟ ପଦକ ପ୍ରତିଯୋଗୀମାନେ ଆଣିଛନ୍ତି। କର୍ଣ୍ଣାଟକ ସ୍ଥିତ ଜିଲ୍ଲା ଇଣ୍ଡୋର୍ ଷ୍ଟାଡିୟମ୍ ଓ ଖେଲୋ ଇଣ୍ଡିଆ ସେଣ୍ଟର୍‌ଠାରେ ସେପ୍ଟେମ୍ବର ୨୬ରୁ ୨୮ ତାରିଖ ଯାଏଁ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲାର ୧୨ ଜଣ ଖେଳାଳି ଅଂଶ ଗ୍ରହଣ କରିଥିଲେ। ଏହି କ୍ରମରେ ଅଙ୍କୁଶ ରାଜ ସିଂହ, ସାଇ ପ୍ରସାଦ ପାଣିଗ୍ରାହୀ, ରୁଦ୍ରଶିତ ମିଶ୍ର, ଅନନ୍ୟା ବେହେରା, ସାଇ ପ୍ରତିକ୍ ପ୍ରଧାନ, ଅନୟା କୋହଲି, ଆୟୁଷ ପରିଡ଼ା, ଆଦୃତି ଭାବ୍ୟା ନାୟକ ପ୍ରମୁଖ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ପି. ଗଙ୍ଗୋତ୍ରୀ, ସରକ୍ଷୀ ନାଥ, ସ୍ନେହା ସାମନ୍ତରାୟ, ସାଇ କିରଣ ମାଝୀ ପ୍ରମୁଖ ରୌପ୍ୟ ପଦକ ହାସଲ କରିଛନ୍ତି। ସିଙ୍ଗା, ମାକାନ୍, ପ୍ରି-ଟିନ୍, ପ୍ରି-ଜୁନିଅର ଓ ଜୁନିଅର ବିଭାଗରେ ସମସ୍ତ ଯୁବ ଖେଳାଳିଙ୍କ ଉତ୍ତମ ପ୍ରଦର୍ଶନ ସୁନ୍ଦରଗଡ଼କୁ ଗର୍ବିତ କରିଥିବା ମତ ପ୍ରକାଶ ପାଇଛି। ତେବେ ସମସ୍ତ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପେନକାକ୍ ସିଲଟ୍ ଆସୋସିଏସନ୍ ଅଫ୍ ସୁନ୍ଦରଗଡ଼ ସଂଗଠନର ସଭାପତି ହର୍ମନ୍ ଲାକ୍ରା, ଉପସଭାପତି ସୁଶାନ୍ତ କୁମାର ଷଡ଼ଙ୍ଗୀ, ଶ୍ରୀୟା କୋହଲି, ସଞ୍ଚିତା ଗୁପ୍ତା, ରାକେଶ କୁମାର ବେହେରା, ନିକ୍କି କୁମାରୀ, ସମ୍ପାଦକ ଶରତ କୁମାର ଦାସ, ସହ ସମ୍ପାଦକ ଜିତେନ୍ଦ୍ର କୁମାର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ମିର୍ଥିର୍ଡା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## କେଏମ୍‌ଜେ ଇଲେଭେନ୍ ଚାମ୍ପିଅନ୍

**କୋଇଡା, ୩୦।୯ (ସମିସ):** କୋଇଡା ବ୍ଲକ ପାଟମୁଣ୍ଡା ପଞ୍ଚାୟତ ମିର୍ଥିର୍ଡା ମିନି ଷ୍ଟାଡିୟମ୍‌ରେ ଦୁଇ ଦିନ ଧରି ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବାବା ସ୍ୱପ୍ନେଶ୍ୱର ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୧୬ ଗୋଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଏହାର ଫାଇନାଲ ମୁକାବିଲା କେଏମ୍‌ଜେ ଇଲେଭେନ୍ ବନାମ୍ ୟୁଏମଜେ କୋଇଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେଏମ୍‌ଜେ ଇଲେଭେନ୍ ୧-୦ ଗୋଲ୍‌ରେ ବିଜୟଲାଭ କରି ଚଳିତବର୍ଷ ଚାମ୍ପିଅନ୍ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଜେଡି ଜିଲ୍ଲା ସଭାପତି ତଥା ସରପଞ୍ଚ ଅବିନାଶ ସୁମନ ବାଗେ, ଟାଟା ଷ୍ଟିଲ୍ ଅଧିକାରୀ ତ୍ରିଲୋଚନ ପାଣିଗ୍ରାହୀ, ସମାଜସେବୀ ବୁଧୁ ପାତ୍ର, ଯୁବ ସାମ୍ବାଦିକ କାଜଲ ବେହେରା, ପରମେଶ୍ୱର ବାରିକ୍ ପ୍ରମୁଖ ଯୋଗଦେଇ ଚାମ୍ପିଅନ୍ ଦଳକୁ ୨୦ ହଜାର ନଗଦ ସହ ଟ୍ରଫି, ଉପବିଜେତା ଦଳକୁ ୧୫ ହଜାର ନଗଦ ସହ ଟ୍ରଫି, ତୃତୀୟ ସ୍ଥାନରେ ଥିବା ୦୯ ଷ୍ଟାର ବାଲଗୋପାଳ ଅଧିକାର ଦଳକୁ ୮ ହଜାର ନଗଦ ସହ ଟ୍ରଫି ଓ ଚତୁର୍ଥ ସ୍ଥାନ ରୀଙ୍କୁ ୧୧ ଦଳକୁ ୭ ହଜାର ନଗଦ ସହ ଟ୍ରଫି ପ୍ରଦାନ କରିଥିଲେ। କ୍ଲବ୍ ପକ୍ଷରୁ ସଭାପତି ଭକ୍ତବନ୍ଧୁ ନାଏକ ଓ ଅନ୍ୟାନ୍ୟ ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।



## ଅପରେସନ୍ ଅଗ୍ନି | ୨ ଗୋଦାମରେ ଚଢ଼ଉ; କୋଟିଏ ଟଙ୍କାର ବାଣ ଜବତ





**ରାଉରକେଲା, ୩୦।୯ (ସମିସ)**

ଅପରେସନ ଅଗ୍ନିରେ ସୁନ୍ଦରଗଡ଼ ପୁଲିସକୁ ଏକ ବଡ ସଫଳତା ମିଳିଛି। ସୁନ୍ଦରଗଡ଼ ପୁଲିସ ଜିଲ୍ଲା ଅନ୍ତର୍ଗତ ବିରମିତ୍ରପୁର ଅଞ୍ଚଳରେ ଗୋଟିଏ ଘର ଏବଂ ୨ଟି ଗୋଦାମରେ ଚଢ଼ଉ କରି ସୁନ୍ଦରଗଡ଼ ପୁଲିସ ଅନ୍ୟୁନ କୋଟିଏ ଟଙ୍କାର ବେଆଇନ ବାଣ ଜବତ କରିଛି। ଯାହା ଅଞ୍ଚଳରେ ଚର୍ଚ୍ଚା ପାଲଟିଛି। ଦୀର୍ଘ ଦିନ ଧରି ଚାଲି ଆସୁଥିବା ଏହି ବେଆଇନ ବାଣ କାରବାର ରାକେଟର ଚେର ସାରା ଜିଲ୍ଲାକୁ ଲମ୍ବିଥିବା ବେଳେ ନୂତନ ଏସ୍‌ପି ଅମ୍ରିତପାଲ କୌରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରାୟ ୧୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଏହି ଚଢ଼ଉରେ ପୁଲିସ ୧୭ଟି ଗାଡିରେ ବୋଝେଇ ହୋଇଥିବା ବାଣ ଜବତ କରିଥିବା ବେଳେ ଆହୁରି ୨ଟି ଗାଡିର ଜବତ ବାଣ ସେଠାରେ ରହିଥିବା ସୂଚନା ମିଳିଛି। ଏହି ଚଢ଼ଉ ସମୟରେ ପ୍ରାୟ ୯୦ ଲକ୍ଷ ଟଙ୍କାର ବେଆଇନ୍ ଗଚ୍ଛିତ ବାଣ ଜବତ କରାଯାଇଥିବା ଏସ୍‌ପି ଅମ୍ରିତପାଲ କୌର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିବା ବେଳେ ଜବତ ବାଣର ମୂଲ୍ୟ ୧ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି। ତେବେ ଏହି ସାମ୍ବାଦିକ ସମ୍ମିଳନୀରେ ବୀରମିତ୍ରପୁର ଏସ୍‌ଡିପିଓ ସୁଶାନ୍ତ କୁମାର ଦାଶ, ଆଇଆଇସି ରାମପ୍ରସାଦ ନାଗ ଉପସ୍ଥିତ ଥିଲେ। ସୂଚନାନୁଯାୟୀ, ଆଗକୁ ଦିପାବଳୀ ଥିବା ବେଳେ ଏହି ସମୟରେ ଚାଲିଥିବା ବେଆଇନ ବାଣ କାରବାର ର୍‌ୟାକେଟ୍‌କୁ ରୋକିବାକୁ ସୁନ୍ଦରଗଡ଼ ପୁଲିସ ପକ୍ଷରୁ ଅପରେସନ ଅଗ୍ନି ଆରମ୍ଭ ହୋଇଛି। ମଙ୍ଗଳବାର ବିରମିତ୍ରପୁର ସହରରେ ଏହି ଅପରେସନ୍ ଅଧୀନରେ ବେଆଇନ୍ ବାଣ ଗଚ୍ଛିତ ଥିବା ଗୋଦାମରେ ଆଜି ଆଉ ଏକ ବଡ ଧରଣର ଚଢ଼ଉ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର ବିରମିତ୍ରପୁରରେ ପହଞ୍ଚିବା ସହ ତାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ଏକ ସ୍ପେଶାଲ ସ୍କ୍ୱାର୍ଡ ଓ ବୀରମିତ୍ରପୁର ପୁଲିସ ମିଳିତ ଭାବେ ବୀରମିତ୍ରପୁର ସହରର ଗୋଲ ବଜାର ଭିତରେ ଥିବା ରାଧିକା କମ୍ପେ୍ଲକ୍ସର ମାଲିକ ଭିକି ଟାକରିୱାଲଙ୍କ ୨ଟି ଗୋଦାମରେ ଚଢ଼ଉ କରି ବିପୁଳ ପରିମାଣରେ ବେଆଇନ ବାଣ ଜବତ କରିଥିଲେ। ସେହିପରି କଣ୍ଟ୍ରାକ୍ଟର କଲୋନୀ ସ୍ଥିତ ପବ୍ଲିକ ଡିମାଣ୍ଡ ଦୋକାନର ମାଲିକ ନଟୱାର ଅଗ୍ରୱାଲଙ୍କ ଘରେ ମଧ୍ୟ ଚଢ଼ଉ କରାଯାଇ ବିପୁଳ ପରିମାଣର ବେଆଇନ୍ ବାଣ ଜବତ କରାଯାଇଥିଲା। ଏହି ଅବସରରେ ୩ଟି ସ୍ଥାନରୁ ମୋଟ ୫୪୫ ପ୍ୟାକେଟ ବାଣ ଜବତ ହୋଇଥିଲା। ଏ ସମସ୍ତ ବାଣକୁ ଗଚ୍ଛିତ ରଖିବାରେ ଭିକି ଟାକରିୱାଲ ଓ ନଟୱାର ଅଗ୍ରୱାଲଙ୍କ କୌଣସି ବୈଧ ଲାଇସେନ୍ସ ନଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ବିଷୟ ହେଉଛି ଏତେ ପରିମାଣର ବାଣ ଜନବସତି ମଧ୍ୟରେ ଅତ୍ୟନ୍ତ ଅସୁରକ୍ଷିତ ଭାବେ ରଖାଯାଇଥିଲା, ଯାହାକି କୌଣସି ମୂହୁର୍ତ୍ତରେ ବଡଧରଣର ଦୁର୍ଘଟଣାକୁ ଆମନ୍ତ୍ରଣ କରୁଥିଲା। ତେବେ କେଉଁଠୁ ଓ କେମିତି ଏତେ ପରିମାଣର ବାଣ ବିରମିତ୍ରପୁର ସହରକୁ ଆସିଲା ଏବଂ ତାକୁ କିପରି ବିରମିତ୍ରପୁର ପୁଲିସ ଜାଣି ପାରିଲାନି ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ବିପଦଜ୍ଜନକ ପରିସ୍ଥିତିରେ ଏତେ ପରିମାଣର ବାଣ ଗଚ୍ଛିତ ରହିଥିବା ବେଳେ ପୁଲିସ କାହିଁକି ଚଢ଼ଉ କରୁନଥିଲା ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଏହି ଘଟଣାରେ ଜଣେ ଡିଏସ୍‌ପିଙ୍କ ଭୂମିକା ମଧ୍ୟ ସନ୍ଦେହଜନକ ଥିବା ସାଧାରଣରେ ଆଲୋଚନା ହେଉଛି। ଅପରପକ୍ଷେ ଅଭିଯୁକ୍ତ ଭିକି ଟାକରିୱାଲଙ୍କ ବେଆଇନ ବାଣ ଯୋଗାଣ ନେଇ ସମଗ୍ର ଜିଲ୍ଲା ଏବଂ ଜିଲ୍ଲା ବାହାରେ ଏକ ରାକେଟ କାର୍ଯ୍ୟ କରୁଥିବା କୁହାଯାଉଛି। ତେବେ ବିରମିତ୍ରପୁର ପୁଲିସକୁ ଆଢୁଆଳରେ ରଖି ଜିଲ୍ଲାର ଏକ ପୁଲିସ ଟିମ ଦ୍ୱାରା ଚଢ଼ଉ କରି ଏସ୍‌ପି ଅମ୍ରିତପାଲ କୌର ଏହି ବେଆଇନ ବାଣ କାରବାରର ପର୍ଦ୍ଦାଫାଶ କରିଥିବାରୁ ବିରମିତ୍ରପୁରବାସୀ ଏସ୍‌ପିଙ୍କୁ ସାଧୁବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତ ୨୬ ତାରିଖରେ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ରାଜଗାଙ୍ଗପୁର ଏବଂ ସୁନ୍ଦରଗଡ଼ ପୁଲିସ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବାଣ ଜବତ କରିଥିଲେ।

# ମା'ଙ୍କ ଆଗମନରେ ଚଳଚଞ୍ଚଳ ଧରାପୃଷ୍ଠ

## ବଳିଯାତ୍ରାରେ ଚେପଟା ଢୋଲର ସ୍ୱତନ୍ତ୍ରତା
## ଢୋଲ ବାଜିଲେ ବରୁଆ ଦେହରେ ପ୍ରକଟ ହୁଅନ୍ତି ଦେବୀ

ସୋନପୁର,୩୦।୯ (ସମିସ): ସୋନପୁର ଗଡଜାତର ଐତିହାସିକ ବଳିଯାତ୍ରାରେ ଲୋକବାଦ୍ୟ ଓ ଲୋକ ସଂଗୀତ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରି ଆସିଛି। ତାନ୍ତ୍ରିକ ପଦ୍ଧତିରେ ଭିନ୍ନ ଭିନ୍ନ ପ୍ରକାରର ଯନ୍ତ୍ର ଓ ରହସ୍ୟମୟ ମନ୍ତ୍ରର ପ୍ରୟୋଗରେ ବଳିଯାତ୍ରା ଅନୁଷ୍ଠିତ ହୁଏ। ପାରମ୍ପରିକ ଲୋକବାଦ୍ୟ ଷୋହଳ ଭର୍ଣ୍ଣି ବାଦ୍ୟ। ଏହି ବାଦ୍ୟର ଗୁରୁଗମ୍ଭିର ଧ୍ୱନିରେ ମୁଖରିତ ହୁଏ ସାରା ପରିବେଶ। ବିଶେଷକରି ସୋନପୁର ଗଡଜାତର ମହାବଳି ଯାତ୍ରାରେ ଏହି ଷୋହଳ ଭର୍ଣ୍ଣି ବାଦ୍ୟର ପ୍ରୟୋଗ ହୁଏ। ଷୋହଳ ଭର୍ଣ୍ଣି ବାଦ୍ୟର ପ୍ରମୁଖ ହେଉଛି ପାଟ ଢୋଲ ବା ଚେପଟା ଢୋଲ। ଶତାଧିକ ବର୍ଷ ହେଲା ସୋନପୁର ବଳିଯାତ୍ରାରେ ଚେପଟା ଢୋଲ ବ୍ୟବହାର ହୋଇ ଆସୁଛି। ପାଟଢୋଲିଆ ଚେପଟା ଢୋଲରେ ପର୍ଯ୍ୟାୟ କ୍ରମେ ଖାଡି ପରେ ଖାଡି ଷୋହଳ ଖାଡି ବାଦ୍ୟ ବଜାଇ ଯନ୍ତ୍ରାରୁଢ ବରୁଆ ଦେହରେ ଦୈବୀଶକ୍ତି ପ୍ରକଟିତ କରିବାରେ ସହାୟକ ହୁଅନ୍ତି। ତାନ୍ତ୍ରିକ ପଦ୍ଧତିରେ ଭିନ୍ନ ଭିନ୍ନ ପ୍ରକାରର ଯନ୍ତ୍ର ଉପରେ ବରୁଆକୁ ବସାଇ ରହସ୍ୟମୟ ମନ୍ତ୍ରର ପ୍ରୟୋଗରେ ବରୁଆ ଦେହରେ ଦେବତା ଆସିଥାଏ। ତେବେ ଚେପଟା ଢୋଲ ନବାଜିଲେ ବରୁଆ ଦେହରେ ଦେବୀ ପ୍ରକଟ ହୁଅନ୍ତି ନାହିଁ। ଏହି ଢୋଲଟି



ଚେପଟା ଆକୃତିର ବୋଲି ଏହାକୁ ଚେପଟା ଢୋଲ କୁହାଯାଏ। ଏହି ବାଦ୍ୟ ଯନ୍ତ୍ରରେ ଖମ୍ବେଶ୍ୱରୀ ବିରାଜମାନ କରିଥିବା ବିଶ୍ୱାସ ଥିବାରୁ ଏହା ପାଟ ଢୋଲ ବା ଚେପଟା ଢୋଲ ବଳିଯାତ୍ରାର ପ୍ରମୁଖ ଢୋଲ ବୋଲି କୁହାଯାଏ। ଏହି ପାଟ ଢୋଲଟି ସର୍ବପୁରାତନ ବୋଲି କୁହାଯାଏ। ଏହା ସହ ଇତିହାସ ଯୋଡ଼ି ହୋଇ ରହିଛି। ଏହି ଢୋଲ ସଂପର୍କରେ ପାଟ ଢୋଲିଆ ଆନନ୍ଦ ବାରିକ କହିଛନ୍ତି, ଚୌହାନ ଶାସନ କାଳରେ ଖେମୁଣ୍ଡିର ରାଜଜେମା ସୋନପୁର ଗଡଜାତକୁ ବୋହୂ ହୋଇ ଆସିବା ବେଳେ ଉପହାର ସ୍ୱରୁପ ଏହି ଢୋଲ ଆଣିଥିଲେ। ଏହି ଢୋଲଟି ପୁରୁଣା ହୋଇ ଭାଙ୍ଗି ଯିବା ପରେ ମହାନଦୀ ଦଶମତୀ ଘାଟରେ ଭସାଇ ଦିଆଯାଇଥିଲା। ମହାନଦୀରେ ବଢି ପାଣି ଥିବା ସତ୍ତ୍ୱେ ଢୋଲଟି ପାଣି ସ୍ରୋତରେ ବହି ନଯାଇ ପୁଣି ଭୋରରେ ସେହି ଦଶମତୀ ଘାଟରେ ଲାଗିଥିଲା। ରାଜାଙ୍କୁ ସ୍ୱପ୍ନାଦେଶ ହେବାରୁ ପୁଣି ଢୋଲଟିକୁ ଅଣାଯାଇ ଅଷ୍ଟଧାତୁ ଲଗାଇ ମରାମତି କରାଯାଇଥିଲା। ପୂଜା ଆରାଧନା କରି ମହାରାଜା ପାଟ ଢୋଲିଆଙ୍କୁ ଅର୍ପଣ କରିଥିଲେ। ସେହିଦିନଠାରୁ ପାଟ ଢୋଲିଆଙ୍କ ଘରେ ଚେପଟା ଢୋଲ ପୂଜା ପାଉଛନ୍ତି। ପୁଅ ଜିଉନ୍ତିଆଠୁ ପୂର୍ଣ୍ଣିମା ଯାଏଁ ଚେପଟା ଢୋଲ ବାହାରେ ବୋଲି ଆନନ୍ଦ କହିଛନ୍ତି। ଚେପଟା ଢୋଲ ଉପରେ ବଳି ବା ବରୁଆ ବିରାଜମାନ କରି ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବାର ପରମ୍ପରା ଆଜି ବି ଅତୁଟ ରହିଛି। ବାଦ୍ୟ ଭିତରେ ଷୋହଳ ଭର୍ଣ୍ଣି ବାଦ୍ୟ ଓ ଢୋଲ ଭିତରେ ଚେପଟା ଢୋଲ ସୋନପୁର ମହାବଳୀ ଯାତ୍ରାରେ ଏକ ସ୍ୱତନ୍ତ୍ର ସ୍ଥାନ ରଖି ଆସିଛି। ତେବେ ପାଟ ଢୋଲିଆ ସ୍ୱର୍ଗତ ପୁରନ୍ଦର ବାରିକ ଷୋହଳ ଭର୍ଣ୍ଣି ବାଦ୍ୟ ବଜାଇବାରେ ଖୁବ୍ ସିଦ୍ଧହସ୍ତ ଥିଲେ।

## ମା' ମାହେଶ୍ୱରୀଙ୍କ ସ୍ନାନଯାତ୍ରା

ବୀରମହାରାଜପୁର,୩୦।୯ (ସମିସ): ବୀରମହାରାଜପୁର ଅଞ୍ଚଳରେ ମା' ମାହେଶ୍ୱରୀଙ୍କ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ମହାନ୍‌ପର୍ବ ଭାଇ ଜିଇତିଆ, ଅଷ୍ଟମୀ ତିଥି କରିଥିଲେ। ଉଫୁଲା, ହିଲୁଙ୍ଗ, ଷଣ୍ଢା, ମେଣ୍ଡାମାଳ ଗ୍ରାମର ମା' ମାହେଶ୍ୱରୀ ଦେବୀଙ୍କ ମନ୍ଦିରରେ ପୂଜା ପରେ ମହାନଦୀକୁ ଯାଇ ସ୍ନାନକାର୍ଯ୍ୟ ସାରି ଷୋହଳ ପୂଜା କରାଯାଇଥିଲା। ଏଥିପାଇଁ ଗାଁ




ମନ୍ଦିରରୁ ସନ୍ଧ୍ୟାରେ ଘଣ୍ଟ, ଘଣ୍ଟା, ଢୋଲ ନିଶାନ, ମହୁରୀ ଓ ବିଭିନ୍ନ ବାଦ୍ୟ ବଜାଇ ଶୋଭାଯାତ୍ରାରେ ବୀରମହାରାଜପୁର ରାଜରାସ୍ତା ପ୍ରକମ୍ପିତ ହୋଇଉଠିଥିଲା। ମହାନଦୀରେ ସ୍ନାନ ସାରି ରାତି ୪ଟା ସମୟରେ ଗାଁରେ ଘରେ ଘରେ ମା'ଙ୍କ ଗୋଡଧୁଆ କାର୍ଯ୍ୟକ୍ରମ ହୋଇଥିଲା। ଗାଁର ଝିଅ ବୋହୂମାନେ ଏକତ୍ରିତ ହୋଇ ଜିଇତିଆ ପୂଜା କରି ସକାଳୁ ଘରକୁ ଫେରିଥାନ୍ତି। ପରେ ଗାଧୋଇ ନୂଆ ବସ୍ତ୍ର ପିନ୍ଧି ଦୀପ ଜାଳି ଭାଇମାନଙ୍କୁ ମା'ଙ୍କଠାରେ ଚଢ଼ାଇ ଥିବା ୧୦୮ ଦୁବକୁ ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ଭାଇଙ୍କ ମଙ୍ଗଳକାମନା କରି ଉତାରି ଥାଆନ୍ତି। ପରେ ଭାଇଙ୍କ ହାତରେ ଜିଇତିଆ ବାନ୍ଧି ଥାନ୍ତି ଭଉଣୀମାନେ। ଅବସରରେ ଭଉଣୀମାନେ ଭାଇମାନଙ୍କ ମଙ୍ଗଳ ଓ ଦୀର୍ଘ ଜୀବନ କାମନା କରି ଉପବାସ ରହି ମା' ମାହେଶ୍ୱରୀଙ୍କ ଠାରେ ପୂଜାର୍ଚ୍ଚନା

## ବଲେନପାଲିରେ ଚର୍ଯ୍ୟାଧର୍ମୀ ନାଗବାଚା ପୂଜା



ଡୁଙ୍ଗୁରିପାଲି, ୩୦।୯ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଅନ୍ତର୍ଗତ ବଲେନପାଲି ଗ୍ରାମରେ ଆଜକୁ ସାତଦିନ ଧରି ଚର୍ଯ୍ୟାଧର୍ମୀ ନାଗବାଚା ପୂଜା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତଃ ଗୁରୁଶ୍ରୀ ଦଧି ପୋଢଙ୍କ ଶିଷ୍ୟତ୍ୱ ଗ୍ରହଣ ପୂର୍ବକ ଗୁରୁଶ୍ରୀ ଶିବ ପଧାନଙ୍କ ତତ୍ତ୍ୱାବଧାନରେ ଦେହେରୀ ସୁରେଶ ତାଣ୍ଡି ସମସ୍ତ ପୂଜା କାର୍ଯ୍ୟ ତୁଲାଇଥିଲେ। ଏହି ପୂଜା ପର୍ବରେ ଦିକ୍ଷାଧାରୀମାନେ ସାତଦିନ ଧରି ନୀତି ନିୟମକୁ ନିଷ୍ଠାର ସହ ପାଳନ କରିଥାନ୍ତି। ମହାଦେବ ବରଣ ପାଇଁ ବଡ଼କର୍ଲେ ସ୍ଥିତ ଶିବ ମନ୍ଦିରକୁ ଯାତ୍ରା କରି ସେଠାରେ ପୂଜା ସାରିବା ପରେ ଗାଁକୁ ଆସି ବଇଲ୍ ଯାତ୍ରା ଓ ନାଗବାବାଙ୍କର ଗ୍ରାମ୍ୟ ପରିକ୍ରମା ହୋଇଥିଲା। ସୋମବାର ରାତ୍ରିରେ ବଡ଼ପୂଜା ସାରି ମଙ୍ଗଳବାର ଖଳାପୂଜା ପାଇଁ ବଲାଙ୍ଗୀର ଜିଲ୍ଲାର ଭୀମଡୁଙ୍ଗୁରିକୁ ଯାତ୍ରା କରିଥିଲେ। ପାରମ୍ପରିକ ଭାବେ ଏହି ଉତ୍ସବ ଏହି ଗ୍ରାମରେ ଦୀର୍ଘ ୬୦ ବର୍ଷ ଧରି ପାଳିତ ହୋଇଆସୁଛି। ନାଗବାଚା ପୂଜା ପରମ୍ପରା ଶୈବ ସଂସ୍କୃତିର ଏକ ଅଂଶ। ଶିବ ଏହି ପରମ୍ପରାର ଇଷ୍ଟ ଦେବତା। ଏହି ପୂଜନୋତ୍ସବରେ ତିଆରି ହେଉଥିବା ଔଷଧ ରୋଗପ୍ରତିରୋଧକ ଟୀକା ରୂପେ କାର୍ଯ୍ୟ କରିଥାଏ। ସର୍ପ ଦଂଶନ ଭଳି ଗମ୍ଭୀର ସ୍ଥିତିକୁ ଏହା ସାମାନ୍ୟ କରିଥାଏ। ଯାହା ଦ୍ୱାରା ଚାଷ କାର୍ଯ୍ୟରେ ମଧ୍ୟ କୌଣସି ଅସୁବିଧା ଆସି ନ ଥାଏ ବୋଲି ବିଶ୍ୱାସ ରହିଛି। ପଶ୍ଚିମ ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ବିଶେଷ କରି ଦଶହରା ସମୟରେ ଏହି ପୂଜା ହେଉଥିବା ବେଳେ କିଛି ସ୍ଥାନରେ ପୌଷ ମାସରେ ମଧ୍ୟ ଏହି ପୂଜା ହୋଇଥାଏ।

## ୪୬ ବର୍ଷରେ ତେଲିବନ୍ଧ ଦୁର୍ଗାପୂଜା



ବୌଦ୍ଧ,୩୦।୯ (ସମିସ): ବୌଦ୍ଧ ବ୍ଲକ୍ ତେଲିବନ୍ଧ ପଞ୍ଚାୟତ ସଦର ଗାଁ ରୋପ କ୍ଲବ ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ଏଥର ୪୬ ବର୍ଷରେ ପଦାର୍ପଣ କରିଛି। ଚଳିତବର୍ଷ ଅଷ୍ଟମ ତିଥିରୁ ମଣ୍ଡପରେ ମା'ଙ୍କ ପୂଜାକର୍ମ ଆରମ୍ଭ ହୋଇଛି। ପୂଜକ ଭାବେ ସନ୍ତୋଷ ପୁରୋହିତ ଦାୟିତ୍ୱ ନିର୍ବାହ କରୁଥିବା ବେଳେ କର୍ତ୍ତା ଭାବେ କୁନୁ କର୍ଣ୍ଣ ଓ ତାଙ୍କର ପତ୍ନୀ କଳ୍ପନା କର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛନ୍ତି। ଚଳିତ ଥର ୪୬ ବର୍ଷ ପୂର୍ତ୍ତି ଅବସରରେ ପୂଜାମଣ୍ଡପ ସାଜସଜ୍ଜା ଓ ତୋରଣ ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ଏହା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଉଥିବା କ୍ଲବ୍ ସଭାପତି ଉମେଶ ସାହୁ ଓ ସମ୍ପାଦକ ସୁଧାଂଶୁ ଶେଖର ହୋତା ସୂଚନା ଦେଇଛନ୍ତି। ଅଷ୍ଟମୀ ଓ ନବମୀ ସନ୍ଧ୍ୟାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ଦଶମୀ ରାତିରେ କ୍ଲବ କଳାକାରଙ୍କ ଦ୍ୱାରା 'ଛାତିର କୋହକୁ ଦେଖିଛି କିଏ' ମଞ୍ଚସ୍ଥ ହେବ। ବରିଷ୍ଠ ସଭ୍ୟ ଚନ୍ଦ୍ରଧ୍ୱଜ ସେଠୀ ନିର୍ଦ୍ଦେଶନା ଦେଇଛନ୍ତି।

## ସିଦ୍ଧିଦାତ୍ରୀ ବେଶରେ ଦର୍ଶନ ଦେଲେ ମା'

ବିନିକା,୩୦।୯ (ସମିସ): ବିନିକା ପୁରୁଣା ବସ୍‌ଷ୍ଟାଣ୍ଡ ସ୍ଥିତ ମା' ଦୁର୍ଗାଙ୍କ ଭବ୍ୟ ମନ୍ଦିରରେ ମଙ୍ଗଳବାର ନବମୀ ଅବସରରେ ଦେବୀ ଦୁର୍ଗା ସିଦ୍ଧିଦାତ୍ରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ମା'ଙ୍କ ପୂଜାରେ ମୁଖ୍ୟ କର୍ତ୍ତା ଭାବେ ସୁନିଲ ପାତ୍ର ଓ ତାଙ୍କ ଧର୍ମପତ୍ନୀ ସୁକନ୍ୟା ପାତ୍ର ଦାୟିତ୍ୱ ତୁଲାଉଥିବା ବେଳେ ସହଯୋଗୀ କର୍ତ୍ତା ଭାବେ ବୌଦ୍ଧ ଉପଜିଲ୍ଲାପାଳ ପ୍ରଭାସ ଦଣ୍ଡସନା ଓ ତାଙ୍କ ଧର୍ମପତ୍ନୀ ପ୍ରତିଭା ଦଣ୍ଡସନା ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ



ତୁଲାଇଥିଲେ। ମା'ଙ୍କ ବେଶ ଓ ପୂଜା କାର୍ଯ୍ୟ ଦେଖିବା ପାଇଁ ସନ୍ଧ୍ୟାରେ ପୀଠରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ଜମିଥିଲା। ଏହି ପୂଜାରେ ମୁଖ୍ୟ ପୂଜକ ଭାବେ ସୁବାସ ଚନ୍ଦ୍ର ବଡ଼ପଣ୍ଡା, ମନ୍ଦିର ପୂଜକ ଜନାର୍ଦ୍ଦନ ଆଚାର୍ଯ୍ୟ ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ସହଯୋଗୀ ପୂଜକ ଭାବେ କିଶୋର ନାୟକ, ସଞ୍ଜୀବ ପାଢ଼ୀ, ଦେବାଶିଷ ପୁରୋହିତ, ଶ୍ରୀନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଶିଷ୍ଟ କବି ହଳଧର ନାଗ ମା'ଙ୍କୁ ପୀଠରେ ଦର୍ଶନ କରିଥିଲେ। କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରାବଣ ଦରବାର ଅନୁଷ୍ଠିତ ହୋଇଥିଲା।

## କମସରାରେ ଶାରଦୀୟ ଦୁର୍ଗାପୂଜା



ତରଭା,୩୦।୯ (ସମିସ): ତରଭା ବ୍ଲକ୍ କମସରା ଦୁର୍ଗା ମଣ୍ଡପରେ ଶାରଦୀୟ ଦୁର୍ଗାପୂଜା ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି। ମଙ୍ଗଳବାର ଅଷ୍ଟମୀ ତିଥିରେ ଭାଇଜିଇନ୍ତିଆ ଯୋଗୁଁ ପୂଜା ମଣ୍ଡପରେ ମହିଳାଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ଭାଇଜିଇନ୍ତିଆରେ ଭାଇର ମଙ୍ଗଳ କାମନା କରି ଭଉଣୀମାନେ ଉପବାସ ରହି ବ୍ରତ ପାଳନ କରିଥିଲେ। ଆଜି ତରଭା ସହର ସମେତ ମେଣ୍ଡା, ଦେଉଳପଦର ଓ ଚାରଭଟ୍ଟାରେ ପାଳିତ ହେଉଥିବା ସାର୍ବଜନୀନ ଦୁର୍ଗା ପୂଜା ମଣ୍ଡପମାନଙ୍କରେ ମହିଳାମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

## ମହାନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଶଗଡା,୩୦।୯ (ସମିସ): ମହାନଦୀ କୂଳରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣକ ହେଲେ ମନମୁଣ୍ଡା ଥାନା ରକ୍ସା ଗ୍ରାମର ଖଗେଶ୍ୱର ନାଏକ (୪୭)। ସୋମବାର ସକାଳୁ ଖଗେଶ୍ୱର ମାଛ ଧରିବାକୁ ଦହ୍ୟା ଅମୂଡା ମହାନଦୀ ଘାଟକୁ ଯାଇଥିଲେ। ଅସାବଧାନତା ବଶତଃ ନଦୀରେ ଗୋଡ଼ ଖସି ପଡି ଯାଇଥିଲେ। ଦୀର୍ଘ ସମୟ ନ ଆସିବାରୁ ପରିବାର ଲୋକେ ନଦୀ ନିକଟରେ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ପରେ ମନମୁଣ୍ଡା ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ସହ ନଦୀ କୂଳକୁ ଆସି ବହୁ ଖୋଜାଖୋଜି କରିଥିଲେ; ହେଲେ ଦୀର୍ଘ ସମୟ ଖୋଜିଲା ପରେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ମଙ୍ଗଳବାର ସକାଳୁ ସ୍ଥାନୀୟ ଲୋକେ ତାଙ୍କ ମୃତଦେହ ନଦୀରେ ଭାସୁଥିବା ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନଦୀରୁ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମନମୁଣ୍ଡା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଅପେକ୍ଷା ସତ୍ତ୍ୱେ ସମସ୍ତେ ସାର ପାଇଲେନି

ମନମୁଣ୍ଡା,୩୦।୯ (ସମିସ): ମନମୁଣ୍ଡା ସେବା ସମବାୟ ସମିତିରେ ସାର ନେବାକୁ ପ୍ରବଳ ଭିଡ଼ ସତ୍ତ୍ୱେ ଅନେକ ଚାଷୀ ହତାଶ ହୋଇଛନ୍ତି। ଶତାଧିକ ଚାଷୀ ରାତି ପ୍ରାୟ ଗୋଟାଏରୁ ସାର ପାଇଁ ଧାଡ଼ିରେ ରହିଥିବା ବିକଳ ଚିତ୍ର ଦେଖିବାକୁ ମିଳିଥିଲା। ସେବା ସମବାୟ ସମିତି ମାତ୍ର ୨୮୦ ବସ୍ତା ୟୁରିଆ ସାର ଆଣିଥିଲା। ହଜାରରୁ ଅଧିକ ଆବଶ୍ୟକ ଥିବାବେଳେ ସମ୍ପାଦକ ଜଣେ ଚାଷୀକୁ ଗୋଟିଏ ବସ୍ତା ସାର ବିକ୍ରି କରିଥିଲେ। ଏହାକୁ ନେଇ ଚାଷୀ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି।

ମନମୁଣ୍ଡା ଅଞ୍ଚଳରେ ୟୁରିଆ ସାରର ଘୋର ଅଭାବ ଦେଖା ଦେଇଛି। କେତେକ ବେପାରୀ ଅନ୍ୟ ଜିଲ୍ଲାରୁ ସାର ଆଣି ଲୁଚାଛପାରେ ଚଢ଼ା ଦରରେ ବିକ୍ରି କରୁଛନ୍ତି। ୟୁରିଆ ସାରର ବହୁତ ଆବଶ୍ୟକତା ରହିଛି। ଏଣୁ କେତେକ ଚାଷୀ ଚଢା ଦରରେ ସାର କିଣିବାକୁ ବାଧ ହୋଇଛନ୍ତି। ଚଳିତ ବର୍ଷ ସ୍ୱଳ୍ପ ବର୍ଷାରେ ଚାଷୀ ଯେନତେନ ପ୍ରକାରେ ନାଳ, ଗାଡିଆରୁ ମୋଟର ମାଧ୍ୟମରେ ଜଳ ସେଚନ କରି ଚାଷ କରିଛନ୍ତି। ଅଧିକ ଅମଳ ପାଇଁ ୟୁରିଆ ସାରର ବହୁତ ଆବଶ୍ୟକତା ରହିଛି। ଅଗଷ୍ଟ ମାସ ପ୍ରଥମ ସପ୍ତାହରୁ ୟୁରିଆ ସାର ଆବଶ୍ୟକ ପଡୁଥିବାବେଳେ ତାହା ନ ପାଇ ଚାଷୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଥିଲା। ୟୁରିଆ ସାର ବସ୍ତାକୁ ୨୬୬ ଟଙ୍କା ୫୦ ପଇସା ସରକାରୀ ମୂଲ୍ୟ ରହିଛି। ତେବେ ୩ ବସ୍ତା ୟୁରିଆ ସାରରେ ଗୋଟିଏ ନାନୋ ୟୁରିଆ (ତରଳ ପଦାର୍ଥ) ନେବାକୁ ଡିଲରକୁ ବାଧ୍ୟତାମୂଳକ ଭାବେ ପ୍ରଦାନ କରାଯାଉଛି। ଏହାରହାର ମୂଲ୍ୟ ୨୧୦ ଟଙ୍କା ରହିଛି। ପ୍ରାୟ କୌଣସି ଚାଷୀ ନାନୋ ୟୁରିଆ ନେଉ ନାହାନ୍ତି। ନାନୋ ୟୁରିଆ ମୂଲ୍ୟ ୨୧୦କୁ ୩ଭାଗ କଲେ ୭୦ ଟଙ୍କା ପଡୁଛି। ଗୋଟିଏ ୟୁରିଆ ବସ୍ତାରେ ଯୋଡ଼ି ବିକ୍ରି ନ କଲେ ଡିଲରର କ୍ଷତି ହେଉଛି। ବିକ୍ରି କଲେ ମଧ୍ୟ ଅସୁବିଧା ହେଉଛି। ଚାଷୀଙ୍କ ଅଭିଯୋଗ ଓ ଧରପଗଡ ଭୟରେ କେତେକ ଡିଲର ସାର ଆଣିବାକୁ କୁଣ୍ଠାବୋଧ କରୁଛନ୍ତି। ସେହିପରି ସାର କଳା ବଜାରରୁ ଆଣିଲେ ୫୫୦ ଟଙ୍କା ପଡୁଛି। ତାହା ଅତି କମ୍‌ରେ ୬୦୦ ଟଙ୍କାରେ ବିକ୍ରି ନ କଲେ ପୋଷାଇବ ନାହିଁ ବୋଲି କେତେକ ବ୍ୟବସାୟୀଙ୍କଠାରୁ ଜାଣିବାକୁ ମିଳିଛି। ସେହି ଦରରେ ବିକ୍ରି କଲେ ହୋହାଲ୍ଲା ଓ ଧରପଗଡ ଭୟ ରହୁଛି। ଏଣୁ କୌଣସି ବେପାରୀ ତାହା ଆଣିବାକୁ ଇଚ୍ଛା ପ୍ରକାଶ କରୁ ନାହାନ୍ତି। ଡିଏପିରେ ମଧ୍ୟ ସେହିପରି ଅବସ୍ଥା ରହିଛି। ୮ଟି ଡିଏପିରେ ଗୋଟିଏ ନାନୋ ଡିଏପି (ମୂଲ୍ୟ ୫୫୦) ନେବାକୁ ଡିଲରକୁ ବାଧ୍ୟତାମୂଳକ କରାଯାଉଛି। ନାନୋ ଡିଏପି ବିକ୍ରି ହେଉ ନ ଥିବାରୁ ଡିଲରଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଅନ୍ୟପକ୍ଷେ ସାରର ଅଭାବକୁ ନେଇ ଚାଷୀ ବିଭିନ୍ନ ଜାଗାରେ ଆନ୍ଦୋଳନକୁ ଓହ୍ଲାଇଥିବା ଦେଖିବାକୁ ମିଳିଥିଲା। ମନମୁଣ୍ଡା ଅଞ୍ଚଳରେ ମଧ୍ୟ ତାହା ଦେଖିବାକୁ ମିଳିଥିଲା। ତେବେ ଡବଲ ଇଞ୍ଜିନ ସରକାର ଚାଷକୁ ନେଇ ବଡ ବଡ କଥା କହୁଛି। ଚାଷୀଙ୍କୁ ସାର ଯୋଗାଇ ଦେବାରେ କିନ୍ତୁ ବିଫଳ ହୋଇଛି। ସାର ଅଭାବକୁ ନେଇ ଚଳିତ ବର୍ଷ ଧାନ ଅମଳ କମିବ ବୋଲି ଚାଷୀ କହିଛନ୍ତି।

## ମଦ ଦୋକାନ ଓ କାରଖାନା ବନ୍ଦ ଦାବିରେ ପ୍ରତିବାଦ




ବୀରମହାରାଜପୁର,୩୦।୯ (ସମିସ): ସର୍ବଭାରତୀୟ ମହିଳା ସାଂସ୍କୃତିକ ସଂଗଠନର ବୀରମହାରାଜପୁର ବ୍ଲକ୍ ସଂଗଠିକା ବିନୋଦିନୀ ମେହେରଙ୍କ ନେତୃତ୍ୱରେ ସୁବଳୟାଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ବନ୍ଦ ହୋଇଥିବା ୭୦ଟି ମଦଦୋକାନ ଓ ୪ଟି ମଦକାରଖାନା ଖୋଲିବା ନିଷ୍ପତ୍ତିକୁ ବାତିଲ କରିବା, ମଦ, ଡ୍ରଗ୍ସ ଆଦି ମାଦକ ଦ୍ରବ୍ୟର କାରବାର ସଂପୂର୍ଣ୍ଣ ନିଷିଦ୍ଧ କରିବା, ଜସ୍ମିନ ସେଠ୍‌ର ହତ୍ୟାକାରୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା, ସୌମ୍ୟଶ୍ରୀ, ବଲଙ୍ଗା ଘଟଣା ସମେତ ରାଜ୍ୟରେ ସମ୍ପ୍ରତି ଘଟିଥିବା ଘଟଣାର ଆସାମୀମାନଙ୍କୁ କଠୋର ଦଣ୍ଡ ଦେବା, ଇଣ୍ଟରନେଟ୍ ସମେତ ସମସ୍ତ ଗଣମାଧ୍ୟମରେ ଅଶ୍ଳୀଳତା, ନାଗ୍ନତା, ଯୌନବ୍ୟଭିଚାରିତା, ଅପରାଧ ପ୍ରବଣତାର ପ୍ରଚାର ପ୍ରସାର ବନ୍ଦ କରିବାକୁ ଏଥିରେ ଦାବି କରାଯାଇଥିଲା। ସଂଗଠିକା ବିନୋଦିନୀ ମେହେର ସରକାରଙ୍କ ମଦଦୋକାନ ଓ କାରଖାନା ଚାଲୁ ନିଷ୍ପତ୍ତିକୁ ବିରୋଧ କରିଥିଲେ। ସରକାର ନିର୍ବାଚନ ସମୟରେ ଦେଶରୁ ସଂପୂର୍ଣ୍ଣ ନିଶା ନିବାରଣ ବନ୍ଦ କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କ୍ଷମତାକୁ ଆସିଲାପରେ ମଦ ଓ ମାଦକ ଦ୍ରବ୍ୟର ପ୍ରଚାର ଓ ପ୍ରସାରକୁ ବହୁଗୁଣିତ କରିଛନ୍ତି ବୋଲି କହି କଟାକ୍ଷ କରିଥିଲେ। ସରକାରଙ୍କ ଏଭଳି ମଦ ଓ ମାଦକ ଦ୍ରବ୍ୟର ପ୍ରଚାର ପ୍ରସାର ବିରୋଧରେ ଆନ୍ଦୋଳନ କରିବାକୁ ସେ ସମସ୍ତଙ୍କୁ ନିବେଦନ କରିଥିଲେ। ଏଥିରେ ସବିତା ମେହେର, ସରୋଜିନୀ ନାଏକ, ରାଇବାରୀ ମେହେରଙ୍କ ସହ ଶତାଧିକ ମହିଳା ଉପସ୍ଥିତ ଥିଲେ।

## ବଶିଷ୍ଠ ଓ ସୁଧାଂଶୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ
# ଗୁଦଗୁଦାକୁ ହରାଇ ସେମିରେ ଘିଚାପାଲି

ବୀରମହାରାଜପୁର,୩୦।୯ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅନ୍ତର୍ଗତ ଲୁତୁରପଙ୍କ ହାଇସ୍କୁଲ ପଡ଼ିଆରେ ଚାଲିଥିବା ପ୍ରଥମ ବଶିଷ୍ଠ ଓ ସୁଧାଂଶୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ତିନୋଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଗୁଦଗୁଦାକୁ ହରାଇ ଘିଚାପାଲି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚଟି ଘିଚାପାଲି ଓ ଘଣ୍ଟପାଲି ମଧ୍ୟରେ ହୋଇଥିଲା। ଏଥିରେ ଘଣ୍ଟପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୬୬ ରନ କରିଥିଲା। ଜବାବରେ ଘିଚାପାଲି ଦଳ ଆବଶ୍ୟକୀୟ



୬୭ ରନ୍‌କୁ ୫ ଓଭରରେ ଗୋଟିଏ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ଟି ଜନକପୁର ଓ ଗୁଦଗୁଦା ମଧ୍ୟରେ ହୋଇଥିଲା। ଏଥିରେ ଗୁଦଗୁଦା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୧୧୩ ରନ କରିଥିଲା। ଜବାବରେ ଜନକପୁର ଦଳ ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୮୪ ରନ୍ କରି ପରାସ୍ତ ହୋଇଥିଲା। ତୃତୀୟ ମ୍ୟାଚ୍‌ଟି ପ୍ରଥମ ମ୍ୟାଚ୍‌ର ବିଜେତା ଘିଚାପାଲି ଓ ଦ୍ୱିତୀୟ ମ୍ୟାଚର ବିଜେତା ଗୁଦଗୁଦା ମଧ୍ୟରେ ହୋଇଥିଲା। ଏଥିରେ ଗୁଦଗୁଦା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୪୫ ରନ୍ କରିଥିବା ବେଳେ ଘିଚାପାଲି ଦଳ ଆବଶ୍ୟକୀୟ ୪୬ ରନ୍‌କୁ ୪ ଓଭରରେ ଗୋଟିଏ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍ ଗୁଡିକରେ ସୁରେଶ ବିଶି, ସୁନୀଲ ପ୍ରଧାନ, ଟୁଟୁ ମହାକୁର ଓ ଆଶିଷ ମେହେର ଆମ୍ପାୟାର, ଲଳିତ ପ୍ରଧାନ ସ୍କୋରିଙ୍ଗ ଏବଂ କାହ୍ନା ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ।

## ଯାଦବ ସମାଜର ବାର୍ଷିକ ଉତ୍ସବ

ବିନିକା,୩୦।୯ (ସମିସ): ବିନିକା ସହରାଞ୍ଚଳ ଯାଦବ ସମାଜ ପକ୍ଷରୁ ସ୍ଥାନୀୟ ପାଳିପଡାଠାରେ ମା' ସମଲେଶ୍ୱରୀଙ୍କ ମହାନବମୀ ପୂଜା ଓ ଯାଦବ ସମାଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମନ୍ଦିରରେ ମା' ସମଲେଶ୍ୱରୀଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ବିନିକା ବ୍ଲକ ଯାଦବ ସମାଜ ସଭାପତି ଶୀତଳ ପ୍ରସାଦ ମହାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲା ଯାଦବ ସମାଜ ସଭାପତି ତପନ ଜୁଆଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, କଂସ ମହାରାଜ ଅଭିନେତା ଶୁଭମ ଘିବିଲା, ବରପାଲି ବ୍ଲକ୍ ସଭାପତି ମନଫୁଲ ଭୋଇ, ଡୁଙ୍ଗୁରିପାଲି ସଭାପତି ଶତ୍ରୁଘ୍ନ ବରଗୋଁ, ବୀରମହାରାଜପୁର ସଭାପତି ବଳରାମ କାଣ୍ଡ, କଣ୍ଢାମାଲ ସଭାପତି ପୃଥ୍ୱିରାଜ ଗରିଆ, ରସାନନ୍ଦ ଥପା, ପୀତବାସ ଭୋଇ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିନିକା ବ୍ଲକ୍ ଯାଦବ ସମାଜ ସମ୍ପାଦକ ବୃନ୍ଦାବନ ଦୀପ ପରିଚାଳନା କରିଥିଲେ।



ମୁଖ୍ୟଅତିଥି ପଦ୍ମଶ୍ରୀ ଶ୍ରୀ ନାଗଙ୍କୁ ବାଇକ ରାଲିରେ ବିନିକା ସହର ପରିକ୍ରମା କରି କାର୍ଯ୍ୟକ୍ରମ ସ୍ଥଳକୁ ନିଆଯାଇଥିଲା। ପରେ ମା' ସମଲେଶ୍ୱରୀଙ୍କ ଦର୍ଶନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଗତ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଯାଦବ ସମାଜର ଛାତ୍ରୀମାନଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଦେବରାଜ ଗରିଆ, କୃଷ୍ଣଚନ୍ଦ୍ର ବନଛୋର, ପ୍ରଶାନ୍ତ ବରଗୋଁ, ମନଗଡୁ ଜୁଆଡିଙ୍କ ସମେତ ସମସ୍ତ ସହରାଞ୍ଚଳ ଯାଦବ ସମାଜ ସଭ୍ୟ, ପ୍ରତିପଞ୍ଚାୟତ ସଭାପତି ପ୍ରମୁଖ ସହଯୋଗ କରିଥିଲେ।

# ସିଣ୍ଟର ପ୍ଲାଣ୍ଟ-୨ରେ ଉତ୍ପାଦନର ୩୦ବର୍ଷ ପୂର୍ତ୍ତି ଉତ୍ସବ



ରାଉରକେଲା, ୩୦।୯ (ସମିସ): ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି) ଅନ୍ତର୍ଗତ ସିଣ୍ଟର ପ୍ଲାଣ୍ଟ-୨ (ଏସ୍‌ପି-୨) ବିଭାଗ ଏହାର ଉତ୍ପାଦନର ୩୦ ବର୍ଷ ପୂର୍ତ୍ତି କରିଛି। ଏହି ଅବସରରେ ସୋମବାର ଏକ ଉତ୍ସବ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି. ସିଂହ ଏବଂ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍ ପାଲ ଚୌଧୁରୀ ଏସ୍‌ପି-୨ ବିଭାଗ ପରିଦର୍ଶନ କରିଥିଲେ। କାରଖାନାର ବହୁ ସିଜିଏମ୍ ଏବଂ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ଏହି ଉପଲକ୍ଷେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ପଲାଇ କେକ୍ କାଟିବା ସହ ବିଭାଗର ସାମୁହିକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆରଏସପିର ନିରନ୍ତର ଅଭିବୃଦ୍ଧିରେ ଆହୁରି ଉଚ୍ଚ ମାନଦଣ୍ଡ ସ୍ଥାପନ କରିବାକୁ ସେ ପରାମର୍ଶ ଦେଇଥିଲେ। ଶ୍ରୀ ପାଲ ଚୌଧୁରୀ ବର୍ଷ ବର୍ଷ ଧରି ଏସ୍‌ପି-୨ ବିଭାଗର ନିରନ୍ତର ଅଭିବୃଦ୍ଧିକୁ ପ୍ରଶଂସା କରି ଭବିଷ୍ୟତର ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ।

ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍‌ପି-୨ ପରିସରରେ ଏକ ନବ ସ୍ଥାପିତ 'ସୁରକ୍ଷା ସର୍ବପ୍ରଥମ' ସ୍ମାରକୀ ଉଦ୍‌ଘାଟନ କରିଥିଲେ। ଏଥିସହ ସେ ବର୍ଜ୍ୟ ଗ୍ୟାସ ଫ୍ୟାନ ବିଲଡିଙ୍ଗରେ ୫-ଏସ୍ କାର୍ଯ୍ୟକାରୀ କରିବା ଦିଗରେ ଏସ୍‌ପି-୨ର ଯାତ୍ରା ପ୍ରୟାସର ମଧ୍ୟ ଶୁଭାରମ୍ଭ କରିଥିଲେ। ସିଣ୍ଟର ବିଭାଗର ସିଜିଏମ୍ ଶେଖର ନାରାୟଣ ବର୍ଦ୍ଧିତ ହଟ୍ ମେଟାଲ୍ ଉତ୍ପାଦନକୁ ପୂରଣ କରିବା ପାଇଁ ସିଣ୍ଟର ପ୍ଲାଣ୍ଟଗୁଡ଼ିକର ପ୍ରତିବଦ୍ଧତାକୁ ଦୋହରାଇ ଥିଲେ। ପ୍ରାରମ୍ଭରେ, ଏସପି-୨ ବିଭାଗର ଜିଏମ୍ ଇନ୍‌ଚାର୍ଜ ଏବଂ ବିଭାଗ ମୁଖ୍ୟ ଏସ୍‌କେ. ପାଢ଼ୀ ବରିଷ୍ଠ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ଏହାର ୨୯ ବର୍ଷର ଯାତ୍ରା ମଧ୍ୟରେ ସିଣ୍ଟର ପ୍ଲାଣ୍ଟର ପ୍ରମୁଖ ମାଇଲଖୁଣ୍ଟ ଏବଂ ସଫଳତା ଉପରେ ସେ ଆଲୋକପାତ କରିଥିଲେ। ଉଲ୍ଲେଖନୀୟ ଯେ, ଏସପି-୨ ବିଭାଗ ୧୯୯୬ ମସିହା ସେପ୍ଟେମ୍ବର ୨୯ ତାରିଖରେ ଏହାର କାର୍ଯ୍ୟ ଆରମ୍ଭ କରିଥିଲା। ସେବେଠାରୁ ୟୁନିଟ୍ ୪୯.୭ ନିୟୁତ ଟନ୍‌ରୁ ଅଧିକ ସିଣ୍ଟର ଉତ୍ପାଦନ କରିଛି। ଯାହା ଆର୍‌ଏସ୍‌ପିର ଉତ୍ତପ୍ତ ଧାତୁ ଉତ୍ପାଦନର ଆବଶ୍ୟକତା ପୂରଣ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

## ପୂଜାର୍ଚ୍ଚନା କଲେ ମହାରାଜା ଅନନ୍ତ ପ୍ରତାପ ଦେଓ

# ପ୍ରସିଦ୍ଧ ଛତର ଯାତ୍ରାରେ ହଜାର ହଜାର ସଂଖ୍ୟାରେ ପଡ଼ିଲା ବଳି

ଭବାନୀପାଟଣା, ୩୦।୯ (ସମିସ)







ମାଁ ମାଣିକେଶ୍ୱରୀଙ୍କ ବିଶ୍ୱ ପ୍ରସିଦ୍ଧ ଛତର ଯାତ୍ରାରେ ଲକ୍ଷଲକ୍ଷ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା।ସୃଷ୍ଟି ସ୍ଥିତି ଲୟର ଆଧାରରୂପା ମାଁ ମାଣିକେଶ୍ୱରୀଙ୍କ ନିକଟରେ ସତ ସଂକଳ୍ପ, ଗଭୀର ନିଷ୍ଠା, ସ୍ଥିର ଅଭିପ୍ସା ଏବଂ ସରଳ ବିଶ୍ୱାସରେ ଭକ୍ତମାନେ ଉପାସନା କରି ଆନନ୍ଦ ପାଇଥିଲେ। ସଂସ୍କୃତିର ମହାନୀୟତାରେ ଅନୁପ୍ରାଣିତ ଭକ୍ତ ଯେତେବେଳେ ଛତର ଯାତ୍ରା ସମୟରେ ବଳି ଚଢ଼ାଇଥାନ୍ତି ଓ ନିଷ୍ଠା ଆନ୍ତରିକତାର ସହିତ ପୂଜାର୍ଚ୍ଚନା କରନ୍ତି ମାଁ ସେମାନଙ୍କୁ ଶକ୍ତି ସାହାସ ଏବଂ ଆଶୀର୍ବାଦ ଅଜାଡିଦେଇ ଦୁଃଖ ହରନ୍ତି। କେବଳ ସେତିକିନୁହେଁ ମାଁଙ୍କ ପ୍ରତି ଥିବା ଆଧାତ୍ମିକ ଭାବ ଉଦ୍ରେକ ହୋଇଥାଏ। ତେଣୁ ଆଜି କେବଳ କଳାହାଣ୍ଡି କାହିଁକି ପଶ୍ଚିମଓଡ଼ିଶା ଠାରୁ ଆରମ୍ଭକରି ଛତିଶଗଡ଼ ଓ ମଧ୍ୟପ୍ରଦେଶ ଏପରିକି ଦେଶ ବାହାରେ ଥିବା ଶ୍ରଦ୍ଧାଳୁ ଭକ୍ତ ଭବାନୀପାଟଣାରେ ପହଞ୍ଚିଠିଚ ମାଁଙ୍କ କୃପାଲାଭ କରିଥିବା ଦେଖିବାକୁ ମିଳିଛି। ଶକ୍ତି ଓ ଭକ୍ତିର ମହାପ୍ରବାହ ତଥା ଦେବୀ ଚେତନା ଓ ମାତୃ ଚେତନାର ବାସ୍ତବ ପ୍ରତିଛବି ହିଁ ଛତର ଯାତ୍ରା। କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମାଁ ମାଣିକେଶ୍ୱରୀଙ୍କ ଛତର ଯାତ୍ରାରେ ଆଜି ୩ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଆଜି ଜନସମୁଦ୍ରକୁ ପାଲଟିଥିଲା ଜେନାଖାଲ ରାସ୍ତାଠାରୁ ମାଁ ମାଣିକେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ।ପ୍ରତିବର୍ଷ ମଙ୍ଗଳମୟୀ ମାଁ ମାଣିକେଶ୍ୱରୀଙ୍କ ଛତର ଯାତ୍ରାରେ ଗୋଟିଏ ବର୍ଷର ଅପେକ୍ଷାଟି ଥାଏ ମାଁଙ୍କ ପ୍ରତୀକ ଛତର ଦର୍ଶନ ପାଇଁ। ସେ ବିଶ୍ୱାସକୁ ଆଧାର କରି ଆଜି ହଜାର ହଜାର ପଶୁ ବଳିରେ ଭବାନୀପାଟଣା ସହରର ମୁଖ୍ୟରାସ୍ତା ସମେତ ଗଳିକନ୍ଦି ଏପରିକି ସହର ସଂଲଗ୍ନ ଗ୍ରାମ୍ୟ ରାସ୍ତାସବୁ ରକ୍ତମୟ ହୋଇଯାଇଥିଲା। ଭକ୍ତମାନଙ୍କ ଆମିକ ଉଦବେଳନ, ମନର ଆବେଗକୁ ଆକଳନ କରିବା ଅସମ୍ଭବ। ପ୍ରାଚୀନତମ ଶକ୍ତିପୂଜା ପରମ୍ପରାରୁ ଚାଲି ଆସିଛି ଛତର ଯାତ୍ରା। ମାତୃରୂପା ଶକ୍ତି ହିଁ ସର୍ବଶକ୍ତିମାନ ବୋଲି ଯେଉଁ ଧର୍ମୀୟ ଭାବନା ଟିଏ ରହିଛି ତାହା ଛତର ଯାତ୍ରାରେ ପ୍ରତିଫଳନ ହୋଇଥାଏ। ଶ୍ରଦ୍ଧାଳୁଙ୍କ ଭାବାବେଗ ସାମ୍ନାରେ 'ବଳି'କୁ ନେଇ ଯେମିତି ପୂର୍ବରୁ ଅନେକ ସର୍ତ୍ତ ପ୍ରଶାସନ ରଖିଥିଲେ ମଧ୍ୟ ତାହାକୁ ମାନିବା ଅବସ୍ଥାରେ କେହି ପ୍ରସ୍ତୁତ ନୁହନ୍ତି। ମହାଷ୍ଟମୀ ରାତ୍ରିରେ ଗୁପ୍ତ ପୂଜାପରେ ମାଁ ମାଣିକେଶ୍ୱରୀଙ୍କ ଛତର ମନ୍ଦିରରୁ ଭୋର ପ୍ରାୟ ୩ଟା ସମୟରେ ବାହାରି ଜେନା ଖାଲ୍ ଅଭିମୁଖେ ଯାଇଥିଲେ। ଜେନାଖାଲ ନିକଟରେ ନୀତି କାନ୍ତି ତଥା ଗୁପ୍ତ ପୂଜାପରେ ଭୋର ୫ଟା ସମୟରେ ଜେନାଖାଲଠାରୁ ମାଁଙ୍କ ଛତର ଯାତ୍ରା ମନ୍ଦିର ଅଭିମୁଖେ ବାହାରିଥିଲା। ପ୍ରସ୍ତୁତି ବୈଠକ ପ୍ରକାରରେ ମାଁଙ୍କ ଛତର ୧୧ଟା ୫୦ମି. ସମୟରେ ମନ୍ଦିର ମଧ୍ୟକୁ ପ୍ରବେଶ କରିବାର ଥିଲା। ଚଳିତବର୍ଷ ସେହି ପୂର୍ବ ନିର୍ଦ୍ଧାରିତ ସମୟରେ ମାଁ ମନ୍ଦିର ଭିତରେ ପ୍ରବେଶ କରିଥିଲେ। ସେଠାରୁ କଳାହାଣ୍ଡି ରାଜା ଅନନ୍ତ ପ୍ରତାପ ଦେଓ ସ୍ୱାଗତ କରି ପାଛୋଟିନେଇ ପୂଜାର୍ଚ୍ଚନା କରିଥିଲେ। ଅନ୍ୟାନ୍ୟ ବର୍ଷ ଭଳି ଛତର ଯାତ୍ରା ସମୟରେ ୨୨ଟି ଘଣ୍ଟ ବାଦ୍ୟ, ଘୁମୁରା, ବଜାସାଲ, ନିଶାନ୍‌ର ଛାତିଥରା ଘୁମ୍ ଘୁମ୍ ଶବ୍ଦରେ ପ୍ରକମ୍ପିତ ହେଉଥିଲା ଭବାନୀପାଟଣା ସହର।ମାଁଙ୍କ ଯାତ୍ରା ସମୟରେ ବହୁ ସଂଖ୍ୟାରେ ଲୋକମାନେ ଭିନ୍ନ ଭିନ୍ନ ବେଷ ଧାରଣ କରି ଉପସ୍ଥିତ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟରାସ୍ତା ସମେତ ସହରର ବିଭିନ୍ନ ଗଳି ରାସ୍ତାରେ ହଜାର ହଜାର ସଂଖ୍ୟାରେ ଛେଳି, ମେଣ୍ଢା, କୁକୁଡା ମାନସିକଧାରୀମାନେ ଯେଉଁ ବଳି ଅର୍ପଣ କରିଥିଲେ ତାହା ହିଁ ଶକ୍ତି ଓ ଭକ୍ତିଭାବକୁ ପ୍ରମାଣିତ କରିଛି। ଛତର ଯାତ୍ରାକୁ ଶୃଙ୍ଖଳାର ସହ ପରିଚାଳନା ପାଇଁ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କ ତତ୍ୱାବଧାନରେ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଓ, ପ୍ରବସନାରୀ ଆଇଏଏସ ଅନିମେଶ ପ୍ରଧାନ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ ପରିଡ଼ା, ଧର୍ମଗଡ଼ ପ୍ରେକ୍ଷା ଅଗ୍ରୱାଲ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ତହସିଲଦାର ମନୋଜ ନାୟକ ଏବଂ ବିଡ଼ିଓ ଚନ୍ଦନ ଭୋଇ ପୌର ପରିଷଦ ନିର୍ବାହୀ ଅଧିକାରୀ ପ୍ରମୁଖ ଥିବାବେଳେ କଳାହାଣ୍ଡି ଏସ୍‌ପି ନାଗରାଜ ଦେବର କୋଣ୍ଡାଙ୍କ ସମେତ ଆଡ଼ିସିନାଲ ଏସପି ଶୁଭ୍ରଶୁଁ ମିଶ୍ର ଏସଡ଼ିପିଓ ନରେଶ ପ୍ରଧାନ ମୁଖ୍ୟତଃ ଭିଡ଼ ନିୟନ୍ତ୍ରଣ ଦିଗରେ ଥିଲେ। ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରସାସନଙ୍କ ଉପସ୍ଥିତରେ ଛତର ଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା ହୋଇଥିଲା। ଏହି ଛତର ଯାତ୍ରା ସମୟରେ ମୁଖ୍ୟ ପୂଜକ, ପୂଜକ ତଥା ସେବାୟତ, ଜେନାବାଦ୍ୟ ଏବଂ ଘୁମୁରା ଦଳ ମାଁଙ୍କ ଛତରକୁ ପାଛୋଟି ଆଣିଥିଲେ। ଏହି ଛତର ଯାତ୍ରା ସମୟରେ ମାଁ ମାଣିକେଶ୍ୱରୀଙ୍କ ମନ୍ଦିର ନିକଟରେ ଏବଂ ଘୋଡାଘାଟ ଛକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କବିଭାଗତରଫରୁଧାରାବିବରଣୀରବ୍ୟବସ୍ଥା କରାଯାଇଥିଲା କାର୍ଯ୍ୟକ୍ରମରେ ଉଦ୍‌ଘୋଷକ ଭାବେ ମଣ୍ଡିତ ମଙ୍ଗଲୁ ଚରଣ ମିଶ୍ର, ସତ୍ୟନାରାୟଣ ମହାପାତ୍ର, ଡ଼ଃ ତପନ ରଥ, ସ୍ନେହଲତା ଷଡଙ୍ଗୀ, ଡ଼. ଉମେଶ ଚନ୍ଦ୍ର ଶତପଥି, ବିରଞ୍ଚି ନାରାୟଣ ମୁଣ୍ଡ, ହେମନ୍ତ ମୁଣ୍ଡ ମିନତୀ ପ୍ରଧାନ ପୂର୍ଣ୍ଣ ସହଯୋଗ କରିଥିଲେ।କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓ କହିଥିଲେ ମାଁ ମାଣିକେଶ୍ୱରୀ ସର୍ବଶକ୍ତିମୟୀ କଳାହାଣ୍ଡିବାସୀଙ୍କ ସମେତ ରାଜ୍ୟ ବାହାରୁ ଆସିଥିବା ଭକ୍ତଙ୍କ ଉନ୍ନତି କରନ୍ତୁ। ଭାରତବର୍ଷର ସମସ୍ତେ ସୁଖ ସମୃଦ୍ଧି ଭିତରେ ରହିବାପାଇଁ ମାଁ ଆଶୀର୍ବାଦ କରୁଥାନ୍ତୁ ବୋଲି କାମନା କରାଯାଇଥିଲା।

### ରକ୍ତ ରଞ୍ଜିତ ୩ କିମି ରାସ୍ତାରେ ମାଁଙ୍କ ଭକ୍ତ ୪ଲକ୍ଷ

# ଆର୍‌ଏସ୍‌ପିର ବାର୍ଷିକ ଆର୍ଥିକ ପୁସ୍ତିକା ଉନ୍ମୋଚିତ



ରାଉରକେଲା, ୩୦।୯ (ସମିସ): ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ମନ୍ଥନ ସମ୍ମିଳନୀ କକ୍ଷରେ ସେପ୍ଟେମ୍ବର ୨୬ ତାରିଖରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ବାର୍ଷିକ ଆର୍ଥିକ ପୁସ୍ତିକା ଉନ୍ମୋଚିତ ହୋଇଯାଇଛି। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ତଥା ବୋକାରୋ ଇସ୍ପାତ କାରଖାନାର ଅତିରିକ୍ତ ଦାୟିତ୍ୱ ବହନ କରୁଥିବା ଆଲୋକ ବର୍ମା ଏହି ବାର୍ଷିକ ଆର୍ଥିକ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ପାଲ ଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକର ଅତିରିକ୍ତ ଦାୟିତ୍ୱ ବହନ କରୁଥିବା ସିଜିଏମ୍ ରାଜେଶ ଦାସଗୁପ୍ତା, ସିଏମ୍‌ଓ ଇନ୍ ଚାର୍ଜ ଡ. ଜେକେ ଆଚାର୍ଯ୍ୟଙ୍କ ସହ ବହୁ ସିଜିଏମ୍, ବିଭାଗୀୟ ମୁଖ୍ୟ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ବର୍ମା ପ୍ରସ୍ତୁତ ବାର୍ଷିକ ପୁସ୍ତିକାରେ ସମସ୍ତ ଆବଶ୍ୟକୀୟ ସୂଚନା, ବିଶେଷକରି ଖଣିର ବିସ୍ତୃତ ଆର୍ଥିକ ତଥ୍ୟକୁ ଏକକ ଓ ସହଜରେ ବୁଝି ହେଉଥିବା ଭଳି ଉପସ୍ଥାପନ କରାଯାଇଥିବାରୁ ଖୁସିବ୍ୟକ୍ତ କରିଥିଲେ। ବର୍ଦ୍ଧିତ ଇନପୁଟ୍ ଖର୍ଚ୍ଚ, ଅସ୍ଥିର ଚାହିଦା ଓ ଇସ୍ପାତ ଶିଳ୍ପର ଅନ୍ତର୍ନିହିତ ଚକ୍ରର ପର୍ଯ୍ୟାୟଗୁଡ଼ିକ ମାଧ୍ୟମରେ ସଂଗଠନକୁ ପରିଚାଳନା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ସେ ଅର୍ଥ ବିଭାଗୀୟ ଦଳକୁ ପ୍ରଶଂସା କରିଥିଲେ। ଆର୍ଥିକ ବାର୍ଷିକ ପୁସ୍ତକ ତଥ୍ୟ, ବିଶ୍ଳେଷଣ ଏବଂ ମୂଲ୍ୟ ଧାରାଗୁଡ଼ିକର ଏକ ବ୍ୟାପକ ଉତ୍ସ ଭାବରେ କାର୍ଯ୍ୟ କରେ, ଯାହା ସଂଗଠନର ଭବିଷ୍ୟତ ରଣନୀତିକୁ ଆକାର ଦେବାରେ ସାହାଯ୍ୟ କରିବ ବୋଲି ଶ୍ରୀ ବର୍ମା କହିଥିଲେ। ଏହି ପୁସ୍ତିକାର ଉନ୍ମୋଚନ ରାଜେଶ ଦାସଗୁପ୍ତାଙ୍କ ମାର୍ଗଦର୍ଶନରେ ବିଭାଗର ଡେପୁଟି ମ୍ୟାନେଜର ମହାନନ୍ଦ ସାହୁଙ୍କ ସଂଯୋଜନାରେ କରାଯାଇଥିଲା। ଏଥିରେ ବିତ୍ତ ଓ ଲେଖା ବିଭାଗର ମହା ପ୍ରବନ୍ଧକ ବସନ୍ତ ସିଂହ, ନାରାୟଣ ରାଓ, ଏସ୍. ଆର୍. ବେହେରା ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ବାର୍ଷିକ ଆର୍ଥିକ ପୁସ୍ତିକା ୨୦୨୪-୨୫ରେ ମୂଲ୍ୟ, ଟେକ୍ନୋ-ଅର୍ଥନୈତିକ ପରିମାପକତା, ସମ୍ବେଦନଶୀଳ ବିଶ୍ଳେଷଣ ମାନବଶକ୍ତି ଏବଂ ଗ୍ରାଫିକାଲ୍ ପ୍ରତିନିଧିତ୍ୱ ସହିତ ଉତ୍ପାଦନ ଓ ବିକ୍ରୟଯୋଗ୍ୟ ଉତ୍ପାଦ ଉପରେ ଅଧିକ ତଥ୍ୟ ଅନ୍ତର୍ଭୁକ୍ତ।

## ● ଛାତ୍ରଛାତ୍ରୀଙ୍କ ଜୀବନ ସହ ଖେଳ

# ବିଦ୍ୟାଳୟ ପରିସରରେ ବିଦ୍ୟୁତ୍ ଖୁଣ୍ଟ



ଝାରସୁଗୁଡ଼ା, ୩୦।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଚାନ୍ଦନୀମାଲ ପଞ୍ଚାୟତ ଅଧୀନ ବରପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିପଦଜନକ ଅବସ୍ଥାରେ ଏକ ବିଦ୍ୟୁତ୍ ଖୁଣ୍ଟ ରହିଛି। ବିଦ୍ୟାଳୟ ପରିସରରେ ବିଦ୍ୟୁତ ଖୁଣ୍ଟ ରହିଥିବା ବେଳେ ବିଦ୍ୟାଳୟ ଉପର ଦେଇ ବିଦ୍ୟୁତ ତାର ଗୁଡିକ ଘର ମାନଙ୍କୁ ସଂଯୋଗ ହୋଇଛି। ପ୍ରତେକ ଦିନ ଶହ ଶହ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟକୁ ପଢ଼ିବା ପାଇଁ ଆସିଥାନ୍ତି। ତେଣୁ ବିଦ୍ୟାଳୟ ପରିସରରେ ବିଦ୍ୟୁତ ଖୁଣ୍ଟ ଓ ତାର ରହିଥିବା ଯୋଗୁଁ ଅଭିଭାବକ ଗଣ ଭୟଭୀତ ରହୁଥିବା ଅଭିଯୋଗ ହେଉଛି। କୌଣସି ବିପଦ ସୃଷ୍ଟି ହେବା ପୂର୍ବରୁ ଏହାର ସ୍ଥାୟୀ ସମାଧାନର ଆବଶ୍ୟକତା ରହିଛି। ବିଦ୍ୟୁତ ଖୁଣ୍ଟ ସହିତ ତାର ଗୁଡ଼ିକୁ ବିଦ୍ୟାଳୟ ପରିସରରୁ ହଟାଇବା ପାଇଁ ବିଦ୍ୟୁତ ବିଭାଗ ତଥା ଟିପିଡବ୍ଲ୍ୟୁଓଡିଏଲ ଏବଂ ପ୍ରଶାସନ ଦୃଷ୍ଟି ଦେବାକୁ ଅଭିଭାବକ ଗଣ ଅନୁରୋଧ କରିଛନ୍ତି।

## ରିଆମାଳ ବନାଞ୍ଚଳରେ ଛତିଶଗଡ଼ ମହାବଳ

# ବାଘ ପାଦଚିହ୍ନ ଠାବ ପରେ ଗାଁରେ ଆତଙ୍କ





ଦେବଗଡ଼, ୩୦।୯ (ସମିସ): ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳର ପଳସମା ସେକ୍ସନରେ ମହାବଳ ବାଘର ଆତଙ୍କ ଖେଳିଯାଇଛି। ଗତ କିଛି ଦିନ ହେଲା ବାଘ ବୁଲୁଥିବା ନେଇ ଗ୍ରାମବାସୀ କହିଆସୁଥିବା ବେଳେ ଆଜି ପ୍ରଥମଥର ପାଇଁ ମହାବଳ ବାଘର ପାଦଚିହ୍ନ ସଂଗ୍ରହ କରାଯାଇଛି। ବାବାଜୀ ମଠ ଗାଁ ନିକଟ ଝାରମୁଣ୍ଡା ଜଙ୍ଗଲରେ ମହାବଳ ବାଘର ପାଦଚିହ୍ନ ଠାବ ହୋଇଛି। ବନବିଭାଗ ପାଦଚିହ୍ନର ନମୂନା ସଂଗ୍ରହ କରିବା ସହିତ ବିଶେଷଜ୍ଞ ଦଳ ଏହାର ଯାଞ୍ଚ କରୁଛନ୍ତି।

ଗତ କିଛି ଦିନ ହେଲା ଏକ ମହାବଳ ବାଘ ରିଆମାଳ ବନାଞ୍ଚଳରେ ବୁଲୁଥିବା ବନବିଭାଗ ପାଖରେ ସୂଚନା ରହିଥିଲା। ବାଘର ଗତିବିଧି ଉପରେ ନଜର ରଖିବା ପାଇଁ ବନବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଟ୍ରାପ କ୍ୟାମେରା ଲଗାଯିବା ସହ ବାଘକୁ ଠାବ କରିବା ପାଇଁ ସ୍ୱତନ୍ତ୍ର ସନ୍ଧାନୀ ଦଳ ଗଠନ କରାଯାଇ ପାଟ୍ରୋଲିଂ କରାଯାଉଛି। ତେବେ କ୍ୟାମେରାରେ ମହାବଳ ବାଘର କୌଣସି ଚିତ୍ର ଏଯାଏଁ ଆସି ନଥିବା ବେଳେ ପାଦଚିହ୍ନ ଠାବ ହେବା ପରେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ନିକଟସ୍ଥ ଗାଁ ମାନଙ୍କରେ ଡାକବାଜି ଯନ୍ତ୍ରରେ ଲୋକଙ୍କୁ ପାଖ ଜଙ୍ଗଲରେ ଗୃହପାଳିତ ପଶୁ ନ ଛାଡିବା ଓ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ପାଇଁ ଏକୁଟିଆ ନ ଯିବାକୁ ସଚେତନ କରାଯାଉଛି। ଗାଁରେ ମହାବଳ ବାଘ ଆସିଥିବା ଖବର ପ୍ରଚାରିତ ହେବା ପରେ ଘରେ ଘରେ ସନ୍ଧ୍ୟାରେ ତାଟି କବାଟ ପଡ଼ିଯାଉଥିବା ଦେଖା ଯାଉଛି। ଲୋକେ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ରହିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବନଖଣ୍ଡ ଅଧିକାରୀ ରଶ୍ମି ଜୀଙ୍କ ମତାମତ ଲୋଡ଼ା ଯାଇଥିଲା। ମହାବଳ ବାଘଟି ଛତିଶଗଡ଼ ଜଙ୍ଗଲରୁ ସୁନ୍ଦରଗଡ଼ ଓ ବଣେଇ ବନଖଣ୍ଡ ଅଧୀନ ବିଭିନ୍ନ ଜଙ୍ଗଲ ଦେଇ ଦେବଗଡ଼ ବନଖଣ୍ଡରେ ପହଞ୍ଚିଥିବା ସେ ପ୍ରକାଶ କରିଥିଲେ। ଏହାସହ ବର୍ତ୍ତମାନ ମହାବଳଟି ରିଆମାଳ ବନାଞ୍ଚଳ ଜଙ୍ଗଲ ମଧ୍ୟରେ ରହିଥିବା ସୂଚନା ଦେଇଥିଲେ। ତେବେ ବାଘଟି କୌଣସି ଗୃହପାଳିତ ପଶୁ କିମ୍ବା ମଣିଷ ଉପରେ ଆକ୍ରମଣ କରିଥିବା କୌଣସି ଅଭିଯୋଗ ଆସି ନାହିଁ। ବନ ବିଭାଗ ପକ୍ଷରୁ ବାଘର ଗତିବିଧି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଉଛି। ଏଣୁ ଲୋକେ ଆତଙ୍କିତ ନ ହେବାକୁ ବନଖଣ୍ଡ ଅଧିକାରୀ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଛନ୍ତି।

## ୪୪ ବର୍ଷରେ ଗାନ୍ଧୀ ଛକ ଦୁର୍ଗାପୂଜା

# ମନମୋହୁଛି ମନ୍ଦିର ସଦୃଶ ତୋରଣ

ଝାରସୁଗୁଡ଼ା, ୩୦।୯ (ସମିସ)



ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୌର ପରିଷଦ ଗାନ୍ଧୀଛକ ଜୟ ଦୁର୍ଗା କ୍ଲବ୍ ପକ୍ଷରୁ ଆୟୋଜିତ ସାର୍ବଜନିନ ଦୁର୍ଗାପୂଜା ୧୯୮୨ ମସିହାରୁ ପୂଜା ଆରମ୍ଭ ହୋଇଥିବା ବେଳେ ଏଥର ୪୪ ବର୍ଷରେ ପଦାର୍ପଣ କରିଛି। ପୂଜା ପେଣ୍ଡାଲକୁ ଅଧିକ ଆକର୍ଷଣୀୟ କରିବାକୁ କପଡ଼ା ସାଜସଜ୍ଜାରେ ମନ୍ଦିର ଢାଞ୍ଚାରେ ନିର୍ମିତ ତୋରଣ ମଣ୍ଡପ ସାଙ୍ଗକୁ ଆଲୋକମାଳା ଭକ୍ତଙ୍କ ମନମୋହୁଛି। ଗଣ୍ଡଘୋରା ହାଇସ୍କୁଲ ପଡ଼ିଆରେ ଦଶମୀ ଦିନ ରାବଣପୋଡି ପାଇଁ ମଧ୍ୟ ପୂଜା କମିଟି ତରଫରୁ ପ୍ରସ୍ତୁତି ଜାରି ରହିଛି। ମୁଖ୍ୟ ତୋରଣ, ମେଢ଼ ଓ ଆଲୋକ ସାଜସଜ୍ଜା ସହିତ ଭଜନ ସମାରୋହ ଲୋକଙ୍କୁ ବାନ୍ଧି ରଖୁଛି। ଗତ ୨୨ ବର୍ଷ ଧରି ଗାନ୍ଧୀଛକ ଦୁର୍ଗାପୂଜାର ମେଢ଼ ନିର୍ମାଣ କାର୍ଯ୍ୟର ଦାୟିତ୍ୱ ବ୍ରଜରାଜନଗର ଓଡ଼ିଶା ଟେଷ୍ଟ ହାଉସର ସତ୍ୟାନନ୍ଦ ଦାସଙ୍କ ଉପରେ ନ୍ୟସ୍ତ ଅଛି। କୋଲକାତାରୁ ଆସିଥିବା ୩୫ ଜଣ କାରିଗର ୧୫ ଦିନ ଲାଗି ମଣ୍ଡପ ତିଆରି କରିଛନ୍ତି। ବ୍ରଜରାଜନଗର ସ୍ଥାନୀୟ କାରିଗର କେଆର୍‌ପାଲ ମାଁଙ୍କ ସହ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ଗଢ଼ିଛନ୍ତି। ପୁଣି ପାଖାପାଖି ୨ କିମି ପର୍ଯ୍ୟନ୍ତ ତୋରଣ ଓ ରଙ୍ଗୀନ ଆଲୋକମାଳାରେ ଝଲସୁଛି ସମଗ୍ର ଗାନ୍ଧୀଛକ। ବ୍ରଜରାଜନଗରର ସଞ୍ଜନ ସିଂହ ଲାଇଟ୍ ସାଜସଜ୍ଜା କାର୍ଯ୍ୟ କରିଛନ୍ତି। ପୂଜା ପାଇଁ କମିଟି ପକ୍ଷରୁ ପାଖାପାଖି ୧୫ରୁ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି।

୨୮ ତାରିଖ ଷଷ୍ଠୀ ତିଥିରେ ବିଲ୍ୱବରଣ ଓ କଳସ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ୨୯ରେ ମହାସପ୍ତମୀରେ ଦେବୀ ପ୍ରାଣ ପ୍ରତିଷ୍ଠା, ଆବାହନ ପୂଜା, ଚଣ୍ଡିହୋମ, ଭାଇ ଜିଉଁନ୍ତିଆ ଏବଂ ୩୦ ତାରିଖରେ ମହାଅଷ୍ଟମୀ ବିହିତ ପୂଜା, ଚଣ୍ଡିହୋମ୍, ସନ୍ଧିପୂଜା ସମ୍ପାଦନ ହୋଇଛି। ଅକ୍ଟୋବର ୧ ତାରିଖରେ ମହାନବମୀ ଚଣ୍ଡୀହୋମ, ପୂର୍ଣ୍ଣାହୁତି ଓ ଘଟ ବିସର୍ଜନ ପୂଜା କରାଯିବ। ସେହିପରି ଆସନ୍ତା ୨ ତାରିଖରେ ମହାଦଶମୀ ବିହିତ ପୂଜା, ଅପରାଜିତା ପୂଜା, ପୂଜା, ରାବଣ ଦହନ ଏବଂ ୩ ତାରିଖ ଏକାଦଶୀ ଦିନ ଭସାଣୀ ହେବ। ଏଥିରେ ପାରମ୍ପରିକ ରୀତିନୀତିରେ ହେମଗିରର ଝୁମେର ବାଦ୍ୟ, ବଡରମା ସମ୍ବଲପୁରର ଘଣ୍ଟ ବାଦ୍ୟ, ଧମାର ସିଂହ ବାଜା ଆଦି ପାରମ୍ପରିକ ଲୋକ ବାଦ୍ୟ ଓ ଲୋକନୃତ୍ୟ ଦ୍ୱାରା ମାଁଙ୍କୁ ମେଲାଣି ଦିଆଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ୩ ଦିନ ଖେଚୁଡି ଭୋଗ ବଣ୍ଟନ କରାଯାଉଥିବା ବେଳେ ଦଶମୀ ଦିନ କ୍ଷୀରି ଭୋଗ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏଥର ପଣ୍ଡିତ ପ୍ରଦୀପ ମିଶ୍ର ମୁଖ୍ୟ ପୂଜକ ଭାବେ ଏବଂ କର୍ତ୍ତା ଭାବେ ରୁଦ୍ରପ୍ରତାପ ଭୋଇ ଓ ପତ୍ନୀ ମମତା ଭୋଇ ଦାୟିତ୍ୱ ତୁଲାଉଛନ୍ତି। କମିଟି ସଭାପତି ମଣିରାମ ସିଂହ, ଉପସଭାପତି ଗୁରୁଦେବ ବଡ଼ାଇ, ସମ୍ପାଦକ ତପନ ବଡ଼ାଇ, ସହସମ୍ପାଦକ ଅମିତ ହୋତା, କୋଷାଧ୍ୟକ୍ଷ ଅଶୋକ ବଡପଣ୍ଡା, ସହକୋଷାଧ୍ୟକ୍ଷ କିଶୋର ସାହୁଙ୍କ ସମେତ ପୂଜା କମିଟିର ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି।

# ସମଲେଶ୍ୱରୀ ମନ୍ଦିରରେ ମା'ଙ୍କ ପୂଜାର୍ଚ୍ଚନା

ଝାରସୁଗୁଡ଼ା, ୩୦।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଅଧୀନ ରାଜପୁର ସମଲେଶ୍ୱରୀ ମନ୍ଦିରରେ ମାଁଙ୍କ ଷୋଡ଼ଶ ଦିନାତ୍ମକ ପୂଜା ସମସ୍ତ ବିଧି ମୁତାବକ ଜାରି ରହିଛି। ମନ୍ଦିରରେ ସନ୍ଧ୍ୟାରେ ଅଷ୍ଟମୀ ବିହିତ ପୂଜା ଅନୁଷ୍ଠିତ ହୋଇଥିଲା। ରାଜ ପୁରୋହିତ ପ୍ରଦୀପ ପାଟଯୋଶୀ ମାଁ ସମଲେଶ୍ୱରୀଙ୍କ ସହିତ ପାର୍ଶ୍ୱ ଦେବୀ ଦକ୍ଷିଣକାଳୀ, ମହାମାୟୀ, ବାଉତି, ଦୁର୍ଗା, ବଟୁ ଭୈରବ, ବଟୁମଙ୍ଗଳା, ଛତର, ବୈରଖି, ଦ୍ୱାରପାଳ, ନବ ଦୁର୍ଗା, ବଞ୍ଜାରୀ, ଖମ୍ବେଶ୍ୱରୀ ଦେବୀଙ୍କ ପୂଜାର୍ଚ୍ଚନା ପରେ ସପ୍ତଶତୀ ଚଣ୍ଡୀପାଠ ସହିତ ଦେବୀମାନଙ୍କୁ ଆବାହନ କରି ଯଜ୍ଞରେ ଘୃତାହୁତି ପ୍ରଦାନ କରିଥିଲେ। ଅନ୍ୟପଟେ ପ୍ରାଚୀନ ପ୍ରଥା ଅନୁଯାୟୀ ପୀଠ ଦେବୀଙ୍କର ଅଷ୍ଟମୀ ବିହିତ ପୂଜା ଦିନଠାରୁ ଦଶମୀ ବିସର୍ଜନ ପର୍ଯ୍ୟନ୍ତ ଶିଶୁ ଓ ମହିଳାମାନଙ୍କୁ ସମଲେଶ୍ୱରୀ ମନ୍ଦିର ଓ ଦୁର୍ଗା ଗୁଡିରେ ପ୍ରବେଶ ସମ୍ପୂର୍ଣ୍ଣ ନିଷେଧ ରହିଛି। ଏହା ସହିତ ଅଷ୍ଟମୀ ତିଥି ରାତିରେ ରାଜପୁର ଜିମିଦାର ଘର ସମ୍ମୁଖରେ ଥିବା ଦୁର୍ଗା ମନ୍ଦିର ଗୁଡିରେ ଖଣ୍ଡା ଧୁଆ ଓ ପୂଜା ଅନୁଷ୍ଠିତ ହୋଇଯାଇଛି। ରାଜପୁର ଜମିଦାର ଗିରିଶ ଚନ୍ଦ୍ର ସାଏ ଓ ଜମିଦାର ବଂଶଜମାନେ ଅସ୍ତ୍ରଶସ୍ତ୍ର ଧରି ମଶାଲ ଆଲୋକରେ ବସୁନ୍ଧରା ନଦୀ ଘାଟକୁ ଯାଇଥିଲେ। ସେଠାରେ ରାଜ ପୁରୋହିତ ପ୍ରଦୀପ ପାଟଯୋଶୀ ଗୁପ୍ତ ତନ୍ତ୍ର ବିଧିରେ ପାଟ ଖଣ୍ଡା ଓ ଅନ୍ୟ ଖଣ୍ଡା ଗୁଡିକୁ ପୂଜାର୍ଚ୍ଚନା କରିବା ପରେ ଅସ୍ତ୍ରଶସ୍ତ୍ର ଗୁଡିକୁ ଦୁର୍ଗା ମନ୍ଦିରକୁ ଅଣାଯାଇ ଗୋପନ ନୀତିରେ ଉପସ୍ଥାପନ, ହୋମ ଯଜ୍ଞ, ଅଖଣ୍ଡ ଦୀପ ଦାନ ଆଦି ପୂଜାର୍ଚ୍ଚନା କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟା ୬.୩୩ ମିନିଟ୍ ସମୟରେ ରାଜପୁର ସମଲେଶ୍ୱରୀ ମନ୍ଦିରରେ ନବମୀ ବିହିତ ପୂଜା, ଚଣ୍ଡୀ ପାଠ ଓ ହୋମ କରାଯାଇଛି। ସେହିପରି ୧ ତାରିଖ ବୁଧବାର ଦିନ ମନ୍ଦିରରେ ବିଜୟା ଦଶମୀ ତିଥି ଉପଲକ୍ଷେ ସନ୍ଧ୍ୟା ୬.୫୪ ମିନିଟ୍ ସମୟ ପରେ ବିସର୍ଜନ ପୂଜା, ଘଟ ବିସର୍ଜନ ସହିତ ଦେଓଗାଁ ସ୍ଥିତ ଇବ ଓ ବସୁନ୍ଧରା ନଦୀ ସଙ୍ଗମ ସ୍ଥଳରେ ରଣଜିତା, ଅସ୍ତ୍ରଶସ୍ତ୍ର ପୂଜା ଆଦି କରାଯିବ।



## ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଆରମ୍ଭ

# ଭାରତର ସମ୍ମାନ ରଖିଲେ ଦୀପ୍ତି, ଅମନଜୋତ୍

ଗୌହାଟୀ, ୩୦।୯ (ଏଜେନ୍ସି)

ମହିଳା ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ମଙ୍ଗଳବାର ଏଠାରେ ଉଦ୍‌ଘାଟିତ ହୋଇଯାଇଛି। ଦୁଇ ଆୟୋଜକ ଦଳ ଭାରତ ଓ ଶ୍ରୀଲଙ୍କା ଉଦ୍‌ଘାଟନୀ ମୁକାବିଲାରେ ପରସ୍ପର ସାମ୍ନାସାମ୍ନି ହୋଇଛନ୍ତି। ବର୍ଷା ବାଧାପ୍ରାପ୍ତ ୪୭ ଓଭରବିଶିଷ୍ଟ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଘରୋଇ ଭାରତ ୮ ୱିକେଟ୍‌ରେ ୨୬୯ ରନ କରିଥିଲା। ମ୍ୟାଚ୍ ମଝିରେ ବର୍ଷା ହୋଇଥିବାରୁ ଡିଏଲ୍ ପଦ୍ଧତିରେ ଶ୍ରୀଲଙ୍କା ସାମ୍ନାରେ ପୁନଃନିର୍ଦ୍ଧାରିତ ଲକ୍ଷ୍ୟ ୨୭୧ ରନ ଧାର୍ଯ୍ୟ କରାଯାଇଛି। ଏହାକୁ ପିଛା କରିଥିବା ଶ୍ରୀଲଙ୍କା ଦଳ ଶେଷ ଖବର ସୁଦ୍ଧା ୨୫ ଓଭରରେ ୪ ୱିକେଟ୍ ହରାଇ ୧୧୮ ରନ ସଂଗ୍ରହ କରିଛି।

ଏହି ଉଦ୍‌ଘାଟନୀ ଲଢ଼େଇରେ ଟସ୍ ଜିତି ଶ୍ରୀଲଙ୍କା ଅଧିନାୟିକା ଚମାରି ଆଟାପାଟ୍ଟୁ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୪ର୍ଥ ଓଭରରେ ଇନଫର୍ମ ଓପନର୍ ତଥା ତାରକା ବ୍ୟାଟର୍ ସ୍ମୃତି ମନ୍ଧାନାଙ୍କ ୱିକେଟ୍ ହରାଇଥିଲା। ମନ୍ଧାନା ୮ ରନ କରି ଉଦ୍ଦେଶିକା ପ୍ରବୋଧିନୀଙ୍କ ବଲରେ ଆଉଟ୍ ହୋଇଥିଲେ। ପରେ ଅନ୍ୟତମ ଓପନର ପ୍ରତୀକା ରାୱଲଙ୍କ ସହ ମିଶି ହର୍ଲିନ ଦେଓଲ ଦଳର ସ୍ଥିତି ସମ୍ଭାଳିଥିଲେ। ଦ୍ୱିତୀୟ ୱିକେଟ୍‌ରେ ଉଭୟଙ୍କ ମଧ୍ୟରେ ୬୭ ରନର ଭାଗୀଦାରି ହୋଇଥିଲା। ତେବେ ପ୍ରତୀକା ୩୭ ରନ କରି ଆଉଟ୍ ହେବାପରେ ଭାରତର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ବାମହାତୀ ସ୍ପିନର ଇନୋକା ରଣୱିରା ଏହି ଯୋଡ଼ି ଭାଙ୍ଗିଥିଲେ। ପରବର୍ତ୍ତୀ ସମୟରେ ହର୍ଲିନ (୪୮ ରନ), ଜେମିମା ରୋଡ୍ରିଗ୍ସ (୦), ଅଧିନାୟିକା ହରମନପ୍ରୀତ୍ କୌର (୨୧ ରନ)ଙ୍କୁ ଆଉଟ୍ କରି ଇନୋକା ଭାରତକୁ ବ୍ୟାକଫୁଟ୍‌କୁ ଠେଲିଦେଇଥିଲେ। ୱିକେଟ୍‌ରକ୍ଷକ ରିଚା ଘୋଷ ମଧ୍ୟ ୨ ରନ କରି ଆଉଟ୍ ହୋଇଥିଲେ। ଫଳରେ ଭାରତ ୧୨୪ ରନରେ ୬ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ତେବେ ଏହି ସମୟରେ ଅଭିଜ୍ଞ ଦୀପ୍ତି ଶର୍ମା ଓ ଯୁବ ଅଲ୍‌ରାଉଣ୍ଡର ଅମନଜୋତ୍ କୌର ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକୀୟ ପାଳି ଖେଳି ଦଳୀୟ ସ୍କୋରକୁ ୨୦୦ ରନ ପାର୍ କରାଇବାରେ ସହାୟତା କରିଥିଲେ। ଦୀପ୍ତି ୫୩ ବଲରେ ୫୩ ରନ କରି ୧୬ତମ ଦିନିକିଆ ଅର୍ଦ୍ଧଶତକ ହାସଲ କରିଥିଲେ। ସେହିଭଳି ଅମନଜୋତ୍ ୫ ଚୌକା ଓ ୧ ଛକା ବଳରେ ୫୬ ବଲରୁ ୫୭ ରନ କରିଥିଲେ। ଏହା ତାଙ୍କର ପ୍ରଥମ ଅର୍ଦ୍ଧଶତକ ଥିଲା। ସ୍ନେହ ରାଣା ଶେଷ ଭାଗରେ ୧୫ ବଲରେ ଅପରାଜିତ ୨୮ ରନ କରିବାରୁ ଦଳର ସ୍କୋର ୮ ୱିକେଟ୍‌ରେ ୨୬୯ ରନ ହୋଇଥିଲା। ଶ୍ରୀଲଙ୍କା ପାଇଁ ଇନୋକା ୪ଟି ଓ ପ୍ରବୋଧିନୀ ୨ଟି ୱିକେଟ୍ ପାଇଥିଲେ।



ଅମନଜୋତ୍ କୌର

### ଜୁବୀନ ଗର୍ଗଙ୍କୁ ଦିଆଗଲା ଶ୍ରଦ୍ଧାଞ୍ଜଳି

ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ ଆସାମର ମହାନ କଣ୍ଠଶିଳ୍ପୀ ତଥା ନିକଟରେ ଇହଲୀଳା ସମ୍ବରଣ କରିଥିବା ଜୁବୀନ ଗର୍ଗଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଜଣାଶୁଣା କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲ ଜୁବୀନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ଉଦ୍ଦେଶ୍ୟରେ ସଙ୍ଗୀତ ପରିବେଷଣ କରିଥିଲେ।

### ସମସ୍ତ ଭାରତୀୟ ଅଧିନାୟିକା ସମ୍ବର୍ଦ୍ଧିତ




ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ମହିଳା ଦିନିକିଆ ବିଶ୍ୱକପ୍ ପୂର୍ବରୁ ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ବିସିସିଆଇ ଏକ ନିଆରା ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରିଥିଲା। ଏଥିରେ ଭାରତୀୟ ମହିଳା କ୍ରିକେଟ୍ ଇତିହାସର ସମସ୍ତ ଅଧିନାୟିକାଙ୍କୁ ନିମନ୍ତ୍ରଣ କରାଯାଇ ସମ୍ବର୍ଦ୍ଧନା କରାଯାଇଥିଲା। ୧୯୭୬ରୁ ଭାରତୀୟ ମହିଳା କ୍ରିକେଟ୍ ଦଳ ଖେଳି ଆସିଥିବା ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚରୁ ବର୍ତ୍ତମାନ ପର୍ଯ୍ୟନ୍ତ ନେତୃତ୍ୱ ନେଇଥିବା ସମସ୍ତ ଅଧିନାୟିକା ଏହି ଅବସରରେ ଉପସ୍ଥିତ ରହିଥିଲେ। ଯେଉଁମାନଙ୍କ ମଧ୍ୟରେ ଶନ୍ତା ରଙ୍ଗାସ୍ୱାମୀ, ଡାଏନା ଏଡୁଲଜୀ, ପ୍ରମିଳା ଭଟ୍ଟ, ସୌଭାଗିନୀ କୁଲକର୍ଣ୍ଣୀ, ସନ୍ଧ୍ୟା ଅଗରୱାଲ, ନୀତୁ ଡେଭିଡ୍ ଓ ମିତାଲି ରାଜ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିସିସିଆଇର ସଭାପତି ମିଥୁନ ମାନହାସ ଉପସ୍ଥିତ ଥିଲେ।

## ବିଶ୍ୱ ପାରା ଆଥ୍‌ଲେଟିକ୍ସ

### ଜାଭେଲିନରେ ସନ୍ଦୀପଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି): ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ଚାଲିଥିବା ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଭାରତୀୟ ଖେଳାଳିଙ୍କ ପଦକ ବିଜୟ ଧାରା ଜାରି ରହିଛି। ମଙ୍ଗଳବାର ଭାରତୀୟ ଆଥ୍‌ଲେଟ୍ ୩ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ରହିଛି। ପୁରୁଷ ଜାଭେଲିନ ଥ୍ରୋ ଏଫ୍-୪୪ ବର୍ଗରେ ଭାରତର ସନ୍ଦିପ ସଞ୍ଜୟ ସାଗର ଓ ସନ୍ଦୀପ ଚୌଧୁରୀ ଯଥାକ୍ରମେ ପୋଡିୟମର ପ୍ରଥମ ଦୁଇଟି ସ୍ଥାନରେ ରହି ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ। ସାଗର ୬୨.୮୨ ମିଟର ଜାଭେଲିନ ଫିଙ୍ଗି ପ୍ରଥମ ସ୍ଥାନରେ ରହିଥିଲେ। ସେହିଭଳି ସନ୍ଦୀପ ୬୨.୬୭ ମିଟର ସହ ଦ୍ୱିତୀୟ ସ୍ଥାନ ଲାଭ କରିଥିଲେ। ଅପରପକ୍ଷରେ ପୁରୁଷ ଡିସକସ୍ ଥ୍ରୋ ଏଫ୍-୫୬ ବର୍ଗରେ ଯୋଗେଶ କାଥୁନିୟା ରୌପ୍ୟ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଛନ୍ତି।



### ହକି କିମ୍ବଦନ୍ତୀ ଶାହିଦଙ୍କ ଘର ଭାଙ୍ଗିଲା ପ୍ରଶାସନ

ବାରଣାସୀ, ୩୦।୯ (ଏଜେନ୍ସି): ଭାରତୀୟ ହକି ଦଳର ପୂର୍ବତନ କିମ୍ବଦନ୍ତୀ ଖେଳାଳି ତଥା ପଦ୍ମଶ୍ରୀ ମହମ୍ମଦ ଶାହିଦ୍‌ଙ୍କ ଘରକୁ ଉତ୍ତର ପ୍ରଦେଶ ସରକାର ଭାଙ୍ଗିଦେଇଛି। ରାସ୍ତା ପ୍ରଶସ୍ତିକରଣ ଲାଗି ବୁଲଡୋଜର ସହାୟତାରେ ଘରର କିଛି ଅଂଶକୁ ଭଙ୍ଗାଯାଇଛି। ଶାହିଦଙ୍କ ଘର ବାରଣାସୀର କଚେରୀରୁ ସନ୍ଦହାରା ରାସ୍ତାରେ ଅବସ୍ଥିତ। ଏହି ଘଟଣାରେ ଶାହିଦଙ୍କ ଭଉଣୀ ନାଜନୀନ ପ୍ରଶାସନ ଉପରେ କ୍ଷୋଭ ପ୍ରକାଶ କରିବା ସହ ତାଙ୍କୁ କ୍ଷତିପୂରଣ ମିଳି ନ ଥିବା ଏବଂ ତାଙ୍କର ଆଉ କୌଣସି ବିକଳ୍ପ ବାସସ୍ଥାନ ନ ଥିବା କହିଛନ୍ତି। ତେବେ ବାରଣାସୀ ଏଡିଏମ୍ ଆଲୋକ ବର୍ମା କହିଛନ୍ତି, 'ରାସ୍ତା ପ୍ରଶସ୍ତୀକରଣ ପ୍ରକଳ୍ପରେ କେବଳ ସେହି ସମ୍ପତ୍ତିଗୁଡ଼ିକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଯାହାର ପୂର୍ବରୁ କ୍ଷତିପୂରଣ ପ୍ରଦାନ ଦିଆଯାଇଛି। ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ କ୍ଷତିପୂରଣ ଲାଗି ଆଧାର ଓ ଆକାଉଣ୍ଟ ବିବରଣୀ ମଗାଯାଇଥିଲା। କିନ୍ତୁ ସେମାନେ ଡକ୍ୟୁମେଣ୍ଟ ପ୍ରଦାନ କରିବାରେ ବିଫଳ ହୋଇଥିଲେ।' ଅପରପକ୍ଷରେ ଉତ୍ତର ପ୍ରଦେଶ କଂଗ୍ରେସ ସଭାପତି ଅଜୟ ରାୟ ଜଣେ କିମ୍ବଦନ୍ତୀ ଖେଳାଳିଙ୍କ ଘର ଭାଙ୍ଗିବା ଘଟଣାକୁ ନିନ୍ଦା କରିଛନ୍ତି।

## ପୁରସ୍କାର ଉତ୍ସବରେ ମୁଁ କାର୍ଟୁନ୍ ପରି ଛିଡ଼ା ହୋଇଥିଲି: ନକଭୀ

ଦୁବାଇ, ୩୦।୯ (ଏଜେନ୍ସି): ଏସିଆ କପ୍ କ୍ରିକେଟ୍‌ରେ ପାକିସ୍ତାନକୁ ୫ ୱିକେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଥିବା ଭାରତୀୟ ଦଳକୁ ଟ୍ରଫି ଦିଆ ନ ଯିବାକୁ ନେଇ ବିବାଦ ଘନେଇବାରେ ଲାଗିଛି। ଏସିଆନ କ୍ରିକେଟ୍ ପରିଷଦ (ଏସିସି)ର ମୁଖ୍ୟ ଥିବା ପାକିସ୍ତାନର ମୋହସୀନ ନକଭୀଙ୍କ ହାତରୁ ଟ୍ରଫି ଗ୍ରହଣ କରିବାକୁ ଭାରତୀୟ ଖେଳାଳି ମନା କରିଦେଇଥିଲେ। ଫଳରେ ନକଭୀ ଶେଷରେ ଏସିଆ କପ୍ ଟ୍ରଫି ଓ ଭାରତୀୟ ଖେଳାଳିଙ୍କ ପଦକ ନେଇ ହୋଟେଲକୁ ଚାଲିଯାଇଥିଲେ। ଏହାକୁ ନେଇ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆପତ୍ତି ଉଠାଇଥିଲା। ଏନେଇ ମଙ୍ଗଳବାର ଦୁବାଇରେ ଏସିସି ବୈଠକ ବସିଥିବାବେଳେ ଏଥିରେ ବିସିସିଆଇର ଉପସଭାପତି ରାଜୀବ ଶୁକ୍ଲା ଜୋରଦାର ବିରୋଧ କରିଥିଲେ। ଏସିଆ କପ୍ ଟ୍ରଫି କାହାର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ ଯେ ସାଙ୍ଗରେ ନେଇ ପଳାଇବ ବୋଲି ରାଜୀବ ରୋକଠୋକ ନକୀଭଙ୍କୁ ଶୁଣାଇଦେଇଥିଲେ। ରାଜୀବ କହିଥିଲେ, 'ଏହା ଏସିସି ଟ୍ରଫି, କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ଟ୍ରଫିକୁ ବିଜେତା ଦଳକୁ ଆନୁଷ୍ଠାନିକ ଭାବେ ପ୍ରଦାନ କରାଯିବାର ଥିଲା।' ଏଥିରେ ନକଭୀ ସଫେଇ ଦେଇ କହିଥିଲେ, 'କୌଣସି କାରଣ ନ ଥାଇ ମୁଁ ଷ୍ଟେଜ ଉପରେ କାର୍ଟୁନ ପରି ଛିଡ଼ା ହୋଇରହିଥିଲି। ଭାରତୀୟ ଦଳ ମୋ ହାତରୁ ଟ୍ରଫି ଗ୍ରହଣ କରିବ ନାହିଁ ବୋଲି ଏସିସିକୁ ଲିଖିତ ଭାବେ କୌଣସି ସ୍ଥାନରେ ଜଣାଇ ନ ଥିଲା।' ଏହାପରେ ରାଜୀବଙ୍କ କଡ଼ା ପ୍ରଶ୍ନକୁ ସାମ୍ନା କରି ନ ପାରି ନକଭୀ ଏ ପ୍ରସଙ୍ଗରେ ଏବେ ନୁହେଁ ପରେ ଆଲୋଚନା କରିବା କହି ଏଡ଼ାଇ ଯାଇଥିଲେ। ଉଲ୍ଲେଖଯୋଗ୍ୟ, ଭାରତୀୟ ଖେଳାଳି ମଙ୍ଗଳବାର ୟୁଏଇରୁ ବିନା ଟ୍ରଫିରେ ସ୍ୱଦେଶ ଫେରିଛି।

## ହାସିନାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇବା ପଡ଼ିଲା ମହଙ୍ଗା

### ଆଉ ବାଂଲାଦେଶ ପାଇଁ ଖେଳିପାରିବେନି ଶାକିବ

ଢାକା, ୩୦।୯ (ଏଜେନ୍ସି): ଅଭିଜ୍ଞ ଅଲ୍‌ରାଉଣ୍ଡର ଶାକିବ ଅଲ୍ ହାସନ ଆଉ ବାଂଲାଦେଶ କ୍ରିକେଟ୍ ଦଳ ପାଇଁ ଖେଳିପାରିବେ ନାହିଁ। ବର୍ତ୍ତମାନ ବାଂଲାଦେଶ ଅନ୍ତରୀଣ ସରକାରରେ କ୍ରୀଡ଼ା ପରାମର୍ଶଦାତା ଆସିଫ୍ ମହମ୍ମଦ ମଙ୍ଗଳବାର ଏହି ଘୋଷଣା କରିଛନ୍ତି। ବାଂଲାଦେଶରୁ ପଳାୟନ କରିଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଆୱାମୀ ଲିଗ୍ ମୁଖ୍ୟ ଶେଖ୍ ହାସିନାଙ୍କୁ ଶାକିବ ନିକଟରେ ଫେସବୁକ୍ ଜରିଆରେ ଜନ୍ମଦିନ ଶୁଭେଚ୍ଛା ଜଣାଇଥିଲେ। ଏହି ଶୁଭେଚ୍ଛା ହିଁ ୩୮ ବର୍ଷୀୟ ଶାକିବଙ୍କୁ ମହଙ୍ଗା ପଡ଼ିଛି। ହାସିନା ସରକାରରେ ଶାକିବ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ତେବେ ହାସିନା ସରକାର ଭାଙ୍ଗିବା ପରଠାରୁ ଶାକିବ ଗତ ୧୨ ମାସ ହେବ ଆଉ ବାଂଲାଦେଶ ଆସିନାହାନ୍ତି। ସେହିଭଳି ତାଙ୍କୁ ମଧ୍ୟ ଜାତୀୟ ଦଳ ପାଇଁ ଚୟନ କରାଯାଉ ନ ଥିଲା। ଶାକିବ ଏବେ ୟୁଏଇରେ ରହୁଥିବାବେଳେ ବିଭିନ୍ନ ଦେଶରେ ଅନୁଷ୍ଠିତ ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ଲିଗ୍ ଖେଳୁଛନ୍ତି। ହାସିନାଙ୍କୁ ଶାକିବ ଜନ୍ମଦିନ ଶୁଭେଚ୍ଛା ଜଣାଇବା ପରେ ଢାକାର ଏକ ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ ବାଂଲାଦେଶ କ୍ରୀଡ଼ା ପରାମର୍ଶଦାତା ଆସିଫ୍ କହିଛନ୍ତି, 'ଆମେ ତାଙ୍କୁ ବାଂଲାଦେଶ ପତାକା ବହନ କରିବାକୁ ଦେଇପାରିବୁ ନାହିଁ। ତାଙ୍କୁ ବାଂଲାଦେଶ ଜର୍ସି ପିନ୍ଧିବାକୁ ଅନୁମତି ଦେବା ମୋ ପାଇଁ ସମ୍ଭବ ହେବ ନାହିଁ। ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି)କୁ ମୁଁ ପୂର୍ବରୁ କିଛି କହି ନ ଥିଲି। କିନ୍ତୁ ଏବେ ବିସିବି ପାଇଁ ମୋର ସ୍ପଷ୍ଟ ନିର୍ଦ୍ଦେଶ ହେବ ଯେ ଶାକିବ ଆଉ କେବେ ବାଂଲାଦେଶ ପାଇଁ ଖେଳିପାରିବେ ନାହିଁ।' ଉଲ୍ଲେଖଯୋଗ୍ୟ, ବାମହାତୀ ସ୍ପିନ ଅଲ୍‌ରାଉଣ୍ଡର ବାଂଲାଦେଶ ପାଇଁ ୭୧ ଟେଷ୍ଟ, ୨୪୭ ଦିନିକିଆ ଓ ୧୨୯ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଏହି ୩ଟି ଯାକ ଫର୍ମାଟ୍‌ରେ ସେ ଯଥାକ୍ରମେ ୪୬୦୯, ୭୫୭୦ ଓ ୨୫୫୧ ରନ ସଂଗ୍ରହ କରିଛନ୍ତି। ସେହିଭଳି ଟେଷ୍ଟରେ ୨୪୬, ଦିନିକିଆରେ ୩୧୭ ଓ ଟି-୨୦ରେ ୧୪୯ ୱିକେଟ୍ ତାଙ୍କ ନାମରେ ଲିପିବଦ୍ଧ ରହିଛି।



## ନେପାଳର ଐତିହାସିକ ସିରିଜ୍ ବିଜୟ

ଶାରଜା, ୩୦।୯ (ଏଜେନ୍ସି): ନେପାଳ କ୍ରିକେଟ୍ ଦଳ ଐତିହାସିକ ସିରିଜ ବିଜୟ ହାସଲ କରିଛି। ସୋମବାର ଏଠାରେ ଖେଳାଯାଇଥିବା ୨ୟ ଟି-୨୦ ମ୍ୟାଚରେ ନେପାଳ ୯୦ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ଏଥିପୂର୍ବରୁ ସିରିଜର ପ୍ରଥମ ମ୍ୟାଚରେ ମଧ୍ୟ ନେପାଳ ୧୯ ରନରେ ଜିତିଥିଲା। ଏଥିସହ ନେପାଳ ୨-୦ରେ ଆଗୁଆ ସିରିଜ କବଜା କରିନେଇଛି। ଫଳରେ ନେପାଳ ଏହାର କ୍ରିକେଟ୍ ଇତିହାସରେ ପ୍ରଥମଥର ଲାଗି ଏକ ଟେଷ୍ଟ ମାନ୍ୟତା ପାଇଥିବା ଦେଶ ବିପକ୍ଷରେ କୌଣସି ସିରିଜ ଜିତିବାର ଐତିହାସିକ ସଫଳତା ପାଇଛି। ସିରିଜର ଶେଷ ମ୍ୟାଚ୍ ମଙ୍ଗଳବାର ଖେଳାଯାଉଛି। ସୋମବାର ଅନୁଷ୍ଠିତ ଦ୍ୱିତୀୟ ଟି-୨୦ରେ ଟସ୍ ଜିତି ବ୍ୟାଟିଂ କରିଥିବା ନେପାଳ ୱିକେଟ୍‌କିପର ଆସିଫ୍ ସେଫ୍ (୬୮) ଓ ସନ୍ଦୀପ ଜୋରା (୬୩)ଙ୍କ ଅର୍ଦ୍ଧଶତକ ବଳରେ ୬ ୱିକେଟ୍‌ରେ ୧୭୩ ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷ ୱେଷ୍ଟଇଣ୍ଡିଜ ଅଧିନାୟକ ଅକିଲା ହୋସେନ ଓ କାଏଲ୍ ମାୟର୍ସ ୨ଟି ଲେଖାଏ ୱିକେଟ ନେଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ୧୭.୧ ଓଭରରେ ୮୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜାସନ ହୋଲ୍ଡର ସର୍ବାଧିକ ୨୧ ରନ କରିଥିଲେ। ବିଜୟୀ ନେପାଳ ଦଳର ମହମ୍ମଦ ଆଦିଲ ଆଲାମଙ୍କୁ ୪ ଓ କୁଶଳ ଭୁର୍ତେଲଙ୍କୁ ୩ଟି ୱିକେଟ ମିଳିଥିଲା।

## ଜାପାନ ଓପନରେ ବୋପନ୍ନା ରନର୍ସଅପ୍

ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି): ଭେଟେରାନ ଭାରତୀୟ ଟେନିସ ଖେଳାଳି ରୋହନ ବୋପନ୍ନା ଜାପାନ ଓପନରେ ରନର୍ସଅପ୍ ହୋଇଛନ୍ତି। ଜାପାନର ତାକେରୁ ୟୁଜୁକିଙ୍କୁ ସାଥୀ କରି ପୁରୁଷ ଡବଲ୍ସ ଖେଳିଥିବା ବୋପନ୍ନା ଫାଇନାଲରେ ୫-୭, ୫-୭ ସିଧାସଳଖ ସେଟ୍‌ରେ ମୋନାକୋ-ଫ୍ରାନ୍ସ ଯୋଡ଼ି ହୁଗୋ ନ୍ୟାସ ଓ ଏଡୁରାଡୋ ଭାସେଲିନଙ୍କ ନିକଟରୁ ପରାସ୍ତ ହୋଇଥିଲେ। ୪୫ ବର୍ଷୀୟ ବୋପନ୍ନା ଏଠାରେ ଫାଇନାଲରେ ପ୍ରବେଶ ସହ ଓପନ୍ ଏରାରେ ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ଭାବେ କୌଣସି ଏଟିପି ମାଷ୍ଟର୍ସ ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି।

## ଓଡ଼ିଶା ପେଙ୍କାକ ସିଲାଟ୍ ଦଳକୁ ୨୧ ସ୍ୱର୍ଣ୍ଣ



ଭୁବନେଶ୍ୱର, ୩୦।୯ (ସମିସ)

ଜାତୀୟ ଜୁନିଅର ପେଙ୍କାକ୍ ସିଲାଟ୍ ଚାମ୍ପିଅନସିପ୍‌ର ତ୍ରୟୋଦଶ ସଂସ୍କରଣ କର୍ଣ୍ଣାଟକର କୋପ୍ପାଲ ଜିଲ୍ଲାସ୍ଥିତ ଖେଲୋ ଇଣ୍ଡିଆ ଏକ୍ସଲେନ୍ସି ସେଣ୍ଟରେ ଅନୁଷ୍ଠିତ ହୋଇଯାଇଛି। ସେପ୍ଟେମ୍ବର ୨୬ରୁ ଆରମ୍ଭ ହୋଇଥିବା ଏହି ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳ ଉଲ୍ଲେଖନୀୟ ସଫଳତା ହାସଲ କରି ମୋଟ୍ ୪୮ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୨୧ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ ଓ ୧୭ଟି କାଂସ୍ୟ ପଦକ ରହିଛି। ଓଡ଼ିଶାର ୬୦ଜଣ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିବାବେଳେ ରାହୁଲ ସା ଓ ପ୍ରକାଶ ବେହେରା ଦଳର ପ୍ରଶିକ୍ଷଣ ଦାୟିତ୍ୱ ତୁଲାଇଥିଲେ। ଏହି ସଫଳତା ଲାଗି ଓଡ଼ିଶା ପେଙ୍କାକ୍ ସିଲାଟ ସଂଘ ସଭାପତି ତାପସ କୁମାର ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପ୍ପା, ଉପଦେଷ୍ଟା ସୁମନ ମୋଦି ଓ ଖୋର୍ଦ୍ଧା ସଂଘ ସମ୍ପାଦକ ଜୀତେନ୍ଦ୍ର କୁମାର ରାଉତ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଜାତୀୟ ଓପନ୍ ଆଥଲେଟିକ୍ସରେ ଓଡ଼ିଶାକୁ ୪ ପଦକ

କଟକ,୩୦।୯ (ସମିସ): ରାଞ୍ଚିରେ ଆୟୋଜିତ ୬୪ତମ ଓପନ୍ ଆଥଲେଟିକ ଚାମ୍ପିଅନସିପରେ ଓଡ଼ିଶା ମୋଟ୍ ୪ଟି ପଦକ ଜିତିଛି। ମଙ୍ଗଳବାର ଶେଷ ଦିନରେ ମହିଳା ହାମର ଥ୍ରୋରେ ଦିବ୍ୟା ସାନ୍ଦିଲ୍ୟା ରୌପ୍ୟ ପଦକ ଜିତିଥିଲେ। ପ୍ରକାଶଯୋଗ୍ୟ, ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାର ୧୩ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପୁରୁଷ ୪୦୦ମିଟର ରିଲେରେ ଓଡ଼ିଆ ପ୍ରତିଯୋଗୀ କାଂସ୍ୟ ଜିତିଥିଲେ। ହାଇଜମ୍ପରେ କାଂସ୍ୟ ପଦକ ଜିତିଥିଲେ ସ୍ୱାଧୀ କୁମାର ମାଝୀ। ପୁରୁଷ ଲଙ୍ଗଜମ୍ପରେ ସରୁଣ ପାୟାସିଂହ ରୌପ୍ୟ ବିଜୟୀ ହୋଇଥିଲେ।






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS